RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -204 | ସଂଖ୍ୟା-୨୦୪
ଭୁବନେଶ୍ୱର, ଶୁକ୍ରବାର ୩୦ ଅକ୍ଟୋବର ୨୦୨୬
Bhubaneswar, Friday 30 October, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

କ୍ଷତି ଆକଳନ ପାଇଁ ଓଡ଼ିଶା ଆସିବେ କେନ୍ଦ୍ରୀୟ ଟିମ

ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଅମିତ ଶାହ, ଆଜି ବନ୍ୟାଞ୍ଚଳ ପରିଦର୍ଶନ

ଭୁବନେଶ୍ୱର, ୨୯।୧୦(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କଥା ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ବାତ୍ୟା 'ଅର୍ଣ୍ଣବ'କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଓଡ଼ିଶା ସହ ଆନ୍ଧ୍ର, ପୁଡୁଚେରୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ବି କଥା ହୋଇଛନ୍ତି । ବାତ୍ୟା ମୁକାବିଲା ପାଇଁ ଏନଡିଆରଏଫ ଓ ଏସଡିଆରଏଫ ଟିମ୍ ଗୁଡ଼ିକ ସକ୍ରିୟ ହୋଇଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କ୍ଷୟକ୍ଷତିର ଆକଳନ ପାଇଁ ଖୁବ୍ ଶୀଘ୍ର କେନ୍ଦ୍ରୀୟ ଟିମ୍ ପଠାଯିବ ବୋଲି ଶାହ କହିଛନ୍ତି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବନ୍ୟାଞ୍ଚଳ ବୁଲି ଦେଖିବେ। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ରହିବେ।

ଆଜି (ଗୁରୁବାର) ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟରେ ସ୍ଥିତ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଏସଆରସି , ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବର୍ଷା ଜନିତ ବିପ୍ରାତର ସ୍ଥିତିର ସମୀକ୍ଷା କରିଛନ୍ତି।

ବୈଠକରୁ ମିଳିଥିବା ସୂଚନାନୁସାର, ବାତ୍ୟା ଅର୍ଣ୍ଣବ୍ ପ୍ରଭାବରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ଗଞ୍ଜାମ ଜିଲ୍ଲାର ପାତ୍ରପୁର ଠାରେ ୫୪୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଜି ଉଦୟଗିରିଠାରେ ୪୬୨.୪ ମିମି ବର୍ଷା ରେକର୍ଡ଼ କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ ଆଦି ଜିଲ୍ଲାର ଅନେକ ଅଞ୍ଚଳରେ ୨୦୦ ମିମିରୁ ଅଧିକ ଅର୍ଥାତ୍ ଅତି ପ୍ରବଳ ବର୍ଷା ରେକର୍ଡ଼ ହୋଇଛି। ଦୁଇ ଜିଲ୍ଲା ବ୍ୟତୀତ ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲାର ଅନେକ ଅଞ୍ଚଳ ଅଳ୍ପବହୁତ ପ୍ରଭାବିତ ହୋଇଛି। ଗଞ୍ଜାମ ଜିଲ୍ଲାରେ ୯୨୨ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ (୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ) ସହ ୪ଟି ଏସଆରସି ପାୱାର୍ ବୋଟ୍ ନିୟୋଜିତ ହୋଇଛି। ଉଦ୍ଧାରକାରୀ ବୋଟରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୯୩ଜଣ ସୁରକ୍ଷିତ ପ୍ରସବ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାରେ ୪୫ଓଡ୍ରାଫ୍), ୭ଏନଡିଆରଏଫ୍), ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା,ଗୁଡ଼ ଓ ପଲିଥିନ୍ ରୋଲ୍ ବ୍ୟବସ୍ଥା କରାଯାଇଛି। ଗଜପତି ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ୍, ବଡ଼ନାଳ ଏବଂ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି।ବଂଶଧାରାରେ ଜଳସ୍ତର ୫୨.୫ ମିଟର ; ଯାହା ବିପଦ ସଙ୍କେତ (୫୪.୧୦ ମିଟର) ଠାରୁ ବହୁତ କମ୍ ଅଛି । ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୩୩ଜଣସୁରକ୍ଷିତ ସନ୍ତାନ ଜନ୍ମ ଦେଇଛନ୍ତି। ଗଜପତି ଜିଲ୍ଲାରେ ୧୨ ଓଡ୍ରାଫ୍, ୧ ଏନଡିଆରଏଫ୍ ଏବଂ ୧୨ ଅଗ୍ନିଶମ ଦଳ ପ୍ରସ୍ତୁତ ଥିବା ବେଳେ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହ ରିଲିଫ୍ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି।

ସୃଷ୍ଟି ହେଲା ଲଘୁଚାପ

ଭୁବନେଶ୍ୱର, ୨୯।୧ :ଦକ୍ଷିଣ ଆଣ୍ଡାମାନ ସାଗର ସୃଷ୍ଟି ହେଲା ଲଘୁଚାପ। ଆଗାମୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ସ୍ପଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ସେହିପରି ପରବର୍ତ୍ତୀ ୨୪ଘଣ୍ଟାରେ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ କଣ ରହିବ, ତାହା ସ୍ପଷ୍ଟ ହୋଇନାହିଁ।

ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦୁଇ ଦିନ ତଳେ ସୃଷ୍ଟି ହୋଇ ସକ୍ରିୟ ରହିବା ପରେ ଆଜି ଲଘୁଚାପରେ ପରିଣତ ହୋଇଛି।



ଲଘୁଚାପ କ୍ଷେତ୍ରଟି ଏବେ ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ରହିଥିବା ବେଳେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ୩୧ ଅକ୍ଟୋବର ପାଖାପାଖି ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ତଥା ସଂଲଗ୍ନ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଅଞ୍ଚଳରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପରେ ଏହା ଆହୁରି ଅଧିକ ଘନୀଭୂତ ହୋଇ ପରବର୍ତ୍ତୀ ୨ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଓଡ଼ିଶା ଉପରେ ଏହାର କ'ଣ ପ୍ରଭାବ ରହିବ, ସେ ନେଇ କିଛି ସୂଚନା ଆସିନାହିଁ।

ଅନ୍ୟପକ୍ଷରେ 'ଅର୍ଣ୍ଣବ' ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରୁ ଅବପାତରେ ପରିଣତ ହୋଇ ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଓଡ଼ିଶା ନିକଟରେ କେନ୍ଦ୍ରୀଭୂତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ଓ ଛତିଶଗଡ଼ର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବଲାଙ୍ଗିର, ନୂଆପଡ଼ା, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଆଜି ମିଳିବ ପିଏମ୍ କିଷାନ କିସ୍ତି

ଭୁବନେଶ୍ୱର, ୨୯ ।୧୦: : ଶୁକ୍ରବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯିବ। ଓଡିଶାର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଉପକୃତ ହେବେ। ମୋଟ ୭୦୦ କୋଟିରୁ ଅଧିକ ଟଙ୍କା ଚାଷୀଙ୍କୁ ମିଳିବ। ଏହି ଜାତୀୟସ୍ତରୀୟ

ଓଡ଼ିଶାରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ

କାର୍ଯ୍ୟକ୍ରମ ଗୁଜୁରାଟର ବନାସକାଣ୍ଠାରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶବ୍ୟାପୀ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରିବେ।ଓଡ଼ିଶା ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୫ ଲକ୍ଷ ୩୯ ହଜାର ୨୯୭ ଜଣ ଚାଷୀଙ୍କ ଖାତାକୁ ମୋଟ ୭୦୭,୮୫, ୯୪,୦୦୦ ଟଙ୍କା ହସ୍ତାନ୍ତର କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ବିଲରେ ଲୋଟିଲା ପାଚିଲା ଧାନ, ଚିନ୍ତାରେ ଚାଷୀ

ବରଗଡ଼, ୨୯।୧୦(ନି.ପ୍ର.): ରାଜ୍ୟର ଭାତହାଣ୍ଡି ବରଗଡ଼ ଜିଲ୍ଲା ଉପରେ 'ଅର୍ଣ୍ଣବ'ର ପ୍ରହାର । ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣବର୍ଷା ଓ ପବନରେ ବିଲରେ ଲୋଟିପଡ଼ିଛି ଅମଳକ୍ଷମ ଧାନ । ଅମଳ ଆରମ୍ଭର ଦୁଇ ସପ୍ତାହ ପୂର୍ବରୁ ଏଭଳି ଦୁର୍ବିପାକ ଚାଷୀ ମୁଣ୍ଡରେ ଚଡ଼କ ପକାଇଛି । ପାଚିଲା ଧାନ କେଇଘଣ୍ଟା ପାଣିରେ ବୁଡ଼ି ରହିଲେ ନଷ୍ଟ ହେବା ଓ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଚାଷୀକୁଳ ଧୈର୍ଯ୍ୟହରା ହୋଇପଡ଼ିଛନ୍ତି ।

ବରଗଡ଼ ସଦର ବ୍ଲକ ସମେତ ସୋହେଲା, ଭଟଲି, ଅମ୍ବାଭୋନା, ବିଜେପୁର, ଅତାବିରା, ଭେଡ଼ନ, ଝାରବନ୍ଧ, ଗାଇସିଲାଟ ବ୍ଲକରେ ବର୍ଷା ଜାରି ରହିଛି । ତୁହାକୁ ତୁହା ପବନ ଝଟ୍କାରେ ଅଧିକାଂଶ ସ୍ଥାନରେ ଫଳନ୍ତି ଧାନ ଗଛ ଜମିରେ ଶୋଇପଡ଼ିଛି । ଅନେକ ସ୍ଥାନରେ ଧାନ କାଟି ଜମିରେ ପଡ଼ିଥିଲା । ଖଳାକୁ ଆସିବା ଆଗରୁ ସେସବୁ ଭିଜିଯାଇଛି । ବର୍ଷା ଓ ପବନରେ ଗଛରୁ ଧାନ ଝଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ଆହୁରି ବର୍ଷା ଆଶଙ୍କା ଥିବାରୁ ବ୍ୟାପକ କ୍ଷତି ହେବା ଆଶଙ୍କାରେ ଅତର୍କିତ ହୋଇପଡ଼ିଛନ୍ତି ଚାଷୀ । ଚାଷୀଙ୍କ କହିବା କଥା, ଲଗାଣବର୍ଷାରେ ଧାନ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି । ପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ ।

ବାତ୍ୟା ପ୍ରଭାବରେ ଗଞ୍ଜାମ ବେଶି ପ୍ରଭାବିତ

୨୨ ବ୍ଲକ ଜଳବନ୍ଦୀ, ୪୨ ହଜାରରୁ ଅଧିକ ଲୋକ ପ୍ରଭାବିତ

ଭୁବନେଶ୍ୱର, ୨୯/୧୦(ନି.ପ୍ର.): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଭୀଷଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇଛି । ଗଞ୍ଜାମର ୨୨ଟି ବ୍ଲକରେ ଜଳବନ୍ଦୀ ପରିସ୍ଥିତି ଉପୁଜିଛି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମର ପାତ୍ରପୁର ବ୍ଲକରେ ସର୍ବାଧିକ ୫୪୬ ମିଲିମିଟର ବର୍ଷା ହୋଇଛି । ଅତୀତର ରେକର୍ଡ ଭାଙ୍ଗିଛି ଗଞ୍ଜାମରେ ବର୍ଷା । ପୁରୁଷୋତ୍ତମପୁର ଠାରେ ରଷିକୂଲ୍ୟା ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ବନ୍ୟା ଯୋଗୁଁ ଗଞ୍ଜାମର ୨୨ ବ୍ଲକର ୨୦୮ ଗ୍ରାମ ପଞ୍ଚାୟତ, ୨୯୯ ଗାଁ ଏବଂ ୧୮ ସହରାଞ୍ଚଳ ପ୍ରଭାବିତ ହୋଇଛି । ୪୨ହଜାର ୫୦୦ ଲୋକ ପ୍ରଭାବିତ ହୋଇଛନ୍ତି । ୧୧ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏନେଇ ରାଜସ୍ୱ ମନ୍ତ୍ରୀ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ, ଧରାକୋଟ ବ୍ଲକର ୨ଟି ଗାଁରେ ପାଣି ପଶିଛି । ସେଠାରେ ଛାତ ଉପରେ ଲୋକେ ଆଶ୍ରୟ ନେଇଛନ୍ତି । ସାନଖେମୁଣ୍ଡି, ଧରାକୋଟ, ପୁରୁଷୋତ୍ତମପୁରର ପାଣ୍ଡିଆ, ସୋରଡ଼ା ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ ଲୋକେ ପାଣି ଘେରରେ ଅଛନ୍ତି । ବୋଟ ମାଧ୍ୟମରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିବା କଷ୍ଟକର ହେଉଛି। ହେଲିକପ୍ଟର ମାଧ୍ୟମରେ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି । କେନ୍ଦ୍ର ସରକାରଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗାଯୋଗରେ ଅଛନ୍ତି । ଆକାଶରେ ଅଧିକ ବାଦଲ ପାଇଁ ହେଲିକପ୍ଟରରେ ଉଦ୍ଧାର କାର୍ଯ୍ୟ ସମ୍ଭବ ହେଉନାହିଁ। ପାଗରେ ସୁଧାର ଆସିଲେ ଆରମ୍ଭ ହେବ ଉଦ୍ଧାର କାର୍ଯ୍ୟ । ନାଭାଲର ସାହାଯ୍ୟ ନିଆଯିବ । ଏୟାରଫୋର୍ସର ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ଅଛୁ । ଗଞ୍ଜାମରେ ବର୍ତ୍ତମାନ ୫୨ଟି ଡଓଜଇର ଅଛନ୍ତି, ୩୫ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇଛନ୍ତି । ସେଠାକୁ ୧୬ରୁ ଅଧିକ ବୋଟ ପଠାଯାଇଛି । ୫ଟି ହାଇପାୱାର ପମ୍ପ ପାଣି ବାହାର ପାଇଁ ଗଞ୍ଜାମ ପଠାଯାଇଛି । ୨୫ଟି ବେସରକାରୀ ବୋଟ ଗଞ୍ଜାମରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ ।

ସେପଟେ ପ୍ରବଳ ବର୍ଷା ଯୋଗୁଁ ବଂଶଧାରା ଓ ରଷିକୁଲ୍ୟାରେ ବନ୍ୟା ଆସିଛି । ରଷିକୁଲ୍ୟାରେ ୨୦୦ ମିଲିମିଟର ବର୍ଷା ଓ ବଂଶଧାରାରେ ୧୨୦ ମିଲିମିଟର ବର୍ଷା ହୋଇଥିବା ଇଆଇସି ସୂଚନା ଦେଇଛନ୍ତି । ଗଜପତି ଓ ଗଞ୍ଜାମରେ ଅଧିକ ବର୍ଷା ହୋଇଛି । ୪୭ ଟି ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ତେବେ ଆଜି ୪ଟା ପରେ ସ୍ଥିତିରେ ସୁଧାର ଆସିପାରେ । କାଲି ସକାଳ ସୁଦ୍ଧା ବନ୍ୟା ସ୍ଥିତି କମିବା ନେଇ ଆଶା କରାଯାଉଛି ବୋଲି ସେ କହିଛନ୍ତି ।ପୁରୁଷୋତ୍ତମରେ ଜଳସ୍ତର ୧୯ ମିଟର ରହିଛି । ୧୭ ମିଟର ବିପଦ ସଙ୍କେତ ରହିଥିବାବେଳେ ୨ ମିଟର ଉପରେ ପାଣି ପ୍ରବାହିତ ହେଉଛି । ବାଉଦା ନଦୀରେ ମଧ୍ୟ ବନ୍ୟା ହୋଇଛି । ବାଘନଟିରେ ୪ଟି ଗେଟ୍ ଖୋଲା ଅଛି ଏବଂ ପାଣି ପ୍ରବେଶ କମିଛି । ମହାନଦୀରେ ୬୨୭ ଫୁଟ ପାଣି ଅଛି । ଯଦି ସେଭଳି ସ୍ଥିତି ଆସେ ୩୦ ତାରିଖରେ ଗେଟ୍ ଖୋଲାଯିବ । ତେବେ ମହାନଦୀରେ ବନ୍ୟା ସମ୍ଭାବନା ନାହିଁ ବୋଲି ସୂଚନା ଦେଇଛନ୍ତି ଇଆଇସି ।

ଦିଲ୍ଲୀରେ ବାଣ ଉପରେ ସମ୍ପୂର୍ଣ୍ଣ ରୋକ୍ ସପକ୍ଷରେ ନୁହେଁ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୧୦(ନି.ପ୍ର.): ଦିଲ୍ଲୀ-ଏନସିଆରର ବଢୁଥିବା ବାୟୁ ପ୍ରଦୂଷଣ ଓ ଦୀପାବଳିରେ ବାଣ ଫୁଟାଇବା ଉପରେ କଟକଣାକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ବାଣ ଉପରେ ସମ୍ପୂର୍ଣ୍ଣ ନିଷେଧ ଲଗାଇବା ସପକ୍ଷରେ କୋର୍ଟ ନଥିବା କହିବା ସହ ଲୋକଙ୍କ ଭାବନାକୁ ଆଘାତ ଦେବା ଏହାର ଉଦ୍ଦେଶ୍ୟ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମର କଡ଼ାକଡ଼ି ପାଳନ ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ଦୀପାବଳି ଏକ ସକାରାତ୍ମକ ମାହୋଲ ସୃଷ୍ଟି କରୁଥିବା ପର୍ବ। ତେଣୁ ପର୍ବର ଆନନ୍ଦ ସହ ପ୍ରଦୂଷଣ ନିୟନ୍ତ୍ରଣ ମଧ୍ୟ ଜରୁରୀ ବୋଲି କୋର୍ଟ କହିଛନ୍ତି। ଦୀପାବଳିର ଦୁଇ ଦିନ ଅଧିକ ସତର୍କ ରହିବା ସହ ନିୟମ ପାଳନ ଉପରେ ନଜର ରଖିବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ପ୍ରଦୂଷଣ ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ବିରାଟ କୋହଲିଙ୍କ ଭଳି ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ସହାୟତା କାହିଁକି ନିଆଯାଉନାହିଁ

ପ୍ରତ୍ୟେକ ବ୍ୟକ୍ତିଙ୍କ ଚିନ୍ତାଧାରା ଓ ଅଭ୍ୟାସକୁ ତୁରନ୍ତ ବଦଳାଇବା ସମ୍ଭବ ନୁହେଁ। ଏଥିପାଇଁ ସମୟ ଲାଗିବ ବୋଲି କୋର୍ଟ ମତ ଦେଇଛନ୍ତି। ତେଣୁ ଲୋକଙ୍କୁ ସଚେତନ କରିବା ସହ ନିୟମର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ବିଶେଷକରି ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଦୂଷଣର ପ୍ରଭାବକୁ ନେଇ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।ଶୁଣାଣି ସମୟରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଆଡିସନାଲ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ କୋର୍ଟଙ୍କୁ ଅବଗତ କରାଇଥିଲେ।

ଦିଲ୍ଲୀ ବାହାରୁ ଆସୁଥିବା ବିଏସ-୬ ମାନକଠାରୁ କମ୍ ମାନର ଯାନବାହନକୁ ରାଜଧାନୀରେ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଟ୍ରାଫିକ୍ ଭିଡ଼ କମାଇବା ପାଇଁ ସରକାରୀ କାର୍ଯ୍ୟାଳୟର ସମୟରେ ପରିବର୍ତ୍ତନ କରାଯାଇଛି। ନିର୍ମାଣ ସ୍ଥଳ ନିକଟରେ ଆଣ୍ଟି-ସ୍ମଗ୍ ଗନ୍ ଲଗାଯାଇଥିବା ବେଳେ ଦିଲ୍ଲୀରେ ୬୦୮ଟି ଆଣ୍ଟି-ସ୍ମଗ୍ ଗନ୍ ସ୍ଥାପନ କରାଯାଇଥିବା ସରକାର ଜଣାଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବାର୍ଷିକ ଯୋଜନା ସହ କଣ୍ଟ୍ରୋଲ ସେଣ୍ଟର ମଧ୍ୟ କାର୍ଯ୍ୟ କରୁଛି। ସୁପ୍ରିମକୋର୍ଟଙ୍କ ଶୁଣାଣିରେ ପ୍ରଦୂଷଣ ରୋକିବା ପାଇଁ କେବଳ କଟକଣା ଲଗାଇଦେଲେ ହେବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଜନସଚେତନତା ବୃଦ୍ଧି କରିବା ସହ ନିୟମକୁ ଠିକ୍ ଭାବେ ପାଳନ କରାଇବା ମଧ୍ୟ ଜରୁରୀ। ଦୀପାବଳି ସମୟରେ ପ୍ରଦୂଷଣ ଉପରେ ନଜର ରଖିବା ଓ ନିୟନ୍ତ୍ରଣ ପଦକ୍ଷେପକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ସାଂଘାତିକ ସ୍ଥିତି ସୃଷ୍ଟି କରିପାରେ ଏଲ୍‌ନିନୋ

ନୂଆଦିଲ୍ଲୀ, ୨୯।୧୦(ନି.ପ୍ର.): ଭାରତରେ ସାଂଘାତିକ ସ୍ଥିତି ସୃଷ୍ଟି କରିପାରେ ଏଲ୍‌ନିନୋ। ଦେଶକୁ ସାମ୍ନା କରିବାକୁ ପଡ଼ିପାରେ ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ। ଏଲ୍‌ନିନୋ ଯୋଗୁ ମାର୍ଚ୍ଚ ସୁଦ୍ଧା ଭାରତରେ ୫୫ ହଜାର ଲୋକଙ୍କ ମୃତ୍ୟୁ ମଧ୍ୟ ହୋଇପାରେ। ଅନେକ ପାଣିପାଗ ବିଜ୍ଞାନୀ ଓ ଅନ୍ତର୍ଜାତୀୟ ସଂସ୍ଥା ଏପରି ଆକଳନ କରିଛନ୍ତି। ଏହାର ରିପୋର୍ଟ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି।

ପୃଥିବୀର ପାଣିପାଗ ଅନେକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ପ୍ରକ୍ରିୟା ମଧ୍ୟରେ ରହିଛି ଏଲ୍‌ନିନୋ। ଚଳିତ ବର୍ଷ ଏଲନିନୋ ତାଣ୍ଡବ ରଚିବାର ଆଶଙ୍କା ରହିଛି। ଏଲନିନୋ ଯୋଗୁ ସମୁଦ୍ରରେ ଉତ୍ତାପ ବଢ଼ିବାରେ ଲାଗିଛି। ଏଥିଯୋଗୁ କେଉଁଠି ମରୁଡ଼ି ତ କେଉଁଠି ବନ୍ୟା ଓ ଭୟଙ୍କର ଝଡ଼ ସୃଷ୍ଟି ହେଉଛି। ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିପାରେ।

ରିପୋର୍ଟ ଅନୁସାରେ, ସେପ୍‌ଟେମ୍ବର ସୁଦ୍ଧା କେନ୍ଦ୍ରୀୟ ଓ ପୂର୍ବ ଭୂମଧ୍ୟ ପ୍ରଶାନ୍ତ ମହାସାଗରର ତାପମାତ୍ରା ୩.୦୮ ଡିଗ୍ରୀ ବୃଦ୍ଧି ପାଇଥିଲା। ଏହା ଏଲନିନୋର ସବୁଠାରୁ ସାଂଘାତିକ ପ୍ରଭାବ। କେତେକ ବିଶେଷଜ୍ଞ ଏହାକୁ 'ସୁପର ଏଲ୍ ନିନୋ' ବୋଲି କହିଛନ୍ତି।ଏପରି ଜଳବାୟୁ ପରିବର୍ତ୍ତନ ଯୋଗୁ ଅନେକ ସ୍ଥାନରେ ଖରା ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଆକଳନ କରିଛି କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍। ଏନେଇ ସଂସ୍ଥା ଗୋଟିଏ ମାନଚିତ୍ର ମଧ୍ୟ ଜାରି କରିଛି।

'ଏଲ୍ ନିନୋ ହିଟ୍ ମର୍ଟାଲିଟି ଟ୍ରାକର' ନାମକ ସଂସ୍ଥା ଅନୁଯାୟୀ, ଆସନ୍ତା ୬ ମାସ ମଧ୍ୟରେ ଅତ୍ୟଧିକ ଉତ୍ତାପ ଯୋଗୁ ପୂରା ବିଶ୍ୱରେ ଅତିରିକ୍ତ ୩ ଲକ୍ଷ ୭୩ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇପାରେ। ସେହିପରି ଭାରତରେ ଏହି ସଂଖ୍ୟା ୫୫ ହଜାରରୁ ଅଧିକ ରହିବ। କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍‌ର ସହ-ପ୍ରତିଷ୍ଠାତା ମାଇକେଲ୍ ଗ୍ରୀନ୍‌ଷ୍ଟୋନ୍ କହିଛନ୍ତି, "ଅତ୍ୟଧିକ ଗରମର ମାରାତ୍ମକ ପ୍ରଭାବକୁ ଆଗୁଆ ଅନୁମାନ କରିପାରିବା ଗୋଟିଏ ବଡ଼ ଘଟଣା।ଏହାଦ୍ୱାରା କେଉଁ ଅଞ୍ଚଳର ଲୋକ ସର୍ବାଧିକ ବିପଦରେ ଅଛନ୍ତି, ତାହା ଚିହ୍ନଟ କରିବା ସହ ଜୀବନହାନିକୁ ରୋକିବାକୁ ପଦକ୍ଷେପ ନିଆଯାଇ ପାରିବ। ବର୍ତ୍ତମାନ ଆମେ ଗୋଟିଏ ସୁପର ଏଲ୍ ନିନୋର ସାମ୍ନା କରୁଛୁ।" ସଂସ୍ଥାର କହିବା କଥା ଯେ ଏଲନିନୋ ଯୋଗୁ ଅତ୍ୟଧିକ ଗରମ ଅନୁଭୂତ ହେବ। ଗ୍ଲୋବାଲ୍ ସାଉଥରେ ଅଧିକାଂଶ ଲୋକ ଏଥିଯୋଗୁ ପ୍ରାଣ ହରାଇ ପାରନ୍ତି। ଏହି ତାଲିକାରେ ଭାରତ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି।ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଭାରତରେ ଅତ୍ୟଧିକ ଗରମ ଯୋଗୁ ପ୍ରାୟ ୫୫ ହଜାର ଅତିରିକ୍ତ ମୃତ୍ୟୁ ଘଟିପାରେ। ଏଥିମଧ୍ୟରୁ ଅଧିକାଂଶ ମୃତ୍ୟୁ ମାର୍ଚ୍ଚ ମାସରେ ହେବାର ଆଶଙ୍କା କରିଛି ସଂସ୍ଥା। ଭାରତ ବ୍ୟତୀତ ନାଇଜେରିଆରେ ମଧ୍ୟ ୫୬ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ଦକ୍ଷିଣ-ପୂର୍ବ ଏସିଆ ମଧ୍ୟ ଏହି ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ ପ୍ରଭାବିତ ଅଞ୍ଚଳ ହୋଇ ରହିବ। ଇଣ୍ଡୋନେସିଆରେ ଏଲ୍ ନିନୋ ଜନିତ ଗରମ ଯୋଗୁ ପ୍ରାୟ ୨୯ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ସେହିପରି ବ୍ରାଜିଲ୍‌ରେ ପ୍ରାୟ ୧୯ ହଜାର ଲୋକଙ୍କ ମୃତ୍ୟୁ ଆଶଙ୍କା କରାଯାଇଛି।ଏଲ୍ ନିନୋ ପ୍ରଭାବରେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇର ବାୟୁ ପ୍ରଦୂଷଣ ସ୍ଥିତି ଆହୁରି ବିଗିଡ଼ିପାରେ। ସଫର୍ ନାମକ ସଂସ୍ଥାର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଗୁଫ୍ରାନ୍ ବେଗ୍ କହିଛନ୍ତି "ମୁମ୍ବାଇ ଭଳି ସହରରେ ପବନର ଗତି ଧୀର ହୋଇପାରେ। ଏହାଦ୍ୱାରା ପବନର ବେଗ ଅଧିକ ଥିବା ଯୋଗୁ ସହରକୁ ମିଳୁଥିବା ପ୍ରାକୃତିକ ସୁରକ୍ଷା ହ୍ରାସ ପାଇବ।"

ବିଶ୍ୱ ପାଣିପାଗ ସଂଗଠନ ପୂର୍ବରୁ ଚେତାବନୀ ଦେଇଛି ଯେ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ସବୁଠାରୁ ଶକ୍ତିଶାଳୀ। ତେବେ ଏହାର ସର୍ବାଧିକ ପ୍ରଭାବ ଏପର୍ଯ୍ୟନ୍ତ ଆସିନାହିଁ।ଜାତିସଂଘର ପାଣିପାଗ ଓ ଜଳବାୟୁ ସଂସ୍ଥା କହିଛି "ଡିସେମ୍ବରରେ ଏହା ଶୀର୍ଷ ସ୍ତରରେ ପହଞ୍ଚିବା ପୂର୍ବରୁ ଏଲ୍ ନିନୋ ଆହୁରି ତୀବ୍ର ହେବ ଏହା ବିଶ୍ୱର ଅନେକ ଅଞ୍ଚଳରେ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ସୃଷ୍ଟି କରିବା ସହ ବର୍ଷାର ଢାଞ୍ଚାରେ ପରିବର୍ତ୍ତନ ଆଣିପାରେ। ଫଳରେ ବିଭିନ୍ନ ଅଞ୍ଚଳରେ ମରୁଡ଼ି ଓ ବନ୍ୟାର ବିପଦ ବଢ଼ିବ। ଏଲ୍ ନିନୋର ପ୍ରଭାବ ୨୦୨୭ ମସିହାର ଅଧିକାଂଶ ସମୟ ଯାଏ ଜାରି ରହିପାରେ।"

ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୬୯.୨୩ କୋଟି ଫେରାଇଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୨୯।୧୦(ନି.ପ୍ର.):: ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଏବଂ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା 'ଜ୍ଞାନୋଦୟ: ଶିକ୍ଷା ରୁ ସମୃଦ୍ଧି' ଯୋଜନା ଅଧୀନରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟରେ 'ଜ୍ଞାନୋଦୟ: ଶିକ୍ଷାରୁ ସମୃଦ୍ଧି (କେଜିରୁ ପିଜି ନିଃଶୁଳ୍କ ଶିକ୍ଷାଦାନ) ଯୋଜନା' ଲାଗୁହେବା ପରେ ସ୍ନାତକ ପାଠ୍ୟକ୍ରମ ଆଡମିଶନ (ଫେଜ୍-୧) ପ୍ରକ୍ରିୟା ସରିଛି । ଆଡମିଶନ ବେଳେ ନାମଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଆଡମିଶନ୍ ଶୁଳ୍କ ଫେରସ୍ତ କରାଯାଇଛି । ମୋଟ ୧ ଲକ୍ଷ ୧୧ ହଜାର ୬୭୮ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୬୯.୨୩ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଆବେଦନକାରୀମାନଙ୍କୁ ସର୍ବଶେଷ ଅପଡେଟ୍ ପାଇଁ ଏବଂ ସେମାନଙ୍କର ବ୍ୟାଙ୍କ ବିବରଣୀ ସଠିକ୍ ଅଛି କି ନାହିଁ ତାହା ନିଶ୍ଚିତ କରିବାକୁ https://samsodisha.gov.in ରେ ସାମ୍ସ ଓଡ଼ିଶା ପୋର୍ଟାଲ୍ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି।

ଲଗାଣ ବର୍ଷା ଓ ବନ୍ୟା ପାଇଁ ୨ ଜିଲ୍ଲାରେ ବଢ଼ିଲା ସ୍କୁଲ୍ ଛୁଟି

ଅକ୍ଟୋବର ୩୧ ଯାଏଁ ବନ୍ଦ ରହିବ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୨୯।୧୦(ନି.ପ୍ର.): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି ଅବଧି ବୃଦ୍ଧି କରାଯାଇଛି। ଖରାପ ପାଣିପାଗ ଯୋଗୁଁ ସାଧାରଣ ଜୀବନ ପ୍ରଭାବିତ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଉଭୟ ଜିଲ୍ଲା ପ୍ରଶାସନ ଏହି ନିଷ୍ପତ୍ତି ନେଇଛି।

ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ୍, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ବିଭାଗଗୁଡ଼ିକ ଅକ୍ଟୋବର ୩୧, ୨୦୨୬ ଯାଏଁ ବନ୍ଦ ରହିବ।

ଏହି ନିର୍ଦ୍ଦେଶ ତୁରନ୍ତ ଲାଗୁ କରିବା ସହ ଏହାକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ କୁହାଯାଇଛି । ଏନେଇ ବିଶ୍ୱବିଦ୍ୟାଳୟର କୁଳସଚିବ, କଲେଜ ଅଧକ୍ଷ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ପାଇଁ ନିର୍ଦ୍ଦେଶର ନକଲ ପଠାଯାଇଛି।

ସେହିପରି ପଡ଼ୋଶୀ ଗଜପତି ଜିଲ୍ଲାରେ ମଧ୍ୟ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ସ୍କୁଲ୍ ଛୁଟି ଆଉ ଦୁଇ ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ଅକ୍ଟୋବର ୨୯ ଯାଏଁ ସ୍କୁଲ୍ ବନ୍ଦ ରଖିବାକୁ ଘୋଷଣା ହୋଇଥିଲା। କିନ୍ତୁ ଲଗାତାର ବର୍ଷା ଯୋଗୁଁ ପରିସ୍ଥିତିରେ ସୁଧାର ଆସିନଥିବାରୁ ପ୍ରଶାସନ ଛୁଟି ଅବଧି ବଢ଼ାଇଛି। ବର୍ଷା ଓ ବନ୍ୟା ପରିସ୍ଥିତିକୁ ନେଇ ପ୍ରଶାସନ ସତର୍କ ରହିଥିବା ବେଳେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ପ୍ରଶାସନର ସରକାରୀ ଘୋଷଣା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ ପରିସ୍ଥିତି ଅନୁଯାୟୀ ପରବର୍ତ୍ତୀ ନିଷ୍ପତ୍ତି ନିଆଯାଇପାରେ।

ଡାହୁକ

ଏମିତି ବାଘିଆ ଷଣ୍ଢ
ତାଙ୍କ ପାଇଁ ହୁଏ ତଦନ୍ତ ଆକଟା
ଟେକି ପାରେନାହିଁ ମୁଣ୍ଡ
କେତେ ବଡ ବଡ କାଣ୍ଡ
ହାତୀ ଗଳିଗଲେ ଯାଏ ଆସେ ନହିଁ
ପିମ୍ପୁଡି ଗଳିଲେ ଦଣ୍ଡ
-ବିଧୁ

ଫସଲ ନଷ୍ଟ କଲା 'ଅର୍ଣ୍ଣବ',ଚିନ୍ତାରେ ଚାଷୀ

ରାଇଘର,୨୯।୧୦ :(ମନ୍ଥନ)ନବରଙ୍ଗପୁର ଜିଲ୍ଲା ଉପାନ୍ତ ଅଞ୍ଚଳ ରାଇଘର ବ୍ଲକ ର ୨୬ ଗୋଟି ପଂଚାୟତ ରେ ବାତ୍ୟା ଅର୍ଣ୍ଣବ ବହୁ ଚାଷୀ ଙ୍କ ଫସଲ ନଷ୍ଟ କରିଛି । ଖବର ନେବାରୁ ଜଣା ପଡିଛି ଯେ ରାଇଘର ଅଞ୍ଚଳ ର ୨୬ ଗୋଟି ପଂଚାୟତ ସାଧାରଣ ଭାବେ ଚାଷିବହୁଳ ଅଞ୍ଚଳ ଏଠି ୯୦ ପ୍ରତିଶତ ଚାଷୀ ଧାନ, ମକା ଓ ଅନ୍ୟାନ ପନିପରିବା ଲଗାଇ ନିଜର ଜୀବନ ଗୁଂଜରଣ କରନ୍ତି ଯାହା ଫଳରେ ରାଇଘର ଲ୍ୟାମ୍ପସ ରେ ଜିଲ୍ଲାର ସର୍ବାଧିକ ଚାଷୀ ମଣ୍ଡି ରେଜିଷ୍ଟ୍ରେସନ କରିଛନ୍ତି ଏସିଆ ମହାଦେଶରେ ମକା ଚାଷ ରେ ରାଇଘର ଏକ ନମ୍ବର ବୋଲି ଉଲ୍ଲେଖ ଅଛି ରାଇଘର ଅଞ୍ଚଳ ରେ ଚାଷ ହେଉଥିବା ଟ୍ରକ ଟ୍ରକ ପରିବା ଅନ୍ୟ ରାଜ୍ୟ ତଥା ଗୋଆ କୁ ରପ୍ତାନି କରୁଥିବା ଚାଷୀ ଙ୍କୁ ଆଜି ବାତ୍ୟା ଅର୍ଣ୍ଣବ ଚିନ୍ତା ର କାରଣ ପାଲଟିଛି । ଆଉ ଦଶ ବାର ଦିନ ପରେ ଧାନ କଟା

ହୋଇଥାନ୍ତା ମକା ଭଙ୍ଗା ହୋଇଥାନ୍ତା କିନ୍ତୁ ଅର୍ଣ୍ଣବ ର ଝଡି ବର୍ଷା ସବୁ ଫସଲ କୁ ନଷ୍ଟ କରିଦେଇଛି ଯେତିକି ରୋଜଗାର ହୋଇଥାନ୍ତା ଏବେ ସବୁ ବର୍ଷା ଓ ପବନ ରେ ନଷ୍ଟ ହୋଇଯାଇଛି । ଚାଷୀମାନେ ବିଭିନ୍ନ ବ୍ୟାଙ୍କ ରୁ ଋଣ ତଥା ମହାଜନ ଙ୍କ ପାଖରୁ ଶୁଦ୍ଧରେ ଟଙ୍କା ଆଣି ଚାଷ କରିଥିବା ବେଳେ ମୁଳଧନ ବାହାରିବକି ନାହିଁ ଚିନ୍ତାରେ ଥିବାବେଳେ ପିଲା ମାନଙ୍କ ପାଠପଢା ଓ ପରିବାର ପୋଷଣ କିପରି କରିବେ ବୋଲି କହିଛନ୍ତି । ତେଣୁ ବାତ୍ୟାରେ କ୍ଷୟ କ୍ଷତି କୁ ସରକାର ବା ଜିଲ୍ଲା ପ୍ରଶାସନ ଭଲଭାବେ ଯାଞ୍ଚ କରିବା ସହିତ କ୍ଷତିପୂରଣ ଓ ଋଣ ଛାଡ କରିବାକୁ ଅଭିଯୋଗ କରିଛନ୍ତି ।

ନାରାୟଣ ପ୍ରଧାନ ହତ୍ୟା ମାମଲାରେ ୩ ଅଭିଯୁକ୍ତ ଗିରଫ

କବିସୂର୍ଯ୍ୟନଗର, ୨୯।୧୦ :(ମନ୍ଥନ) ମଦ ପିଇବାକୁ କେନ୍ଦ୍ର କରି ବଚସା, ଆଉ ତା'ପରେ ହତ୍ୟାକାଣ୍ଡ। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମାଲଗୁଡ଼ି ଛକ ନିକଟରେ ନାରାୟଣ ପ୍ରଧାନ ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି ପୋଲିସ। ଏହି ଘଟଣାରେ ଦୁଇ ଅଭିଯୁକ୍ତ ବସନ୍ତ ଜେନା ଓ ଶିବାନନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ମଦ୍ୟପାନ ପରେ ଗଣ୍ଡଗୋଳ ଏବଂ ପରେ ଆକ୍ରମଣ ଯୋଗୁଁ ନାରାୟଣଙ୍କ ମୃତ୍ୟୁ ହୋଇଥିବା ପୋଲିସର ପ୍ରେସ୍ ବ୍ରିଫ୍‌ରୁ ସୂଚନା ମିଳିଛି।ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମାଲଗୁଡ଼ି ଛକ ନିକଟରେ ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତ ଗିରଫ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଡୁଙ୍ଗୁରି ଗ୍ରାମର ବସନ୍ତ ଜେନା ଓ ଶିବାନନ୍ଦ ସାହୁ। ଉଭୟଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆ, ଗୋଟିଏ ସ୍ପ୍ଲେଣ୍ଡର ପ୍ଲସ୍ ମୋଟରସାଇକେଲ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି ପୋଲିସ।ପୋଲିସର ପ୍ରେସ୍ ବ୍ରିଫ୍ ଅନୁସାରେ, ଅଭିଯୁକ୍ତ ବସନ୍ତ ଜେନା ଓ ଶିବାନନ୍ଦ ସାହୁ ପରସ୍ପର ସମ୍ପର୍କୀୟ ଭାଇ। ଘଟଣା ଦିନ ବସନ୍ତଙ୍କ ଘରେ ଉଭୟ ଅଭିଯୁକ୍ତ ଓ ସେମାନଙ୍କର ଦୁଇ ଜଣ ବନ୍ଧୁ ମଦ୍ୟପାନ

କରୁଥିଲେ। ଏହି ସମୟରେ ନାରାୟଣ ପ୍ରଧାନ ଫୋନ୍ କରି ବସନ୍ତଙ୍କୁ ଘର ବାହାରକୁ ଡାକିଥିଲେ।ପରେ ନାରାୟଣ ଓ ଅନ୍ୟମାନେ ଏକାଠି ମଦ୍ୟପାନ କରିଥିଲେ। ଏହାପରେ ଅଧିକ ମଦ ଆଣିବା ପାଇଁ ବସନ୍ତ ଓ ଶିବାନନ୍ଦ ଏକ ମୋଟରସାଇକେଲରେ ବାହାରିଥିଲେ। ବିଭିନ୍ନ ସ୍ଥାନରେ ମଦ ନମିଳିବାରୁ ଶେଷରେ ମାଲଗୁଡ଼ି ଛକ ନିକଟରେ ଜଣେ ମହିଳାଙ୍କଠାରୁ ତିନୋଟି ବିୟର କିଣିଥିଲେ। ଏଥିପାଇଁ ଶିବାନନ୍ଦ ଫୋନ୍ ?ପେ ମାଧ୍ୟମରେ ୬୮୦ ଟଙ୍କା ପୈଠ କରିଥିବା ପୋଲିସ କହିଛି।ବିୟର କିଣିବା ପରେ କିଛି ଦୂରକୁ ଯାଇ ସେମାନେ ମଦ୍ୟପାନ କରୁଥିବା ବେଳେ ନାରାୟଣ ଓ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହି ସମୟରେ ନାରାୟଣ ଏକ କାଠ ଫାଳିଆରେ ଉଭୟ ଅଭିଯୁକ୍ତଙ୍କୁ ଆକ୍ରମଣ କରିଥିବା ପୋଲିସ ପ୍ରେସ୍ ବ୍ରିଫ୍‌ରେ ଉଲ୍ଲେଖ ରହିଛି।ଏହାପରେ ଉତ୍ତ୍ୟକ୍ତ ହୋଇ ବସନ୍ତ ନାରାୟଣଙ୍କ ମୁଣ୍ଡକୁ ବିୟର ବୋତଲରେ ଆକ୍ରମଣ କରିବା ସହ ତାଙ୍କୁ ଗୋଇଠା ମାରିଥିବା ଅଭିଯୋଗ ହୋଇଛି। ପରେ ଉଭୟ ଅଭିଯୁକ୍ତ କାଠ ଫାଳିଆରେ ନାରାୟଣଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିବା ପୋଲିସ କହିଛି। ଫଳରେ ଗୁରୁତର ଆହତ ହୋଇ ନାରାୟଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।ଘଟଣା ପରେ ଉଭୟ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ପରେ ବସନ୍ତଙ୍କ ଘରେ ପହଞ୍ଚି ରକ୍ତ ଲାଗିଥିବା ପୋଷାକ ବଦଳାଇବା ସହ ଘଟଣା ସମ୍ପର୍କରେ କାହାକୁ ନକହିବାକୁ ରୁଦ୍ରଙ୍କୁ କହିଥିବା ପୋଲିସ ପ୍ରେସ୍ ବ୍ରିଫ୍‌ରେ ଉଲ୍ଲେଖ କରିଛି। ଏପରିକି ରକ୍ତ ଲାଗିଥିବା ପୋଷାକକୁ ଏକ ହଳଦିଆ ରଙ୍ଗର ଅଖା ବ୍ୟାଗ୍‌ରେ ଭର୍ତ୍ତି କରି ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି।ଏହାପରେ ଶିବାନନ୍ଦଙ୍କ ସାନ ଭାଇ ଉଭୟଙ୍କୁ ମୋଟରସାଇକେଲରେ କାନିଆରି ବସ୍ ?ଷ୍ଟାଣ୍ଡ ପର୍ଯ୍ୟନ୍ତ ନେଇଯାଇଥିବା ପୋଲିସ ସୂଚନା ଦେଇଛି।ଏହି ଘଟଣାରେ କବିସୂର୍ଯ୍ୟନଗର ଥାନା କେସ୍ ନମ୍ବର ୭୫୪, ତାରିଖ ୨୩ ଅକ୍ଟୋବର ୨୦୨୬ ଅନୁଯାୟୀ ବିଏନ୍‌ଏସ୍‌ର ଧାରା ୧୦୩(୧)/୩(୫)ରେ ମାମଲା ରୁଜୁ ହୋଇଛି। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ଠାକୁରଙ୍କ ଘଣ୍ଟି ଚୋରିକରି ଛେଚା ଖାଇଲେ ଯୁବକ

ଗୋପ,୨୯।୧୦ :(ମନ୍ଥନ) ଅନନ୍ତ ବାସୁଦେବଙ୍କ ଘଣ୍ଟ ଚୋରିକରି ଫେରାର୍ ଥିବା ଜଣେ ଚୋରକୁ ଧରି ସାଧାରଣ ଲୋକ ଉତ୍ତମ ମଧ୍ୟମ ଦେବା ପରେ ନୂଆହାଟ ପୁଲିସ ଜିମା ଦେଇଥିଲେ । ତାଙ୍କ ନିକଟରୁ ଏକ ବୁଲେଟ୍ ମାରଣାସ୍ତ୍ର ଜବତ କରାଯାଇଛି । ସମ୍ପୃକ୍ତ ଅଭିଯୁକ୍ତଙ୍କ ଘର ନିଆଳି ଥାନା ନିଭରଣ ପଞ୍ଚାୟତ ସୁନିନ୍ଦା କଣ୍ଡରାହତା ବୋଲି ଜଣାପଡ଼ିଛି । ପ୍ରକାଶ ଥାଉକି, ଗତ ୨୪ ତାରିଖରେ ସିଙ୍ଘପାନିଆ ଗ୍ରାମର ବାସୁଦେବ ମନ୍ଦିରରୁ ଏ ଏକ ପିତ୍ତଳ ଘଣ୍ଟ ଚୋରିହୋଇଥିଲା । ସିସିଟିଭି ଫୁଟେଜ୍‌ରେ ଉକ୍ତ ବ୍ୟକ୍ତିଙ୍କ ଫଟୋ ଆସିବାରୁ ଲୋକମାନେ ଅଟକାଇଥିଲେ । ଖବର ପାଇ ପୁଲିସ ଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇଛି ।

ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

ଚଣ୍ଡିଖୋଲ,୨୯।୧୦ :(ମନ୍ଥନ)ଯାଜପୁରଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ମେଳା ରେ ରସୁଲପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଅଧିକାରି ଡାକ୍ତର ରଞ୍ଜନ କୁମାର ସେଠି ଙ୍କ ସହଯୋଗ ରେ ଆୟୋଜିତ ହୋଇ ଯାଇଛି। ଏହି ମେଳା ରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ର ଭାନୁ ମହାନ୍ତି ଅଧକ୍ଷାତା କରି ଥିଲେ ଓ ଶିକ୍ଷିତ ଯୁବକ ଯୁବତୀ ମାନେ କେମିତି ଏହି ସରକାରୀ ଯୋଜନା ରେ ସ୍ୱଭଲମ୍ବି ହେବେ ଯଥା ଗୋପାଳନ କୁକୁଡ଼ା ଚାଷ ମତ୍ସ୍ୟ ଚାଷ ଘୁଷୁରୀ ଚାଷ ଛେଳି ଚାଷ ମାଧ୍ୟମ ରେ ଆତ୍ମ ନିର୍ଭର ଶିଳହେବେ ଓ ସଫଳ ଉଦ୍ୟଗୀ କେମିତି ହେବେ ତାଙ୍କର ଅଭିଭାଷଣ ରେ ବୁଝାଇ ଥିଲେ। ଏହି ମେଳା ରେ ରସୁଲପୁର ବିଡ଼ିଓ ସତ୍ୟାନନ୍ଦ ଦାସ ମୁଖ୍ୟ ଅତିଥି କୋରାଇ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା ମୁଖ୍ୟ ବକ୍ତା ଧର୍ମଶାଳା ବିଧାୟକ ଙ୍କ ବ୍ଲକ ପ୍ରତିନିଧି ତ୍ରିର୍ଥ ରାଜ ପଣ୍ଡା ଯାଜପୁର ସାଂସଦ ଙ୍କ ପ୍ରତିନିଧି ଲକ୍ଷ୍ମୀଧର ପତି ଓୟୁ ଟି ର ସହକାରି ପ୍ରଫେସର ଅନିଲ କୁମାର ନାହାକ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ବେହେରା ଜିଲ୍ଲା ମତ୍ସ୍ୟ ଅଧିକାରୀ ରଂଜିତା ବେହେରା ଓ ନୋଡାଲ ଅଫିସର ଗୀତା ଞ୍ଜଳୀ ଦାସ ସନମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ ଏହି ମେଳା ରେ ବିଭିନ୍ନ ବିଭାଗ ତରଫରୁ ୧୮.୧୯ଟା ଷ୍ଟଲ ଖୋଲା ଯାଇ ଥିଲା. ଏହି ମେଳା ରେ ବିଭିନ୍ନ ସଫଳ ଚାଷୀ ଙ୍କୁ ପୁରସ୍କାର ଓ ଅର୍ଥ ରାଶି ପ୍ରଦାନ କରା ଯାଇ ଥିଲା. ଶେଷରେ ଭ୍ରାମ୍ୟ ମାଣ ପଶୁ ଚିକିତ୍ସା ଅଧିକାରିଣି ଡାକ୍ତର ମୁନ ମୁନ ଶତପଥି ଅତିଥି ମାନଙ୍କୁ ଧନ୍ୟବାଦ ଦେଇ ଥିଲେ ।

ବୁଗୁଡ଼ା ବ୍ଲକରେ ୩ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ୧୨୭ ଜଣ ସ୍ଥାନାନ୍ତର

ବୁଗୁଡ଼ା,୨୯।୧୦ :(ମନ୍ଥନ)ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା କରିବା ପାଇଁ ବୁଗୁଡ଼ା ବ୍ଲକ ପ୍ରଶାସନ ସଜାଗ ରହିଥିବା ଜଣାଯାଇଛି । ବାତ୍ୟା ସମୟରେ ଲୋକଙ୍କ ସୁରକ୍ଷା, ଜରୁରୀକାଳୀନ ସେବା ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ସକ୍ରିୟ ହୋଇଛନ୍ତି । ବିଶେଷକରି ବୁଗୁଡ଼ା ବ୍ଲକର କରସିଙ୍ଗି ଓ କରଚୁଲି ପଞ୍ଚାୟତର କଣ୍ଟାବଣି, ନୂଆଁପଲ୍ଲୀ, ଶୁଳିଆପଲ୍ଲୀ, ସମଲେଇ, ପୋକଶୁଙ୍ଗା,ବେଢାଖାଲ ଆଦି ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ସୁରକ୍ଷା ଓ ଆବଶ୍ୟକତାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଇଛି । ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଣର ବ୍ୟବସ୍ଥା ଏବଂ ଏହାର ସ୍ଥିତି ସମ୍ପର୍କରେ ବିଡ ଦୁତିକୃଷ୍ଣ ପାତ୍ର ଓ ଏବିଡିଓ ଧର୍ମରାଜ ପରିଡା ଅନୁଧ୍ୟାନ କରୁଛନ୍ତି । ବାତ୍ୟା ସମୟରେ ଯେପରି କୌଣସି ଲୋକ ଖାଦ୍ୟ ଓ ଆଶ୍ରୟରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ମୁକାବିଲା କରିବା ସହ ଜନସାଧାରଣଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି।କରସିଙ୍ଗି ପଞ୍ଚାୟତର ସମଲାଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,କରଚୁଲି ପଞ୍ଚାୟତ ଅନ୍ତର୍ଗତ ପଥରବଣି ପ୍ରାଥମିକ ବିଦ୍ୟାଳୟ ଓ ଖୋଳଖାଲି ପ୍ରାଥମିକ ବିଦ୍ୟାଳୟ ଆଦିରେ ତିନୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇ ସେହି କେନ୍ଦ୍ରଗୁଡ଼ିକୁ ଛୋଟ ପିଲାଙ୍କ ସହିତ ମୋଟ ୧୨୭ ଜଣଙ୍କୁ ସ୍ଥାନାନ୍ତର କରାଯିବା ସହ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବର୍ଷା ବଢ଼ିଲେ ଆହୁରି ଆଶ୍ରୟସ୍ଥଳୀ ଖୋଲିବା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ବିଡ଼ିଓ ଦୂତିକୃଷ୍ଣପାତ୍ର ମତବ୍ୟକ୍ତ କରିବା ସହ ବର୍ତ୍ତମାନ ବାତ୍ୟାକୁ ନେଇ ସତର୍କ ରହିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି ।

ଗୋବା ନିକଟରେ ଋଷିକୁଲ୍ୟା ନଦୀବନ୍ଧ ଭାଙ୍ଗିଲା

ଛତ୍ରପୁର,୨୯।୧୦ :(ମନ୍ଥନ)ଲଗାଣ ବର୍ଷା ସାଙ୍ଗକୁ ଋଷିକୁଲ୍ୟା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ଗୋବା ନିକଟରେ ନଦୀବନ୍ଧ ଭାଙ୍ଗିଯାଇଛି। ଫଳରେ ନଦୀଜଳ ଆଖପାଖ ଅଞ୍ଚଳକୁ ପ୍ରବେଶ କରିବା ସହ ବରଙ୍ଗ–ବଡ଼ମାଧପୁର ମୁଖ୍ୟ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ଏହା ଫଳରେ ଉକ୍ତ ରାସ୍ତାରେ ଯାତାୟାତ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।ବାତ୍ୟା 'ଅର୍ଣ୍ଣବ' ପରେ ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିବାରୁ

ଋଷିକୁଲ୍ୟା ସମେତ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଅଧିକ ଜଳ ପ୍ରବାହ ଯୋଗୁଁ ଗୋବା ନିକଟରେ ନଦୀବନ୍ଧ ଦୁର୍ବଳ ହୋଇ ଭାଙ୍ଗିଯାଇଥିବା ଜଣାପଡ଼ିଛି।ଘଟଣା ପରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ବନ୍ଧ ମରାମତି ପାଇଁ ଘଟଣାସ୍ଥଳରେ ମୋରମ ପକାଇବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ନଦୀର ଜଳସ୍ତର ଓ ପାଣି ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ନଦୀ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି।ବନ୍ଧ ଭାଙ୍ଗିବା ଯୋଗୁଁ ଆଖପାଖ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ସ୍ଥିତିର ନିରନ୍ତର ଅନୁଧ୍ୟାନ କରାଯାଉଛି।ଏହି ଘଟଣା ସମ୍ପର୍କରେ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ସହ ବନ୍ଧ ମରାମତି ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ବିଦ୍ୟୁତ ତାର ଝିଡ଼ି ୬ ମେଣ୍ଢା ଓ ଗୋଟିଏ ଛେଳି ମୃତ

ଛତ୍ରପୁର, ୨୯।୧୦ :(ମନ୍ଥନ)ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ପବନ ଓ ବର୍ଷା ଯୋଗୁଁ ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଡୁବୁଲି ଛକ ନିକଟରେ ଅଘଟଣ ଘଟିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଏଲ୍‌ଟି ଲାଇନ୍‌ର ତାର ଛିଣ୍ଡି ତଳେ ପଡ଼ିବାରୁ ବିଦ୍ୟୁତ୍ ?ସ୍ପୃଷ୍ଟ ହୋଇ ୬ଟି ମେଣ୍ଢା ଓ ଗୋଟିଏ ଛେଳିର ମୃତ୍ୟୁ ଘଟିଛି।ସୂଚନା ଅନୁଯାୟୀ, ଗୁରୁବାର ସକାଳେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ପବନ ଓ ବର୍ଷା ଲାଗି ରହିଥିଲା। ଏହି ସମୟରେ ଡୁବୁଲି ଛକ ନିକଟରେ ଥିବା ଏକ ଲୁହା ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ିବା ସହ ଏଲ୍ ?ଟି ଲାଇନ୍ ?ର ବିଦ୍ୟୁତ ତାର ତଳକୁ ଛିଣ୍ଡି ପଡ଼ିଥିଲା। ତାରଟି ତଳେ ଚରୁଥିବା ମେଣ୍ଢା ଓ ଛେଳିଙ୍କ ଉପରେ ପଡ଼ିବାରୁ ବିଦ୍ୟୁତ ସ୍ପୃଷ୍ଟୀ ହୋଇ ଘଟଣାସ୍ଥଳରେ ୬ଟି ମେଣ୍ଢା ଓ ଗୋଟିଏ ଛେଳିର ମୃତ୍ୟୁ ଘଟିଥିଲା।ମୃତଗୋଟିଏ ଛେଳି ଓ ମେଣ୍ଢାଗୁଡ଼ିକ ଛତ୍ରପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଜି. ଦଣ୍ଡପାଣି ପାତ୍ରଙ୍କ ବୋଲି ଜଣାପଡ଼ିଛି। ଘଟଣା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ତାର ସରବରାହ ବନ୍ଦ କରାଯାଇ ଭାଙ୍ଗିଥିବା ଖୁଣ୍ଟ ଓ ବିଦ୍ୟୁତ ତାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

କୋଣାର୍କ-ପୁରୀ ରାସ୍ତାରେ ପର୍ଯ୍ୟଟକଙ୍କୁ ପୁଲିସର ସତର୍କତା

ଗୋପ,୨୯।୧୦ :(ମନ୍ଥନ) ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀ ସମେତ ଆଖପାଖ ଅଞ୍ଚଳରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ପ୍ରବଳ ଝଟକା ପବନ ଜାରି ଜାରି ରହିଛି। ସମୁଦ୍ରରେ ଉଚ୍ଚ ଜୁଆର ଉଠିବା ସହ ଶକ୍ତ ପବନ ଯୋଗୁଁ ବାଲି ଉଡ଼ିବା ଭଳି ଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃ ଚତ୍ତ୍ୱରେ କୋଣାର୍କ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ମିଳିତ ଭାବେ କୋଣାର୍କ-ପୁରୀ ମେରାଇନ୍ ଡ୍ରାଇଭ୍ ରାସ୍ତାରେ କଡ଼ା ପାଟ୍ରୋଲିଂ ଜୋରଦାର କରାଯାଇଛି। ପୁଲିସ ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ରକୂଳ, ରାମଚଣ୍ଡୀ ମୁହାଁଣ ଓ ଇକୋ ରିଟ୍ରିଟ୍ ସନ୍ନିକଟ ବେଳାଭୂମିକୁ ଯିବା ପାଇଁପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସୂର୍ଯ୍ୟ ମନ୍ଦିର ଓ

ଆଖପାଖ ଅଞ୍ଚଳକୁ ଆସୁଥିବ ।ସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ରହିବା ପାଇଁ ପୁଲିସ ପୁଲିସ ପକ୍ଷରୁ ସଚେତନ କରାଯାଉଛି। ଏହି ସୁରକ୍ଷାଅଭିଯାନରେ ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁ ଓ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି ।

ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ

ବୁଗୁଡ଼ା,୨୯।୧୦ :(ମନ୍ଥନ)ପୂର୍ବ ପ୍ରକାଶିତ ପାଣିପାଗ ବିଭାଗର ସୂଚନା ପ୍ରକାରେ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ବୁଗୁଡା ଅଞ୍ଚଳରେ ଦୁଇ ଦିନ ହେଲା ତୁହାକୁ ତୁହା ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ଜଣାଯାଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ଲଗାଣ ବର୍ଷା ଯୋଗୁଁ ଯାତ୍ରୀ ପରିବହନ ବାଧାପ୍ରାପ୍ତ ସାଙ୍ଗକୁ ଦୋକାନ ବଜାର ବନ୍ଦ ରହିଥିଲା । ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ଅପରପକ୍ଷରେ ଦୁଇ ଦିନ ହେଲା ବର୍ଷା ଲାଗି ରହିଥିବାରୁ ରାସ୍ତାଘାଟ ଏକ ପ୍ରକାର ଜନଶୂନ୍ୟ ହୋଇପଡିଥିଲା । ବର୍ଷା ଯୋଗୁଁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ମଧ୍ୟ ଫାଙ୍କା ପଡିଥିଲା । ଏଥିସହ ଅନବରତ ବର୍ଷା ଯୋଗୁଁ ପାଙ୍ଗିଡି ଗ୍ରାମ ନିକଟସ୍ଥ ମୁଖ୍ୟ ସଡକ ପାର୍ଶ୍ୱରେ ଥିବା ଏକ ନିମଗଛ ରାସ୍ତା ଉପରକୁ ଟଳି ପଡିବା ଫଳରେ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା ବେଳେ ବୁଗୁଡ଼ା ସହରର ମଦନ ମୋହନ ଛକଠାରୁ ନୂଆଁସାହି ମିଲ୍ ପର୍ଯ୍ୟନ୍ତ ରାସ୍ତା ବର୍ଷା ଜଳରେ ଉବୁଟୁବୁ ହୋଇ ପଡ଼ିଥିଲା ।

୪୧ ବର୍ଷରେ ପଦାର୍ପଣ କଲା ଭରତପୁର ଗଜଲକ୍ଷ୍ମୀ ପୂଜା କମିଟି

କେନ୍ଦ୍ରାପଡ଼ା,୨୯।୧୦ :(ମନ୍ଥନ) କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ଗଜଲକ୍ଷ୍ମୀ ପୂଜା କମିଟି ୪୧ବର୍ଷରେ ପଦାର୍ପଣ କରିଛି।୧୯୮୫ମସିହାରେ ଦିଲ୍ଲିପ କୁମାର ଦାସ, ବିଭୁତିଭୂଷଣ ମହାନ୍ତି, ଚିତ୍ତରଞ୍ଜନ ଦାସ, ଦେବେନ୍ଦ୍ର ମହାନ୍ତି, ଦୀନବନ୍ଧୁ ସାହୁ, ସୁବୋଧ ଦାସ, ବିରଜା ପ୍ରସାଦ ମହାନ୍ତି, ଆକୁଳାନନ୍ଦ ବେହେରା, ଶ୍ରୀଚରଣ ବେହେରାଙ୍କ ଭଳି କେତେକ ଉଦୀୟମାନ ଯୁବକ ଭରତପୁର ଗ୍ରାମରେ ପ୍ରଥମେ ମା'ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥିଲେ। ଏଠାରେ ମା'ଲକ୍ଷ୍ମୀଙ୍କ ପୂଜା ରୀତିନୀତି ଅନୁଯାଇ ଅତ୍ୟନ୍ତ ନିଷ୍ଠାର ସହିତ କରାଇଯାଇଥାଏ। ଏହି ପୂଜାରେ ଗ୍ରାମର ପ୍ରତ୍ୟେକ ପରିବାରର ସଦସ୍ୟମାନେ ସାମିଲ ହୋଇଥାନ୍ତି। ମା'ଙ୍କ ପୂଜା ଅତ୍ୟନ୍ତ ଯାକଜମକରେ ହୋଇଥାଏ। ପୂଜା ଆରମ୍ଭ ଦିନରୁ ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ମଣ୍ଡପ ନିକଟରେ ଭଜନ, କୀର୍ତ୍ତନ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଏହାକୁ ଦେଖିବାକୁ ଆଖପାଖ ଗ୍ରାମ ଗୁଡ଼ିକର ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ମା'ଙ୍କ ପୂଜା ଓ ଭଷାଣୀ ଉତ୍ସବ ସମାପନ ହୋଇଥାଏ। ଏବେ ଗ୍ରାମର ଶକ୍ତି ପ୍ରସାଦ ମହାନ୍ତି, ସରୋଜକାନ୍ତ ମହାନ୍ତି, ଦୁର୍ଗାକେତନ ମହାନ୍ତି, ସୌଭାଗ୍ୟରଞ୍ଜନ ଦାସ, ନିମାଇଁ ମହାନ୍ତି, ମନୋଜ ମହାନ୍ତି, ବିରଞ୍ଚି ମହାନ୍ତି, ବିଶ୍ୱଜିତ ଦାସ, କୃପାସିନ୍ଧୁ ସାହୁ ପ୍ରମୁଖ ମା'ଲକ୍ଷ୍ମୀଙ୍କ ପୂଜାର ଦାୟିତ୍ୱ ଗ୍ରହଣ କରିଛନ୍ତି।

ରାସଗୋବିନ୍ଦପୁରରେ ହାତୀ ଆତଙ୍କ,ଅଞ୍ଚଳବାସୀ ନାକେଦମ୍

ମୋରଡ଼ା,୨୯।୧୦ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲାରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଦିନକୁ ଦିନ ହାତୀଙ୍କ ଗତିବିଧି ବୃଦ୍ଧି ପାଉଥିବା ବେଳେ ଜନବସତି ଅଞ୍ଚଳରେ ହାତୀପଲଙ୍କ ପ୍ରବେଶ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଶେଷ କରି ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଢେଙ୍ଗାନାଳିଆ-କୁଷଡିହା, ଅମରଦା , ସାରମୂଳା, ନୁଣଚାଟି, ପୋଡ଼ାପଡ଼ା ଓ ଭାଲିଆପଦା ଆଦି ଅଞ୍ଚଳରେ ଗତ ୨୦ ଦିନ ଧରି ହାତୀଙ୍କ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ପ୍ରାୟ ୧୫ ଟିକିଆ ହାତୀପଲ ବିଭିନ୍ନ ସମୟରେ ମୁଖ୍ୟ ରାସ୍ତା ଉପରେ ଚଳପ୍ରଚଳ କରୁଥିବା ବେଳେ ଆଉ କେତେବେଳେ ଧାନ ବିଲ ଭିତରକୁ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କଠାରୁ ଆରମ୍ଭ କରି ଚାଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ଭୟ ଓ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି। ଅନ୍ୟପକ୍ଷରେ, ବର୍ତ୍ତମାନ ଧାନ ଫସଲର ସମୟ ହୋଇଥିବାରୁ ହାତୀପଲଙ୍କ ଉପଦ୍ରବ

ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ମାସ ମାସର ପରିଶ୍ରମ କରି ଚାଷ କରିଥିବା ଫସଲ ହାତୀଙ୍କ ଦ୍ୱାରା ନଷ୍ଟ ହେବା ଆଶଙ୍କାରେ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ହାତୀପଲ କେତେବେଳେ କେଉଁ ରାସ୍ତାରେ ଯାଉଛନ୍ତି କିମ୍ବା କେଉଁ ଧାନ ବିଲରେ ପଶୁଛନ୍ତି, ତାହା ଜାଣିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ହାତୀଙ୍କ ଏଭଳି ଅବାଧ ଚଳପ୍ରଚଳ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷ କରି ରାତି ସମୟରେ ହାତୀପଲଙ୍କ ଗତିବିଧି ଯୋଗୁଁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି ।ତେଣୁ ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ନିୟମିତ ନଜର ରଖିବା ସହ ଅଞ୍ଚଳବାସୀଙ୍କୁ ସତର୍କ, ହାତୀଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲ ମଧ୍ୟକୁ ଫେରାଇବା ଏବଂ ଫସଲ କ୍ଷୟକ୍ଷତିର ଆକଳନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।ଏବେ ପ୍ରଶ୍ନ ଉଠୁଛି, ରାସଗୋବିନ୍ଦପୁର ଅଞ୍ଚଳବାସୀଙ୍କୁ ହାତୀ ଆତଙ୍କରୁ କେବେ ମିଳିବ ମୁକ୍ତି ? ଚାଷୀଙ୍କ ଫସଲ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗ କେବେ ନେବ ଠୋସ୍ ପଦକ୍ଷେପ ? ଏବେ ତାହାକୁ ହିଁ ଅପେକ୍ଷା।

କୁଚିଣ୍ଡା ଉପଖଣ୍ଡକୁ ମରୁଡ଼ି ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୁଚିଣ୍ଡା,୨୯।୧୦ :(ମନ୍ଥନ)ସମ୍ବଲପୁର ଜିଲ୍ଲା ଅଣଜଳସେଚିତ କୁଚିଣ୍ଡା ଉପଖଣ୍ଡରେ ବର୍ଷା ଅଭାବରୁ ଅଧିକାଂଶ ଖରିଫ ଫସଲ ନଷ୍ଟ ହେବାକୁ ବସିଛି।ଢ଼ିପ ଜମି ତଥା ମାଳସାଧାରଣ ବ୍ୟତୀତ ବର୍ଷା ଓ ବାହାଲ ସାଧାରଣରେ ହୋଇଥିବା ଧାନ ଫସଲ ଯଥେଷ୍ଟ ପ୍ରଭାବିତ ହୋଇଛି।ଫଳରେ ଚାଷୀଙ୍କ ଜୀବନ ଜୀବିକା ସହ ଋଣ କରଜ ପରିଶୋଧରେ ଏକ ବିରାଟ ସମସ୍ୟା ଦେଖାଦେଇଛି।ତେଣୁ ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ ପୂର୍ବକ ଚାଷୀଙ୍କୁ ସହାୟତା ପ୍ରଦାନ ସହ ସମଗ୍ର କୁଚିଣ୍ଡା ଉପଖଣ୍ଡକୁ ତୁରନ୍ତ ମରୁଡି ଘୋଷଣା କରନ୍ତୁ।ଏହି ମର୍ମରେ ବୁଧବାର କୁଚିଣ୍ଡା ନୂଆ ବସଷ୍ଟାଣ୍ଡ ସ୍ଥିତ ସାଇ ବହୁମୁଖୀ ସମବାୟ ସମିତି ପକ୍ଷରୁ ଏକ ଜରୁରୀ ବୈଠକ ସଭାପତି ଅଶୋଖ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମରୁଡି ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାର ନିଷ୍ପତ୍ତି ନିଆଯାଇଥିଲା। ସାଇ ବହୁମୁଖୀ ସମବାୟ ସମିତି ସଭାପତି ପଟେଲଙ୍କ ସହ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମାକାନ୍ତ ମହାକୁଲଙ୍କ ନେତୃତ୍ୱରେ ବୈଠକରେ ଯୋଗଦେଇଥିବା ସମିତିର ମହିଳା ପୁରୁଷ ସଭ୍ୟାସଭ୍ୟ ମାନେ ସାଇ କାର୍ଯ୍ୟାଳୟରୁ ଏକ

ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ ।ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସଞ୍ଜୟ କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। କୁଚିଣ୍ଡା ଉପଖଣ୍ଡର ଚାଷୀମାନେ ବର୍ଷା ଅଭାବରୁ ଭୟାବହ ମରୁଡିପରିସ୍ଥିତି ଏବଂ ଫସଲ କ୍ଷତିର ଗୁରୁତର ସମ୍ମୁଖିନ ହୋଇଛନ୍ତି। ଚଳିତ ଖରିଫ ଋତୁର ପ୍ରଥମାର୍ଦ୍ଧରେ ଭଲ ବର୍ଷା ହୋଇଥିଲେ ହେଁ ପରବର୍ତ୍ତୀ ସମୟ ଅର୍ଥାତ୍ ଫସଲ ଅମଳ ସମୟରେ ବର୍ଷା ଅଭାବରୁ ୬୦ପ୍ରତିଶତ ଫସଲ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି।ତେଣୁ ଅଣଜଳସେଚିତ ସମଗ୍ର କୁଚିଣ୍ଡା ଉପଖଣ୍ଡକୁ ମରୁଡି ଘୋଷଣା କରାଯାଇ ତୁରନ୍ତ ସହାୟତା ଯୋଗାଇ ଦିଆଯାଉ। ଉପଖଣ୍ଡର ସମସ୍ତ ପଞ୍ଚାୟତର ଗ୍ରାମର ଫସଲ କ୍ଷୟକ୍ଷତିର ଆକଳନ କରାଯିବା ସହ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା, ସରକାରୀ ନିୟମ ମୁତାବକ ଯୋଗ୍ୟ ଗ୍ରାମ ଗୁଡିକୁ ମରୁଡି ଘୋଷଣା କରିବା, ପ୍ରଭାବିତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା,ରବି ଫସଲ ପାଇଁ ପର୍ଯ୍ୟାପ୍ତ ପରିମାଣର ବିହନ, ସାର ଓ କୃଷି ସାମଗ୍ରୀ ସହ କୃଷି ଉପକରଣ ପାଇଁ ସହାୟତା ପ୍ରଦାନ କରିବା,ଆର୍ଥିକ ସମସ୍ୟା ଓ ଋଣ ପରିଶୋଧ ବ ?ଝରେ ଥିବା ଚାଷୀଙ୍କୁ ରିଲିଫ୍ ଯୋଗାଇ ଦେବା,ଯୋଗ୍ୟ କୃଷକଙ୍କୁ ଶୀଘ୍ର ଫସଲ ବୀମା ପ୍ରଦାନର ବ୍ୟବସ୍ଥା କରିବା, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସହାୟତା ଯୋଗାଇ ଦେବା ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସମିତିର ସଦସ୍ୟଙ୍କ ମଧ୍ୟରେ ମୋତିଲାଲ ସାହୁ,ଭଦ୍ରସେନ ଖର୍ସ ?ଲ,ବିନୟ ନାୟକ, ସୁରେନ୍ଦ୍ରନାୟକ,ଦେବାର୍ଜ୍ଜନ କିଷାନ,ଶୋଭାରାମ କିଷାନ,ନୀଳମଣି କିଷାନ,ଦ୍ରୋପଦୀ ଭୋଇ,କୁନ୍ତଳା ଭୋଇ,ଚମ୍ପୁ କିଷାନ,ମମତା କିଷାନ, ନଳିନୀ ଭୋଇ, ନବୀନ ରଣା,ବାସନ୍ତୀ ଲୁହା,ସତ୍ୟଭାମା ନାଏକ,ଉଷା ତୁଡୁମ,ଜୟମିନୀ କିଷାନ,ଶୁଶିଳା କିଷାନ, ତ୍ରିବେଣୀ ଲୁହା,ପୁଷ୍ପା କିଷାନ,ରୀତା କିଷାନ,ଲଳିତା କଷାନଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।

ବିଭିନ୍ନ ପୂଜା ମଣ୍ଡପ ବୁଲିଲେ ଯୁବ ନେତା ଅର୍ଜୁନ ସାହୁ

ଅନୁଗୋଳ,୨୯।୧୦ :(ମନ୍ଥନ)ଗତ କିଛିଦିନ ଧରି ସହରାଞ୍ଚଳ ର ଲକ୍ଷ୍ମୀପୂଜା ମଣ୍ଡପ ଗୁଡିକ ରେ ଶ୍ରଦ୍ଧାଳୁ ଙ୍କ ଦର୍ଶନ ଲାଗି ରହିଥିବା ବେଳେ ଶୁକ୍ରବାର ଯୁବନେତା ଅର୍ଜୁନ କୁମାର ସାହୁ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ । ପ୍ରଥମ ରେ ମା ମାହେଶ୍ୱରୀ ଛକ ସ୍ଥିତ ରୁଗୁଡ଼ିସାହି ଲକ୍ଷ୍ମୀପୂଜା ମଣ୍ଡପ କୁ ଯାଇ ମା ଲକ୍ଷ୍ମୀ ଙ୍କୁ ଦର୍ଶନ କରିଥିଲେ । ତା ପରେ ପୁରୁଣାଗଡ଼ ସ୍ଥିତ ଲକ୍ଷ୍ମୀ ପୂଜା ମଣ୍ଡପ ଓ ଲିପ୍ତିଙ୍ଗା ଛକ ସ୍ଥିତ ଲକ୍ଷ୍ମୀ ପୂଜା ମଣ୍ଡପ ପହଂଚି ମା ଲକ୍ଷ୍ମୀ ଙ୍କୁ ଦର୍ଶନ କରିଥିଲେ । ଦର୍ଶନ ସମୟ ରେ ସମସ୍ତ ପୂଜା କମିଟି ର କର୍ମକର୍ତ୍ତା ଓ ସଭ୍ୟ ମାନେ ମଣ୍ଡପ ସ୍ଥଳ କୁ ପାଛୋଟି ନେଇଥିଲେ

। ଶ୍ରୀ ସାହୁ ଙ୍କ ସହିତ କାଉନସିଲର ନୂତନ କୁମାର ବେହେରା, ନଗର ବିଜେପି ସଭାପତି ଶୈଳବାଳା ଅମାନ୍ତ,ରଞ୍ଜିତ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ନାଏକ, ଶେଷଦେବ ବଣିଚର ଉପସ୍ଥିତ ଥିଲେ । ସେହିପରି ଶ୍ରୀ ସାହୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ପୂଜା ମଣ୍ଡପ କୁ ଯାଇ ଦର୍ଶନ କରିଥିଲେ ।

କଳିଙ୍ଗିଆ ଘାଟି ପୁଣି ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଭୂସ୍ଖଳନ ର ଶିକାର

କନ୍ଧମାଳ,୨୯।୧୦ :(ମନ୍ଥନ) କନ୍ଧମାଳ ଜିଲ୍ଲାର ଐତିହାସିକ ପ୍ରସିଦ୍ଧ କଳିଙ୍ଗିଆ ଘାଟି ପୁଣି ଥରେ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ଭୂସ୍ଖଳନର ଶିକାର ହୋଇଛି । ଘଟଣା ସ୍ଥଳରେ କନ୍ଧମାଳ ଜିଲ୍ଲା ପାଳ ଶ୍ରୀ ବେଦ ଭୂଷଣ, ଉପଜିଲ୍ଲାପାଳ ଭିକାରି ସାହୁ, ଅତିରିକ୍ତ ଜିଲ୍ଲା ପାଳ କୁଶଳ ନାୟକ ଭକ୍ତ ବନ୍ଧୁ ଯନାର୍ଦ୍ଦନ ଦଳେଇ ପହଂଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଗଛପଡି ରାସ୍ତା ଅବରୋଧ ହଟାଇବାକୁ ଓଡ୍ରାଫ ଟିମ କୁ ଜିଲ୍ଲା ପାଳ ତତ୍କାଳ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ।ଗତ ସେପ୍‌ଟେମ୍ବର ୨୫ରେ ଭୂସ୍ଖ ଳନ ହୋଇଥିଲା ଫଳରେ ଦୁଇ ମାସ ଧରି ରାସ୍ତା ଠପ ହୋଇଥିଲା । ପାହାଡ଼ରୁ ପୁଣି ବଡ ପଥର ଖସି ଆସି ରାସ୍ତାରେ ପଡିଛି । ଗତ ୨୦୨୫ ସେପ୍‌ଟେମ୍ବର ୨୪ ରେ ପ୍ରଥମ ଭୂସ୍ଖଳନ ହୋଇଥିଲା ! ଲକ୍ଷଲକ୍ଷ ଟଙ୍କା ରେ ପୁନର୍ବାର ମରାମତି ହୋଇଥିଲା । ତିନି ତିନି ଥର ଭୂସ୍ଖଳନରେ ତିନିଥର ବଡ଼ ବଡ଼ ପଥର ଖସିଛି ! ଗତ ସେପ୍‌ଟେମ୍ବର ମାସରୁ ମରାମତି ଚାଲିଛି ! ଦୁଇଜିଲ୍ଲାର ପ୍ରଶାସନ ଅଧିକାରୀ, ବୁଦ୍ଧିଜୀବୀ, ଆଇନଜୀବୀ,ସମାଜ ସେବୀ, ଜଙ୍ଗଲ ବିଭାଗ ତତ୍ପରତା ପ୍ରକାଶ କରି ସମସ୍ୟା ସମାଧାନର ଉଦ୍ୟମ କରିଥିଲେ କିନ୍ତୁ ଘାଟି ମରାମତି ପ୍ରଶାସନିକ ପଦକ୍ଷେପ ଓ ତତ୍ପରତା ର କାମ ନୁହେଁ ବରଂ ଟେକନିକାଲ ପର୍ସନ ଓ ଜ୍ଞାନ କୌଶଳ ସହ ଉନ୍ନତ ମାନର କାମର ଆବଶ୍ୟକତା ରହିଛି । ହୁଏତ ନିମ୍ନ ମାନର କାମ ହେଉଛି କିମ୍ବା ଟେକ୍ନିକାଲ ଜ୍ଞାନ କୌଶଳର ଅଭାବ ଦେଉଛି । ଯାହାବି ହେଉ ଅର୍ଥ ଶ୍ରାଦ୍ଧ ହେଉଛି । ଦୀର୍ଘ ଏକବର୍ଷ ଧରି ଦୁର୍ଗା ପ୍ରସାଦ ଗ୍ରାମ ର ବ୍ୟବସାୟ ଠପ ହୋଇଛି । ଲୋକେ ୬୦ କିମି ଚକାପାଦ ରାସ୍ତା ଦେଇ ଭାୟା ବଦଳା ଓ ଗାଲେରି ପରେ ଦୁର୍ଗା ପ୍ରସାଦ କୁ ବାହାରିବାକୁ ପଡୁଛି । ଫଳରେ ଯାତ୍ରୀ ଙ୍କ ଧନ ହାନି ସହ ସମୟ ନଷ୍ଟ ହେଉଛି ବୋଲି ସମାଜ ସେବୀ ଅମନ ନାୟକ ଓ କ୍ଷିପ୍ର ନ୍ୟାୟିକ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ଏମ ଡି ଜିଆଉଦ୍ଦିନ କହିଛନ୍ତି । ୧୨ କିମି ଦୂର ବର୍ତ୍ତୀ ଆବିଷ୍କୃତ ହୋଇଥିବା ଫରେଷ୍ଟ ରୋଡ଼ ହିଁ ଏକ ଭବିଷ୍ୟତ ବିକଳ୍ପ । ଅର୍ଥ ମଂଜୁର ହୋଇ ରାସ୍ତା କାମ ହେଲେ ଲୋକେ ଏହି ସମସ୍ୟାରୁ ମୁକ୍ତି ପାଇବେ ବୋଲି କ୍ଷିପ୍ର ନାୟିକ ମଞ୍ଚ ର ସଭାପତି ସନ୍ତୋଷ କୁମାର ଡିଗଲ ମତବ୍ୟକ୍ତ କରିଛନ୍ତି । ଗତ ମାସ ୨୭ ରେ ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନା ଘାଟି କାମ ସମୀକ୍ଷା କରିବା ବେଳେ ଟେକନିକାଲ ପର୍ସନ ମାନେ ଘାଟି ଉପରେ ଏକ ୱାଟର ରେଜେରଭିଅର ଥିବା ଏବଂ ସେହିଜଳାଶୟର ପାଣି ଉଛୁଳି ଘାଟି ରାସ୍ତାକୁ ଧୋଇ ଦେଉଛି । ସେହି ଜଳାଶୟର ପାଣିକୁ ଘାଟିର ବିପରୀତ ଦିଗରେ ଛାଡିଲେ ଘାଟି ଉପରକୁ ପାଣି ଆସିପାରନ୍ତା ନାହିଁ ବୋଲି ପରିବେଶ ବିତ ସମୀର ପାଢ଼ୀ ଓ ଅରୁଣ କୁମାର ଷଡଙ୍ଗୀ ସମାଜ ସେବୀ କହିଛନ୍ତି । କଳିଙ୍ଗିଆ ଘାଟି ଓଡିଶା ଓ ଆନ୍ଧ୍ର ପ୍ରଦେଶ କୁ ସଂଯୋଗ କରୁଛି । ଦାରିଙ୍ଗବାଡି ସରୋଡା ରାସ୍ତା, ଗୁଟିଙ୍ଗିଆ ସାରଙ୍ଗଡ଼ ଟିକାବାଲି ରାସ୍ତା ବ୍ରିଜ ଭାଙ୍ଗିଯିବାରୁ ରାସ୍ତା ବନ୍ଦ ରହିଁଛି । ଦାରିଙ୍ଗବାଡି ବାଡ଼ି ର ସୁନ୍ଦର ପାଙ୍କା ରେ ଗଛ ପଡି ରାସ୍ତା ଅବରୋଧ ହୋଇଛି । ରାଇକିଆରେ ରାସ୍ତା ଭୂସ୍ଖ ଳନ ଯୋଗୁଁ ରାସ୍ତା ବନ୍ଦ ହୋଇଛି ।

ରେଙ୍ଗାଳିର ନୂଆ ପରିଚୟ: ପ୍ରକୃତି, ଦୁଃସାହସିକତା ଓ ଇକୋ-ଟୁରିଜିମ୍

ଅନୁଗୋଳ,୨୯।୧୦ :(ମନ୍ଥନ) ଅନୁଗୋଳ ବନଖଣ୍ଡ ଅଧୀନରେ ନିର୍ମାଣାଧୀନ ରେଙ୍ଗାଳି ଇକୋ-ଟୁରିଜିମ୍ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ପର୍ଯ୍ୟଟନର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଅନୁଗୋଳର ଡିଏଫ୍‌ଓ କରିଥିଲେ। ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ନୌକା ବିହାର ସୁବିଧାର ପ୍ରସ୍ତୁତି ଆକଳନ କରିବା ନିମନ୍ତେ ଏକ ପରୀକ୍ଷାମୂଳକ ନୌକା ଚାଳନା କରାଯାଇଥିଲା। ଏହା ସହିତ ଦ୍ୱୀପଗୁଡ଼ିକରେ ଇକୋ-କଟେଜ୍ ଓ ରେଷ୍ଟୁରାଣ୍ଟ ନିର୍ମାଣ ପାଇଁ ସମ୍ଭାବନା ଅନୁଧ୍ୟାନ କରାଯାଇଥିଲା।ପ୍ରକୃତିର ସୌନ୍ଦର୍ଯ୍ୟ ସଂରକ୍ଷଣ ସହ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଓ ସ୍ଥାୟୀ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରେଙ୍ଗାଳି ଏକ ଆକର୍ଷଣୀୟ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିଉଠିବାକୁ ଯାଉଛି।

'ଅର୍ଣ୍ଣବ'ର ପ୍ରଭାବରେ ବାଘୁଆ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି, ୨ଟି ଗେଟରେ ବନ୍ୟାଜଳ ନିଷ୍କାସନ କଲା ଜଳସେଚନ ବିଭାଗ

ବୁଗୁଡ଼ା,୨୯।୧୦ :(ମନ୍ଥନ) ସ୍ଥାନୀୟ ବାଘୁଆ ଜଳଭଣ୍ଡାରର ସୁରକ୍ଷିତ ଓ ଜଳସ୍ତରର ବିପଦକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ୨୯ ତାରିଖ ଦିନ ସକାଳୁ ଜଳଭଣ୍ଡାରର ୨ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯାଇଥିବା ଜଣାଯାଇଛି। ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବାବେଳେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଫଳରେ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା। ଏହାକୁ ଦୃଷ୍ଟିରେ ରଖି ରଖି ବିପଦଜ୍ଜନକ ସ୍ଥିତିକୁ ଏଡ଼ାଇବା ପାଇଁ ଭଞ୍ଜନଗର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସକାଳୁ ବାଘୁଆ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ରଙ୍କ

ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରର ୨ଟି ସ୍ପିଲ୍ ୱେ ଗେଟ୍ ଖୋଲାଯାଇ ଅତିରିକ୍ତ ବନ୍ୟାଜଳକୁ ନିଷ୍କାସନ କରାଯାଇଥିଲା । ସମ୍ପ୍ରତି ବାଘୁଆ ଜଳଭଣ୍ଡାରର ଜଳସ୍ତର ଉଚ୍ଚତା ୧୧୩.୧୫ ମିଟର ଥିବାବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦୪ ଘନ ମିଟର ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୨ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୭୬ ଘନ ମିଟର ଜଳ ନିଷ୍କାସିତ ହେଉଛି। ପ୍ରକାଶ ଯେ, ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯିବା ପାଇଁ ପୂର୍ବରୁ ବିଭାଗୀୟ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ନଦୀକୁ କେହି ନଯିବା ସହ ଗୃହପାଳିତ ପଶୁମାନଙ୍କୁ ନଦୀକୁ ନଛାଡିବା ସକାଶେ ସତର୍କ ସୂଚନା କରାଯାଇଥିଲା ।

ନୟାଗଡ଼ରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ନୟାଗଡ଼, ୨୯।୧୦ :(ମନ୍ଥନ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭାଗୃହରେ ଆଜି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ସାଧାରଣ ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଜୟାନନ୍ଦ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର କୁମାର ସାହୁ, ଉପ ଆରକ୍ଷୀ ଅଧିକ୍ଷକ (ଦୁର୍ନୀତି ନିବାରଣ ଶାଖା) ଶ୍ରୀ ଅଶୋକ କୁମାର ବିରୁଆ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ସଭାକାର୍ଯ୍ୟର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଦୁର୍ନୀତି ନିବାରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଜିଲ୍ଲାପାଳଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କିତ ଶପଥ ପାଠ କରାଯାଇଥିଲା ।ଆଲୋଚନା ଚକ୍ରରେ ଯୋଗଦେଇ ଅତିଥିମାନେ ସରକାରୀ

କାର୍ଯ୍ୟରେ ସ୍ୱଚ୍ଛତା, ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ମାଧ୍ୟମରେ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ଶ୍ରୀ ରାମକୃଷ୍ଣ ରଥ ମଧ୍ୟ ନିଜର ମତ ରଖି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥି ଭାବେ ବକ୍ତବ୍ୟ ରଖି ଜିଲ୍ଲାପାଳ ଶ୍ରୀମତୀ ରଥ ମତ ପ୍ରକାଶ କରିଥିଲେ ଯେ, କେବଳ ସଭାସମିତିରେ ଆହ୍ୱାନ ଦେଲେ ଦୁର୍ନୀତି ଦୂର ହେବ ନାହିଁ; ବରଂ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ଆତ୍ମ-ଅନୁଶୀଳନ କରିବା ଏବଂ ସାଧୁତା ବଜାୟ ରଖିବା ଜରୁରୀ। ସମସ୍ତ ସରକାରୀ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ, ଡେପୁଟି କଲେକ୍ଟର, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରିଶେଷରେ ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଶୋକ କୁମାର ବିରୁଆ ଧନ୍ୟବାଦ ଅର୍ପଣ କରିବା ପରେ ସଭା କାର୍ଯ୍ୟ ସାଙ୍ଗ ହୋଇଥିଲା।

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ, ବର୍ଷା ଓ ପବନରେ ବ୍ୟାପକ ଫସଲ ନଷ୍ଟ , ଚିନ୍ତାରେ ଚାଷୀକୁଳ

ବୁଗୁଡ଼ା,୨୯।୧୦ :(ମନ୍ଥନ)ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ବୁଗୁଡା ଅଞ୍ଚଳରେ ଦୁଇଦିନ ହେବ ଜାରି ରହିଥ?ବା ପ୍ରବଳ ପବନ ଓ ଅନବରତ ବର୍ଷା ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଅଞ୍ଚଳର କେତେକ ସ୍ଥାନରେ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ଏବଂ ଚାଷକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିଥିବା ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବୁଗୁଡା ବ୍ଲକ ଅନ୍ତର୍ଗତ କହ୍ନେଇପୁର ଗ୍ରାମର ପଦ୍ମଲାଭ ଗୌଡ଼, ଯୁଧିଷ୍ଠିର ଦାଶ, ନିରଞ୍ଜନ ପ୍ରଧାନ, ତ୍ରିନାଥ ଗୌଡ, ପ୍ରଦୀପ ପ୍ରଧାନ, ଧର୍ମୁ ପ୍ରଧାନଙ୍କ ମକା ଫସଲ ପବନ ଯୋଗୁଁ ଜମିରେ ଲୋଟି ପଡିଛି।

ପବନ ଓ ବର୍ଷାର ପ୍ରଭାବରେ ଚାଷଜମିରେ ପଡ଼ି ଫସଲ ନଷ୍ଟ ହୋଇଥିବାରୁ ଚାଷୀଙ୍କର ବ୍ୟାପକ ଆର୍ଥିକ କ୍ଷତି ହୋଇଛି। ଏହାର ସଠିକ୍ ଆକଳନ କରାଯିବା ଜରୁରୀ ହୋଇପଡ଼ିଛି। ଅଞ୍ଚଳର ଚାଷୀମାନେ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ସେମାନଙ୍କ ଆୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷଜମିର ତଦନ୍ତ କରି ଚାଷୀଙ୍କ କ୍ଷତିପୂରଣ ପାଇଁ ଦାବି ହୋଇଛି।

ଅର୍ଣ୍ଣବ ବାତ୍ୟାର ପ୍ରଭାବ ଉପର ମୁଣ୍ଡରରେ ପ୍ରବଳ ବର୍ଷାର ପ୍ରଭାବରେ ଋଷିକୁଲ୍ୟା ଜଳସ୍ତର ବୃଦ୍ଧି

ଗଞ୍ଜାମ,୨୯।୧୦ :(ମନ୍ଥନ)ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ପ୍ରଭାବ ଯୋଗୁଁ ସାଧାରଣ ଜୀବନ ଜୀବିକା ପ୍ରଭାବିତ ହୋଇଛି । ବିଶେଷକରି ଉପର ମୁଣ୍ଡର ବର୍ଷା ପ୍ରଭାବରେ ଗଞ୍ଜାମ ସହର ସନ୍ନିକଟ ଦାମୋଦରପୁର ଗ୍ରାମ ନିକଟରେ ପ୍ରବାହିତ ଋଷିକୁଲ୍ୟା ନଦୀର ଜଳ ସ୍ତର ବୃଦ୍ଧି ଘଟିଥିବା ଦେଖିବାକୁ ମିଳିଛି । ବୁଧବାର ରାତ୍ରରୁ ନଦୀ ଜଳବୃଦ୍ଧି ପାଇବାରେ

ଲାଗିଛି । ଗୁରବାର ପୂର୍ବାହ୍ନରେ ନଦୀ ରେ ୧୦ ଫୁଟ ପାଣି ପ୍ରବିହିତ ହେଉଥିବା ବେଳେ ରାତ୍ର ସୁଧା ୧୪ ଫୁଟ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା ।ବେଳକୁ ବେଳେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଋଷିକୁଲ୍ୟା ପୋଡ଼ାମପେଟା ଓ ପୁରୁଣାବନ୍ଧ ଗ୍ରାମ ସମ୍ମୁଖରେ ଦୁଇଟି ମୁହାଁଣ ରହିଥିବାରୁ ସମୁଦ୍ର ମଧ କ୍ଷିପ୍ର ଗତିରେ ବନ୍ୟଜଳ ପ୍ରବାହିତ ହେଉଥିବା ପରିଲକ୍ଷିତ ହେଉଛି । ବନ୍ୟା ଜଳ ବୃଦ୍ଧି ପାଇଲେ ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତ, କରପଡା ପଞ୍ଚାୟତ ପାଇଁ ବିପଦ ର ଆଶଙ୍କା ରହିଛି । ପ୍ରାକୃତିକ ବିପର୍ଯ୍ୟୟ କୁ ମୁକାବିଲା କରିବା ପାଇଁ ବ୍ଲକ ପ୍ରଶାସନ, ପୁଲିସ ପ୍ରଶାସନ, ଇରିଗେସନ ଓ ଓଡ୍ରାଫ କର୍ତ୍ତୃପକ୍ଷ ସଜାଗ ରହିଥିବା ଦେଖିବାକୁ ମିଳିଛି ।

କନେଷ୍ଟେବଲ ନିଯୁକ୍ତି ୨୦୨୬ ବଲାଙ୍ଗିର ସମେତ ୨୩ ଜିଲ୍ଲାକୁ ଏସ୍‌ସିବିସି ସଂରକ୍ଷଣ ଶୁନ୍ୟ

ବଲାଙ୍ଗିର,୨୯।୧୦ :(ମନ୍ଥନ)ଓଡିଶା କନେଷ୍ଟେବଲ ନିଯୁକ୍ତି ବିଜ୍ଞାପନ ୨୦୨୬ ଅନୁସାରେ କନେଷ୍ଟେବଲ ନିଯୁକ୍ତି ଏସ୍‌ସିବିସି ଛାତ୍ରଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗ ହୋଇଛି । ଏହା ବିରୋଧରେ ଜିଲ୍ଲା ଓବିସି ମଂଚ ବଲାଙ୍ଗିର ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ କୁ ଲିଖିତ ଅଭିଯୋଗ କରାଯାଇଛି । ରାଜ୍ୟରେ ମୋଟ ୪୨୧୯ ପଦ ମଧ୍ୟରୁ ଏସ୍‌ସିବିସି କୁ ମାତ୍ର ୮୫ ପଦ ମିଳିଛି ଯାହା ସଂରକ୍ଷଣ ନୀତିର ବିରୋଧରେ ଯାଉଛି । ୩୦ଟି ଜିଲ୍ଲାରୁ ୨୩ଟି ଜିଲ୍ଲାରେ ଏସ୍‌ସିବିସି କୁ ଶୁନ ବଲାଙ୍ଗିର ଜିଲ୍ଲାରେ ୧୧୬ ପଦରୁ ଏସ୍‌ସିବିସି କୁ ଶୁନ । ନିୟମନୁସାରେ ୧୩ଟି ପଦ ମିଳିବା କଥା । ଏଣୁ ବଲାଙ୍ଗିର ଜିଲ୍ଲାର ଛାତ୍ର ଛାତ୍ରୀମାନେ ଏକ ଦାବିପତ୍ର ଓବିସି ସଂଯୋଜକ ସରୋଜ କୁମାର ମେଶ୍ୱାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ଦାବିରେ ବିଜ୍ଞାପନ କୁ ତୁରନ୍ତ ସଂଶୋଧନ, ବଲାଙ୍ଗିର ରେ ଏସ୍‌ସିବିସିଙ୍କ ୧୩ଟି ପଦବି ପୁରଣ । ସମସ୍ତ ଜିଲ୍ଲାରେ ୧୧.୨୫% ଲାଗୁ । ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ଦାବି ମୁଖ୍ୟମନ୍ତ୍ରୀ ଓଡିଶା ସରକାରଙ୍କୁ ସ୍ମାରକ ପତ୍ର ଦିଆଯାଇଛି । ଏଥିରେ ଛାତ୍ରମାନଙ୍କ ମଧ୍ୟରୁ ସତ୍ୟ ସାହୁ, କୈଳାସ ଭୋଇ, ନିରଞ୍ଜନ ଡାଙ୍ଗ, ସତ୍ୟ ପଧାନ, ଚିନ୍ମୟ ବଗର୍ତ୍ତ, ଅଶୋକ ସାହୁ, ଦିଲେଶ୍ୱର ପଧାନ, ଭରତ ଦନ୍ତା, ସିଦ୍ଧାର୍ଥ କରନ, ବବଲୁ ଡାଙ୍ଗ, ବିକାଶ ପଡକା ପ୍ରମୁଖ ଉପସ୍ଥିତ ଥିଲେ ।

ହୋତ୍ତା ସାରଙ୍କ ଦ୍ୱାଦଶାହରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

ଗଞ୍ଜାମ,୨୯।୧୦ :(ମନ୍ଥନ)ଗୁରୁବାର ଦିନ ରମ୍ଭା ଏମ ଏସ ଭି ପବ୍ଲିକ ସ୍କୁଲ ପରିସରରେ ଲୋକପ୍ରିୟ ତଥା ଅବସର ପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ହୋତ୍ତାଙ୍କ ଦ୍ୱାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଦିବଂଗତ ହୋତ୍ତା ସାରଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାର ପ୍ରାରମ୍ଭରେ ଉପସ୍ଥିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସଜ୍ଜନ ମଣ୍ଡଳୀ ଦିବଂଗତ ହୋତ୍ତା ସାରଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ରାହ୍ମଣ ସମାଜ, ବୁଦ୍ଧିଜୀବୀ, ଆତ୍ମୀୟ ସ୍ୱଜନ, ପରିଜନ, ସମ୍ପର୍କୀୟ ତଥା ପାରିବାର ପକ୍ଷରୁ ଦୀର୍ଘ ଜୀବନ ଭିତରେ ଶିକ୍ଷକତା, ଛାତ୍ର ବତ୍ସଳ, ସଂଗଠକ, ସହାନୁଭୂତି, ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହିତ ସାମିଲ ହୋଇ ନିଜ ପରାକାଷ୍ଠା ଦେଖାଇଥିଲେ । ଏତଦ ବ୍ୟତୀତ ଉପରୋକ୍ତ ଶିକ୍ଷାନୁଷ୍ଠାନର ମୃତ୍ୟୁ ପର୍ଯ୍ୟନ୍ତ ସଭାପତି ରହିଥିଲେ । କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ସାହୁ, ସତ୍ୟ ନାରାୟଣ ପଣ୍ଡା, ଉମାଚରଣ ତ୍ରିପାଠୀ, ସନ୍ତୋଷ ଆଚାର୍ଯ୍ୟ, ପରିଚାଳନା କରିଥିଲେ ।ଏବଂ ଧର୍ମପନ୍ନୀ କବିତା ହୋତ୍ତା, ପୁତ୍ର ସିଦ୍ଧାର୍ଥ କୁମାର ହୋତ୍ତା, ପୁତ୍ର ବଧୂ ତପସ୍ୱିନୀ ହୋତ୍ତା, ଜ୍ୟେଷ୍ଠ କନ୍ୟା ସଂଘମିତ୍ରା ହୋତ୍ତା, କନିଷ୍ଠ କନ୍ୟା ଆଲେଖିକା ହୋତ୍ତା, ଭାତୃ କୈଳାଶ ଚନ୍ଦ୍ର ହୋତ୍ତା, ଜ୍ୱାଇଁ, ଭଣଜା ଭାଣିଜୀ, ନାତି ନାତୁଣୀ ସମେତ ଯୋଗ ଦେଇଥିଲେ । ଦ୍ୱାଦଶାହ ଦିନ ଅର୍ଣ୍ଣବ ବାତ୍ୟାକୁ ମୁକାବିଲା କରି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିବାରୁ ବ୍ରାହ୍ମଣ ସମାଜ ପକ୍ଷରୁ ବିଶ୍ୱଜିତ ଆଚାର୍ଯ୍ୟଙ୍କୁ ଭୂୟାଁସୀ ପ୍ରଶଂସା କରିଥିଲେ ।

ନବରଙ୍ଗପୁର ଜିଲ୍ଲାରେ ବନ୍ୟା ମୁକାବିଲା ଓ ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କଲେ ମନ୍ତ୍ରୀ

ନବରଙ୍ଗପୁର,୨୯।୧୦ :(ମନ୍ଥନ) ନବରଙ୍ଗପୁର ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ମୁକାବିଲା, ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀରେ ରିଲିଫ୍ ଓ ଖାଦ୍ୟ ବ୍ୟବସ୍ଥା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିର ସମୀକ୍ଷା ନିମନ୍ତେ ଆଜି ନବରଙ୍ଗପୁର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଏକ ବାତ୍ୟା ପରବର୍ତ୍ତୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେବୈଠକର ପ୍ରାରମ୍ଭରେ ନବରଙ୍ଗପୁର ଜିଲ୍ଲାପାଳ ଉପସ୍ଥିତ ମାନ୍ୟବର ଜନପ୍ରତିନିଧି, ପଦାଧିକାରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପୂର୍ବ ପ୍ରସ୍ତୁତି, ଉଦ୍ଧାର କାର୍ଯ୍ୟ, ଲୋକଙ୍କ ସ୍ଥାନାନ୍ତର, ଆଶ୍ରୟସ୍ଥଳୀ ପରିଚାଳନା ଓ ରିଲିଫ୍ ବଣ୍ଟନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲାଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଡ. ମହେଶ୍ୱର ସ୍ୱାଇଁ ବନ୍ୟା ପରିସ୍ଥିତି ସମୟରେ ଜିଲ୍ଲାର ବିଭିନ୍ନ ପ୍ରଭାବିତ

ଅଞ୍ଚଳକୁ କରିଥିବା କ୍ଷେତ୍ରୀୟ ପରିଦର୍ଶନର ଅନୁଭୂତି ବାଣ୍ଟିଥିଲେ। ବନ୍ୟା ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନର ପୂର୍ବ ପ୍ରସ୍ତୁତି, ଅଧିକାରୀମାନଙ୍କ ସତର୍କତା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସନ୍ତୋଷଜନକ ଥିବା ସେ ମତବ୍ୟକ୍ତ କରିଥିଲେ। ବିପର୍ଯ୍ୟୟ ସମୟରେ ତୃଣମୂଳ ସ୍ତରରେ ପ୍ରଶାସନର ସକ୍ରିୟ ଭୂମିକା ଓ ତତ୍ପରତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ ।ନବରଙ୍ଗପୁର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ଗୌରୀଶଙ୍କର ମାଝୀ କହିଥିଲେ ଯେ, ସେ ମାନ୍ୟବର ମନ୍ତ୍ରୀଙ୍କ ସହ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଲୋକଙ୍କୁ ସୁରକ୍ଷିତ ରଖିବା, ଆବଶ୍ୟକ ସହାୟତା ଯୋଗାଇଦେବା ଓ ରିଲିଫ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା। ସଙ୍କଟ ସମୟରେ ଅଧିକାରୀମାନଙ୍କ ଦାୟିତ୍ୱବୋଧ ଓ କାର୍ଯ୍ୟଦକ୍ଷତା ଲୋକଙ୍କୁ ଆଶ୍ୱସ୍ତ କରିଥିଲା ବୋଲି ସେ କହିଥିଲେ ।ନବରଙ୍ଗପୁର ମାନ୍ୟବର ସାଂସଦ ଶ୍ରୀ ବଳଭଦ୍ର ମାଝୀ ବନ୍ୟା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହଜାର ହଜାର ଲୋକଙ୍କୁ ସମୟୋଚିତ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଉଲ୍ଲେଖ କରିଥିଲେ। ଏହି ପଦକ୍ଷେପ ଜନଜୀବନର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ ମତ ପ୍ରକାଶ କରିଥିଲେ ।ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବନ୍ୟା ପରିସ୍ଥିତି ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ୍ ଉନ୍ନୟନ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନର ସମନ୍ୱିତ ପଦକ୍ଷେପ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇପାରିଥିବା ସେ ଉଲ୍ଲେଖ କରିଥିଲେ ।ମନ୍ତ୍ରୀ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ଖାଦ୍ୟ ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରିଥିଲେ ଏବଂ ନିଜେ ଖାଦ୍ୟର ସ୍ୱାଦ ନେଇ ଏହାର ଗୁଣବତ୍ତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସମୟୋଚିତ ସହାୟତା, ନିରାପଦ ଆଶ୍ରୟ ଓ ଗୁଣାତ୍ମକ ଖାଦ୍ୟ ଯୋଗାଇଦେବା ପ୍ରଶାସନର ପ୍ରାଥମିକ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।ବୈଠକରେ ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଭବିଷ୍ୟତରେ ଏଭଳି ପରିସ୍ଥିତିର ସଫଳ ମୁକାବିଲା କରିବା ବୋଲି ମତପ୍ରକାଶ କରିଥିଲେ କ୍ଷ ଏହି ବୈଠକରେ ମାନ୍ୟବର ବିଧାୟକ ଡାବୁଗାଁ ଶ୍ରୀ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲ୍ଲାପାଳ ଶ୍ରମତୀ ମଧୁମିତା, ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଶ୍ରୀ ଲିଙ୍ଗରାଜ ଭତ୍ରା, ଜିଲ୍ଲା ପରିଷଦ ସଭାପତି ଶ୍ରୀ ମୋତିରାମ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମନ ଧନ୍ୟବାଦ ଅର୍ପଣ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଅଧ୍ୟବସାୟ ବେକାର ନହେଉ

ରାଜ୍ୟରେ ସବୁ ଜିନିଷର ନକଲି କାରବାର ହେଉଛି । ନାମୀ ଦାମୀ କମ୍ପାନୀର ପ୍ରଡକ୍ଟ ବୋଲି ଲୋକଙ୍କୁ ଦେଖାଇ ସାମାନ୍ୟ ଶସ୍ତାରେ ସବୁ ଜିନିଷ ବିକ୍ରି ହୋଇପାରୁଛି ଏବଂ ଏଥିରେ ବିପୁଳ ଲାଭ ହେଉଛି । ନକଲି ବା ଭେଜାଲ ବେପାରରେ ଏତେ ଲାଭ ଯେ ଏଥିରେ ଯିଏ ଥରେ ପଶିଛି ସେ ଏହାର ମୋହ ଛାଡ଼ିପାରୁନି । କାଁ ଭାଁ କିଏ କେମିତି ଧରାପଡ଼ି କିଛି ଦିନ ପାଇଁ ଜେଲ ଯାଉଛନ୍ତି, ପୁଣି ଜେଲରୁ ବାହାରି ପୂର୍ବ ପରି ଭେଜାଲ କାରବାର ଚଳାଉଛନ୍ତି । କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି । କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି । ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି । ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ । ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ । କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି । ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି । ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି । ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି । ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି । ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି । ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ । ଏହା ଏକ ଗର୍ହିତ ଅପରାଧ । ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ । ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି । ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି । ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି । ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ । ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି । ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି । ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି । ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ । ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି । ଅନେକ ବର୍ଷ ହେବ ଚାଲିଆସୁଛି । କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି । ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି । ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି । କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ । ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ । ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ଉଚିତ । ଯେଉଁମାନେ ନିଷ୍ଠା, ଦକ୍ଷତା ଏବଂ ସାଧୁତାର ସହ କଠିନ ପରିଶ୍ରମ କରି ପାଠ ପଢୁଛନ୍ତି, ସେମାନଙ୍କ ଅଧ୍ୟବସାୟ ବେକାର ନହେଉ । ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଉଚିତ । ପରୀକ୍ଷାରେ କପି କରି ପାସ କରିବା ଯାହା ନକଲି ସାର୍ଟିଫିକେଟ ହାସଲ କରିବା ତାହା । ଅ ଆ ଜାଣିନଥିବା ପିଲା ଯଦି ପ୍ରଥମ ଶ୍ରେଣୀରେ ମାଟ୍ରିକ ଏବଂ ଯୁକ୍ତ ଦୁଇ ପାସ କରିଥିବାର ସାର୍ଟିଫିକେଟ ହାସଲ କରେ ତେବେ ଜଣେ ମେଧାବୀ ଛାତ୍ର କାହିଁକି ପାଠ ପଢ଼ିବ ? ଏବେ ସମୟ ଆସିଛି, ସରକାର ଆଉ ନିରବରେ ବସି ରହିବା ଉଚିତ ନୁହେଁ । ଏଭଳି ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ବ୍ୟବସ୍ଥା ହେଉ, ଶିକ୍ଷାର ମାନ ରକ୍ଷା ହେଉ । ବଜାରରେ ଶିକ୍ଷାକୁ ନିଲାମ କରାନଯାଉ । ଶିକ୍ଷାର ସମ୍ମାନ ହାନି କରିବା, ପ୍ରକୃତ ଶିକ୍ଷିତ ବ୍ୟକ୍ତିଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରି ଅଯୋଗ୍ୟଙ୍କୁ ଆସନ ଦେବା ଏକ ଅତି ଗର୍ହିତ ଅପରାଧ । ଏହା ଦେଶଦ୍ରୋହ ଅପରାଧ ସହ ସମାନ । ଏମାନଙ୍କ ପ୍ରତି କଠୋର ଦଣ୍ଡ ବିଧାନ ନିମନ୍ତେ ଆଇନରେ ଶୀଘ୍ର ସଂଶୋଧନ ହେବା ଉଚିତ ।

ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର

ଯୁଧିଷ୍ଠିର ମହାରଣା

ସୁନା, ୟୁରାନିୟମ, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ବଢ଼ିବାରେ ଲାଗିଛି । ବିଶେଷକରି କୃତ୍ରିମ ବୁଦ୍ଧିମତା ଏଆଇ ଯୁଗରେ ତଥ୍ୟ ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି । ଏହି ପୃଷ୍ଠଭୂମିରେ ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ । ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ । ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି । ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି । କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ତଥ୍ୟକୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି ?

ଏଭଳି ଏକ କୌତୂହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତ କାଠଗଡ଼ା ଭିତରକୁ ଆସିଛି । ଗୁଜୁରାଟର ଗାନ୍ଧୀନଗର ଦୌରା ଜଜଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ଼ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି । ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ ଓ ଆଇକ୍ଲାଉଡକୁ ଖୋଲିବା ପାଇଁ ପରିବାର ଲୋକକେ ଆଇଫୋନ ନିର୍ମାତା ଆପଲ କମ୍ପାନୀର ସହାୟତା ଲୋଡ଼ିଥିଲେ । କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସୱାର୍ଡ଼ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ ସକସେସନ ଆକ୍ଟ-୧୯୨୫ ଆଧାରରେ ଫୋନରେ ଥିବା ତଥ୍ୟ ପାଇବାକୁ ହକଦାର ବୋଲି ଦାବି କଲେ । ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା । ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ ଜେନେରାଲ କ୍ଲଜ ଆକ୍ଟ ଡିଜିଟାଲ ତଥ୍ୟ ମଧ୍ୟ ସହଜ ବା ଅବସ୍ଥାବର ସମ୍ପତ୍ତି ପରିସରଭୁକ୍ତ । ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନସନ ଅଫ ମନି ଲଣ୍ଡିରଂ ଆକ୍ଟ ମଧ୍ୟ ସମାନ କଥା କହୁଛି । ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନଏଫଟିକୁ ଡିଜିଟାଲ ଆସେଟ ମାନ୍ୟତା ଦେଇଛି । ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ । ଅପରପକ୍ଷରେ ପ୍ରତିବାଦୀ ପକ୍ଷ ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ । ଏହାଛଡ଼ା ଡିଜିଟାଲ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ । ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କରେ ସନ୍ତୁଳନ ବିଗିଡ଼ି ଯାଇପାରେ । ପରିବାର ଲୋକେ ଜାଣିଲେ ମଧ୍ୟ ମରଣୋତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ । ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦୋହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ । ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ ବାଧ୍ୟ ହୋଇଛି । ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ (ଫେଡେରାଲ କୋର୍ଟ ଅଫ ଜଷ୍ଟିସ୍ ଅଫ ଜର୍ମାନୀ)ରେ ଶୁଣାଣି ହୋଇଥିଲା । ୨୦୧୨ରେ ଜନୈକା ପନ୍ଦର ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସବୁକ ଆକାଉଣ୍ଟର ପାସୱାର୍ଡ଼ ଦେବାକୁ ଫେସବୁକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ଫେସବୁକ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତ୍ତି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ । କାରଣ ଜେନେରାଲ ଡାଟା ପ୍ରୋଟେକସନ ରେଗୁଲେସନ ଅନୁଯାୟୀ ତୃତୀୟପକ୍ଷଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି କିନ୍ତୁ ପରିବାର ଲୋକେ ତୃତୀୟ ପକ୍ଷ ନୁହଁନ୍ତି । ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ । କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକଦାର । ଏହାପରେ ଫେସବୁକ ମୃତକଙ୍କ ପାସୱାର୍ଡ଼ ତାଙ୍କ ପିତାମାତାଙ୍କୁ ଦେଇଥିଲା ।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ । ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୩ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ କରିପାରିବେ । ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସୱାର୍ଡ଼ ଆଦିକୁ ଡିକୋଡ କରିବାରେ ନୋମିନଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ । କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କଣ କରାଯିବ ସେ ବିଷୟରେ ଆଇନ ନିରବ ରହିଛି । ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ । ତେଣୁ ଭବିଷ୍ୟତର ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ । ଇଣ୍ଟରନେଟର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ ଭାବେ ରହୁଥିଲା । ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା । କିନ୍ତୁ ଏବେ ଡିଜିଟାଲ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ ଡକ୍ୟୁମେଣ୍ଟର ପ୍ରାବଲ୍ୟ ବଢ଼ିବାରେ ଲାଗିଛି । ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

ଜଗତ ମାତା ଚ ପ୍ରକୃତିଃ... ଗରିୟସୀ ଜଗତାଂ ମାତା

ଲକ୍ଷ୍ମୀ ନାରାୟଣ ମଲ୍ଲିକ

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା ।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି । ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ । ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି । ମା' ସବୁବେଳେ ବିଶ୍ୱାସର ବାଇଶି ପାହାଚ ଯେ ଅସମର୍ଥ ପାଦକୁ ଚାଲିବାର କଳା ଓ କୌଶଳ ଶିଖାଇଥାଏ । ମା'ହେଉଛି ବିଶ୍ୱାସର କଳ୍ପବଟ ଯାହା କୋଳରେ ମଥା ଥାପି ଦେଲେ ସବୁ ଦୁଃଖକଷ୍ଟ ନିମିଷକେ ଉଭେଇଯାଏ । ମା'ପୁଣି ବିଶ୍ୱାସର ଗରୁଡ଼ ସ୍ତମ୍ଭ ଯାହାକୁ ଜାବୁଡ଼ି ଧରିଲେ ଜୀବନରେ ସବୁକିଛି ପ୍ରାପ୍ତିର ସନ୍ତୋଷ ମିଳିଯାଏ । ମା'ବିଶ୍ୱାସର ପତିତପାବନ ବାନା ଯେ ଆଶା ଓ ସାହାସର, ଧୈର୍ଯ୍ୟ ଓ ପ୍ରେରଣାର ଅଫୁରନ୍ତ ସ୍ରୋତ । କୌଣସି ସାମାଜିକ ପଦପଦବୀରେ ଆସୀନ ନ ହୋଇଥିଲେ ମଧ୍ୟ ନିଜର ଅସୀମ ଧୈର୍ଯ୍ୟ ଓ ପ୍ରଗାଢ଼ ଭଗବତ ବିଶ୍ୱାସକୁ ପାଥେୟ କରି, ସ୍ୱାମୀ ଆଦିକନ୍ଦ ମଲ୍ଲିକ ଯେ କି ଓଡ଼ିଶାର ବରିଷ୍ଠ ଅର୍ଥସେବା ପ୍ରଶାସନିକ ଅଧିକାରୀ ଥିଲେ, ତାଙ୍କ ଦେହାନ୍ତ ପରେ ଜୀବନର ଶେଷ ପଇଁତିରିଶ ବର୍ଷ ଏକାକୀ ନିଜର ଚାରିପୁତ୍ର ଓ ତିନି କନ୍ୟାସନ୍ତାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ଏକ ଆଦର୍ଶ ମା'ର ଭୂମିକା ତୁଲାଇ ପାରିଛନ୍ତି ତଥା ବହୁ ଅମୂଲ୍ୟ ସାମାଜିକ ଓ ପାରିବାରିକ ଆଦର୍ଶବୋଧର ଉଦାହରଣ ପାଲଟିଛନ୍ତି । ବାହ୍ୟ ଆଡ଼ମ୍ବରଶୂନ୍ୟ, ଚାକଚକ୍ୟ ବିହୀନ ଜୀବନଯାପନ କରି ସଂପୂର୍ଣ୍ଣ ସାଧାରଣ ମହିଳାଟିଏ ଭଳି ପ୍ରତୀତ ହେଉଥିବା ଏହି ମଣିଷଟି ମଧ୍ୟରେ ଯେ ଆତ୍ମବିଶ୍ୱାସ, ଦୃଢ଼ଇଚ୍ଛା ଶକ୍ତି, ପ୍ରଗାଢ଼ ଈଶ୍ୱରଭକ୍ତି ବଳରେ ଏକ ସଶକ୍ତ ମନ, ତୀକ୍ଷଣ ବୁଦ୍ଧି, ବିଚକ୍ଷଣ ସ୍ମରଣଶକ୍ତି ଓ ବିଶ୍ରାମହୀନ କାର୍ଯ୍ୟ କରିବାର ଅଫୁରନ୍ତ କ୍ଷମତା ରହିଛି ତାହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି ଅନୁଭବ କରିପାରିଛି । ଜୀବନର ସପ୍ତ ପ୍ରକାର ପରିସ୍ଥିର ସମ୍ମୁଖୀନ ହୋଇ ନିଜର ପ୍ରତ୍ୟେକଟି ସନ୍ତାନଙ୍କୁ ପ୍ରତିଷ୍ଠିତ କରାଇ ପାରିବା ପଛରେ ମହାପ୍ରଭୁ ଜଗନ୍ନାଥ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ନିଜର ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଅଶେଷ କରୁଣା ରହିଛି ବୋଲି ଆଜୀବନ ବିଶ୍ୱାସ କରୁଥିଲେ ସ୍ୱର୍ଗତ ରମା ମଲ୍ଲିକ । ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଦ୍ୱନ୍ଦ ଓ ସଂଶୟରହିତ ସଂପୂର୍ଣ୍ଣ ସମର୍ପଣ ଭାବ ହିଁ ତାଙ୍କର ଜୀବନୀଶକ୍ତି ଥିଲା । ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ମଧ୍ୟରେ ନିଜର ଭଗବାନଙ୍କୁ ଦର୍ଶନ କଲାଭଳି ଟିଭି ପରଦାରେ ପତିତପାବନଙ୍କୁ ଦେଖିବା ପାଇଁ ମା'ଙ୍କ ପାଇଁ ପ୍ରଭୁଙ୍କର ଦୈନନ୍ଦିନ ପ୍ରତ୍ୟକ୍ଷ ଦର୍ଶନ ସହ ସମାନ ଥିଲା ।

ଅନ୍ୟମାନଙ୍କ ପ୍ରତି ନିଜର ବ୍ୟବହାର, ଆଚାର ବିଚାରକୁ ସେ ସଂପର୍କର ସଂଜ୍ଞା ଭିତରେ କେବେ ବାନ୍ଧି ନାହାନ୍ତି । ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ, ଘର କାମରେ ସାହାଯ୍ୟ କରୁଥିବା ଲୋକ ଠାରୁ ଆରମ୍ଭ କରି ଫୁଲବାଲା, ଡ୍ରାଇଭର, ଗାର୍ଡ଼ ସମସ୍ତଙ୍କ ପାଇଁ ସେ ଅତି ଆଦରର ମାଆ ଥିଲେ ଓ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଥିଲେ । କେହି କେବେ ସଂପର୍କ ଆଳରେ ତାଙ୍କର ସ୍ନେହ ଓ କରୁଣାରୁ କାଣିଚାଏ କମ ବେଶୀର ପାର୍ଥକ୍ୟ ଅନୁଭବ କରିନାହାନ୍ତି । ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି, ଦୁଇପଦ କଥାରେ ସେ ତାଙ୍କୁ ନିଜର କରିନେଇଛନ୍ତି । ମା'ର ଆବେଗ, ସର୍ତ୍ତବିହୀନ ସ୍ନେହ, ମଧୁର ବ୍ୟବହାର, ମନଲୋଭା କଥା, ଜଗତଭୁଲା ହସ ଭିତରେ ସେ ଆପଣେଇ ନେଇଛନ୍ତି ସଭିଙ୍କୁ । ପୌରଣୀକ କାହାଣୀ ଠାରୁ ଆରମ୍ଭ କରି ବାସ୍ତବ ଉଦାହରଣ ଦେଇ ଯେ କୌଣସି ପରିସ୍ଥିତିର ଆଶା ଓ ବିଶ୍ୱାସର ସହ ସମ୍ମୁଖୀନ ହେବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଆସିଛନ୍ତି ସେ । ଜୀବନର ମୂଲ୍ୟ ବୁଝିଥିଲେ ରମା ଦେବୀ । ନିଜେ ଭଲ ଖାଇବାକୁ ଓ ଅନ୍ୟକୁ ଖୁଆଇବାକୁ, ନିଜେ ଭଲ ପିନ୍ଧିବାକୁ ଓ ଅନ୍ୟକୁ ସେହି ରୂପରେ ଦେଖିବାକୁ, ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ, ଯୁଗୋପଯୋଗୀ ସମସ୍ତ ନୂତନତା ବିଷୟରେ ଜାଣିବାକୁ ଯୁବସୁଲଭ ଆଗ୍ରହ ଥିଲା ତାଙ୍କର । ନିଜ ସମୟ ଠାରୁ ବହୁ ଆଗରେ ଥିଲେ ସେ । ସମସ୍ତ ପ୍ରକାର ଆଧ୍ୟାତ୍ମିକ ପରମ୍ପରା, ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ରକ୍ଷଣଶୀଳତା ଠାରୁ ଦୂରରେ ରହି ଏକ ଅପୂର୍ବ ସନ୍ତୁଳନ ବଜାୟ ରଖିଥିଲେ । ମୁକ୍ତ ମନରେ ସମସ୍ତ ବିଚାରକୁ ଓ ସମସ୍ତଙ୍କୁ ଆପଣେଇ ନେଉଥିଲେ । ନିଜର ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକର ଅନୁଭୂତି ଲିପିବଦ୍ଧ କରିବା ତାଙ୍କର କାହିଁ କେଉଁ କାଳରୁ ଅଭ୍ୟାସ ଥିଲା, ଯାହା ଆଜରି ଯୁବପୀଢ଼ି 'ଜର୍ନାଲିଙ୍ଗ' ନାମରେ ଅନୁସରଣ କରୁଛି । ତାଙ୍କର ଜୀବନାଦର୍ଶ ଶରଧାବାଲିର ରେଣୁ ହୋଇ ଆମ ଜୀବନ ବଡ଼ଦାଣ୍ଡରେ ଆଗକୁ ଚାଲିବାର ପ୍ରେରଣା ହୋଇ ରହିଥାଉ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ । ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା । ଜୟ ଜଗନ୍ନାଥ ।

ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ, ସେଲ, କୋଲକତା, ଦୂରଭାଷ : ୯୪୭୭୭୦୨୨୦୨

ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ

ହାଦିଆ ପରବୀନ

ପ୍ରତିବର୍ଷ ଅକ୍ଟୋବର ୩୧ ରେ, ଆମ ଦେଶ ଭାରତ ରାଷ୍ଟ୍ରୀୟ ଏକତା ଦିବସ (Rashtriya Ekta Diwas) ପାଳନ କରିଥାଏ, ଯାହା ସରଦ୍ଦାର ବଲ୍ଲଭାଇ ପଟେଲଙ୍କ ଜନ୍ମ ଦିବସ ଅଟେ । ଏହି ମହାନ ନେତାଙ୍କ ଦୂରଦୃଷ୍ଟି ଓ ଦୃଢ ସଂକଳ୍ପ ଏକୀକୃତ ଭାରତର ପାଇଁ ଭିତ୍ତି ପ୍ରଦାନ କରିଥିଲା । 'Iron Man of India' (ଭାରତର ଲୌହ ପୁରୁଷ) ଭାବେ ପରିଚିତ, ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଦ୍ୱାରା ୫୬୦ରୁ ଅଧିକ ରିୟାସତ ରାଜ୍ୟ (Princely States) ଭାରତରେ ସମ୍ମିଳିତ ହେଲେ ଏବଂ ଆମଦେଶ ଏକ ସ୍ୱାଧୀନ ଓ ଏକତା ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେଲା । ତେଣୁ ରାଷ୍ଟ୍ରୀୟ ଏକତା ଦିବସ କେବଳ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ଏହା ଭାରତର 'ବିଭିଧତାରେ ଏକତା' ର ସଂକଳ୍ପର ପୁନରୁଚ୍ଚାରଣ ଅଟେ ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାବେଳେ ଦେଶରେ ୫୬୦ରୁ ଅଧିକ ରିୟାସତ ରାଜ୍ୟ ଥିଲେ ଓ ପ୍ରତ୍ୟେକର ନିଜସ୍ୱ ଶାସନ ବ୍ୟବସ୍ଥା ଥିଲା । ସଦ୍ଦାର ପଟେଲ ସେହି ସମସ୍ତ ରାଜ୍ୟ ଗୁଡ଼ିକୁ ଭାରତୀୟ ସଂଘରେ ଏକତାବଦ୍ଧ କରିବାର ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ହାତକୁ ନେଇଥିଲେ । ନିର୍ଭୀକ ନେତୃତ୍ୱ ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି କାର୍ଯ୍ୟରେ ସଫଳ ହୋଇ ଥିଲେ ଓ ସେ ହାଇଦ୍ରାବାଦ, ଜୁନାଗଡ଼ ଓ ଜମ୍ମୁ-କାଶ୍ମୀର ପରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଭାରତରେ ଏକତ୍ରିତ କରି ଭାରତର ଭୂଭାଗୀୟ ଅଖଣ୍ଡତା ସୁନିଶ୍ଚିତ କରିଥିଲେ ଓ ସେ କହିଥିଲେ – 'Manpower without unity is not a strength unless it is harmonized and united properly, then it becomes a spiritual power.' ଅର୍ଥାତ୍ ଏକତା ବିନା ମାନବ ଶକ୍ତି କୌଣସି ଶକ୍ତି ନୁହେଁ; ଏକତା ହେଲେ ତାହା ଆଧାତ୍ମିକ ଶକ୍ତିରେ ପରିଣତ ହୁଏ ।

ଉଜ୍ଜୀବିତ ରଖିବା ପାଇଁ ସରଦ୍ଦାର ପଟେଲଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଆରମ୍ଭସରଦ୍ଦାର ପଟେଲଙ୍କ ଅବଦାନ ଓ ସ୍ମୃତିକୁ ଜନ୍ମଦିନରେ ୨୦୧୪ ମସିହାରୁ ଭାରତ ସରକାରଙ୍କ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ପଟେଲଙ୍କ "ଏକ ଭାରତ, ଶ୍ରେଷ୍ଠ ଭାରତ (Ek Bharat, Shreshtha Bharat)' ଦୃଷ୍ଟିକୋଣକୁ ସ୍ମରଣ କରି ତାହାର ପାଳନ କରିବା । ଏହି ଦିନ, ସମଗ୍ର ଦେଶରେ 'Run for Unity', ସାଂସ୍କୃତିକ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ପ୍ରତିଜ୍ଞା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମୁଖ୍ୟ ଆୟୋଜନ ଗୁଡିକ ଗୁଜରାଟ ସ୍ଥିତ ୧୮୨ ମିଟର ଉଚ୍ଚ ଓ ସରଦ୍ଦାର ପଟେଲଙ୍କ ସ୍ମୃତିରେ ନିର୍ମିତ Statue of Unity (ଏକତା ମୂର୍ତ୍ତି) ଠାରେ ଅନୁଷ୍ଠିତ ହୁଏ । ଏହା ଭାରତର ଶକ୍ତି, ସାହସ ଓ ଏକୀକୃତ ଆତ୍ମାର ପ୍ରତୀକ ଓ

ସରଦ୍ଦାର ପଟେଲଙ୍କ ରାଜନୈତିକ ବୁଦ୍ଧିମତା ଓ ଦୂରଦୃଷ୍ଟି ଆଜି ମଧ୍ୟ ସମାନ ଗୁରୁତ୍ୱ ବହନ କରେ । ସେ କହିଥିଲେ – "Take to the path of Dharma-the path of truth and justice for that is the correct path for all.' ଅର୍ଥାତ୍ 'ସତ୍ୟ ଓ ନ୍ୟାୟର ପଥକୁ ଅନୁସରଣ କର, କାରଣ ସେହିପଥ ସମସ୍ତଙ୍କ ପାଇଁ ଉଚିତ ପଥ ।' ରାଷ୍ଟ୍ରୀୟ ଏକତା ଦିବସ ଆମକୁ ସାମ୍ପ୍ରଦାୟିକ ସହିଷ୍ଣୁତା, ସାମାଜିକ ସମ୍ମାନ ଓ ଏକତା ଭଳି ମୂଲ୍ୟବୋଧ ଗୁଡ଼ିକୁ ସ୍ମରଣ କରାଇଥାଏ ।

ବର୍ତ୍ତମାନ ଆମଦେଶ ଭାରତ ଯେପରି ଆଞ୍ଚଳିକ ବୈଷମ, ସାମାଜିକ ଭେଦଭାବ ଓ ବିଚାରଧାରାର ଦ୍ୱନ୍ଦ୍ୱର ଭଳି ଆହ୍ୱାନ ଗୁଡିକର ସାମ୍ନା କରୁଛି ତାହାପାଇଁ ରାଷ୍ଟ୍ରୀୟ ଏକତା ଦିବସର ଆବଶ୍ୟକତା ଅଧିକ ହୋଇପଡ଼ିଛି ।ପ୍ରତିବର୍ଷ ପାଳନ ହେଉଥିବା ଏହି ଉତ୍ସବ ଏକ ଜାଗରଣ ସନ୍ଦେଶ ଦେଇଥାଏ ତାହା ହେଲା ଭାରତ ବିଶାଳ ଓ ବିଭିଧ ହୋଇଥିଲେ ମଧ୍ୟ ଏହାର ଆତ୍ମା ହେଉଛି ଏକ । ପଟେଲଙ୍କ ଶବ୍ଦରେ – "My only desire is that India should be a good producer and no one should be hungry, shedding tears for food in the country." ଅର୍ଥାତ୍ 'ମୋର ଏକମାତ୍ର ଆଶା ହେଉଛି ଭାରତ ଉତ୍ପାଦନଶୀଳ ହେଉ, ଯେପରି ଏହି ଦେଶରେ ଖାଦ୍ୟ ପାଇଁ କାହାରି ଲୁହ ନ ବହୁ ।'ରାଷ୍ଟ୍ରୀୟ ଏକତା ଦିବସ କେବଳ ସ୍ମୃତିର ଦିନ ନୁହେଁ – ଏହା ଏକତାର ଶକ୍ତିର ସ୍ମରଣ ଅଟେ । ଏହା ଭାରତୀୟ ସଂବିଧାନର ମୂଲ୍ୟବୋଧ, ଧର୍ମନିରପେକ୍ଷତା ଓ ଏକତାର ଆତ୍ମାକୁ ପ୍ରତିଫଳିତ କରେ ।ସରଦ୍ଦାର ପଟେଲଙ୍କ ଉଚ୍ଚାରିତ ଶବ୍ଦ ଆଜି ମଧ୍ୟ ପ୍ରାସଙ୍ଗିକ ତାହା ହେଲା "Work is worship, and labor is divine, and the man who works hard in the right spirit is always at peace and is happy.' ଅର୍ଥାତ୍ "କାମ ହେଉଛି ପୂଜା, ଶ୍ରମ ହେଉଛି ଦେବତା, ଯିଏ ନିଜ କାମକୁ ନିଷ୍ଠାର ସହିତ କରେ ସେ ସଦା ଶାନ୍ତି ଓ ସୁଖୀ ହୁଏ ।'ସରଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତି ଭାରତର ଆତ୍ମାରେ ଜୀବନ୍ତ – ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଏହି ଆତ୍ମାକୁ ପୁନର୍ଜୀବିତ କରେ ଓ ନିଶ୍ଚିତ କରେ ଯେ ଭାରତ ସର୍ବଦା ଏକତାର ସୂତ୍ରରେ ବାନ୍ଧି ହୋଇ ରହି ଏକ ସଶକ୍ତ ଓ ସମୃଦ୍ଧିଶାଳୀ ରାଷ୍ଟ୍ର ହୋଇ ରହିବ ।

ଆନ୍ଦୋଳନ ସମୟରେ ହିଂସା କଲେ ମିଳିବନି ସରକାରୀ ଚାକିରି

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ବିଗତ କିଛି ମାସ ହେଲା ଦେଶବ୍ୟାପୀ ଭିନ୍ନଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଛି। କିଛି ସ୍ଥାନରେ ତୀବ୍ର ଅନ୍ଦୋଳନ ମଧ୍ୟ ଦେଖାଯାଇଛି। ଏଥିରେ ଛାତ୍ରଛାତ୍ରୀ ଏବଂ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନେ ମଧ୍ୟ ସାମିଲ ହେଉଛନ୍ତି। ତେବେ ଏଭଳି ସ୍ଥିତିରେ ଉତ୍ତରପ୍ରଦେଶ ସରକାର ରାଜ୍ୟରେ ସରକାରୀ ଚାକିରି ପାଇଁ ଚରିତ୍ର ଯାଞ୍ଚ ନିୟମରେ ପରିବର୍ତ୍ତନ କରାଯାଇଛି। ଏହି ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ରାଜରାସ୍ତାରେ ହିଂସା ସହିତ ଜଡ଼ିତ ରୁହନ୍ତି, ତାଙ୍କୁ ସରକାରୀ ଚାକିରି ମିଳିବ ନାହିଁ। ଏହି ଭଳି ପ୍ରାର୍ଥୀଙ୍କ ପାଇଁ ଯୋଗୀ ସରକାର ଚାକିରି ରାସ୍ତା ବନ୍ଦ କରିଦେଇଛନ୍ତି। ଏହି ନିୟମ ନେଇ ଉତ୍ତରପ୍ରଦେଶ ସରକାର ପ୍ରମୁଖ ଶାସନ ସଚିବ ଏମ୍ ଦେବରାଜ ସୂଚନା ଦେଇଛନ୍ତି। ସରକାର କହିଛନ୍ତି ଯେ, ଯେକୌଣସି ନିଯୁକ୍ତି ପ୍ରକ୍ରିୟା ହେଉ, ଏଥିରେ ଲିଖିତ ପରୀକ୍ଷା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଚରିତ୍ର ଯାଞ୍ଚକୁ ଗୁରୁତ୍ୱ ମନେ କରାଯିବ। ରାଜ୍ୟ ସରକାର ଏଥିରେ ପରିବର୍ତ୍ତନ ଆଣିଛନ୍ତି। ହିଂସା କାର୍ଯ୍ୟରେ ସଂପୃକ୍ତ ରହୁଥିବା ସଂଗଠନ ସହିତ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ମିଳିପାରିବ ନାହିଁ। ଏହି ଭଳି ବ୍ୟକ୍ତିମାନଙ୍କୁ ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରିଦିଆଯିବ। ୨୧ ବର୍ଷ ବୟସ ପୂରା କରିବା ପରେ ଏବଂ ଯାଞ୍ଚ ତାରିଖ ଠାରୁ ୩ ବର୍ଷ ଭିତରେ କୌଣସି ଏଭଳି ଗତିବିଧିରେ ଅଂଶଗ୍ରହଣକୁ ପ୍ରମାଣ ଭାବେ ଗ୍ରହଣ କରାଯିବ। ସଂପୃକ୍ତ ବ୍ୟକ୍ତି ଏହି ସମୟ ଭିତରେ ହିଂସାକାଣ୍ଡରେ ସାମିଲ ଅଛି କି ନାହିଁ, ତାହାର ତଦାରଖ କରାଯିବ। ଯେପର୍ଯ୍ୟନ୍ତ ବ୍ୟକ୍ତିର ଚରିତ୍ରଗତ ବ୍ୟବହାରରେ ପରିବର୍ତ୍ତନ ନେଇ ପ୍ରମାଣ ନମିଳିଛି, ତାଙ୍କୁ ଚାକିରିରେ ସୁଯୋଗ ମିଳିବ ନାହିଁ। ନୂତନ ନିୟମରେ ଏହା ମଧ୍ୟ କୁହାଯାଇଛି ଯେ, କୌଣସି ବ୍ୟକ୍ତିଙ୍କୁ ତାଙ୍କର ରାଜନୈତିକ ଚିନ୍ତାଧାରା ଏବଂ ବିଚାରଧାରା ଆଧାରରେ ଅଯୋଗ୍ୟ କୁହାଯାଇ ପାରିବ ନାହିଁ। ବିରୋଧରେ ହିଂସା ଗତିବିଧି ଏବଂ ସଂଗଠନ ସହିତ ଜଡ଼ିତ ହେବାକୁ ପ୍ରମୁଖ ଭାବେ ଦେଖାଯିବ। ସରକାରୀ ଚାକିରିରେ ଚରିତ୍ର ଯାଞ୍ଚ ସହିତ ଜଡ଼ିତ ନୂଆ ନିୟମ ରାଜ୍ୟର ଭିନ୍ନ ଭିନ୍ନ ବିଭାଗ ସହିତ ପରିଷଦ, ନିଗମ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଯୁକ୍ତିକୁ ସାମିଲ କରାଯାଇଛି। ହତ୍ୟା, ଡକାୟତି, ଦୁଷ୍କର୍ମ, ମହିଳାଙ୍କ ସହିତ ଦୁର୍ବ୍ୟବହାର, ଆତଙ୍କବାଦୀ ଗତିବିଧି, ପ୍ରଶ୍ନପତ୍ର ପ୍ରଘଟ, ଦୁର୍ନୀତିକୁ ମଧ୍ୟ ଯୋଡ଼ାଯାଇଛି। ଏହି କାର୍ଯ୍ୟଗୁଡ଼ିକ ସହିତ ଜଡ଼ିତ ପ୍ରାର୍ଥୀଙ୍କୁ ସରକାରୀ ଚାକିରି ମିଳିବ ନାହିଁ।

ଭୁଟାନ ସହ ସୀମା ଆଲୋଚନା ତ୍ୱରାନ୍ୱିତ କରୁଛି ଚୀନ୍, ଭାରତର ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଅରୁଣାଚଳ ପ୍ରଦେଶ ସୀମାରେ ଚୀନ୍‌ର ଗତିବିଧିକୁ ନେଇ ଭାରତର ଚିନ୍ତା ବଢ଼ିଥିବା ବେଳେ ଏବେ ଭୁଟାନ ସହ ଚୀନ୍‌ର ଦ୍ରୁତଗତିରେ ଚାଲିଥିବା ସୀମା ଆଲୋଚନା ମଧ୍ୟ ନୂଆଦିଲ୍ଲୀ ପାଇଁ ଚିନ୍ତାର କାରଣ ହୋଇଛି। ହିମାଳୟ ଅଞ୍ଚଳରେ ନିଜର ପ୍ରଭାବ ବଢ଼ାଇବାକୁ ଚୀନ୍ ଉଦ୍ୟମ କରୁଥିବାରୁ ଭାରତ ଏହି ଘଟଣାକ୍ରମ ଉପରେ ନଜର ରଖିଛି।ଭାରତର ସୁରକ୍ଷା ଦୃଷ୍ଟିରୁ ଡୋକଲାମ ଅଞ୍ଚଳର ବିଶେଷ ଗୁରୁତ୍ୱ ରହିଛି। ଏହି ଅଞ୍ଚଳ ନିକଟରେ ରହିଛି ସିଲିଗୁଡ଼ି କରିଡର, ଯାହା ମୁଖ୍ୟ ଭାରତ ସହ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଯୋଡ଼ିଥାଏ। ଏହି ସଂକୀର୍ଣ୍ଣ ଭୂଖଣ୍ଡର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଜରୁରୀ। ୨୦୧୭ରେ ଡୋକଲାମ ଅଞ୍ଚଳରେ ଚୀନ୍ ରାସ୍ତା ନିର୍ମାଣ ଉଦ୍ୟମ କରିବା ପରେ ଭାରତ ଓ ଚୀନ୍ ସେନା ମଧ୍ୟରେ ଦୀର୍ଘ ଦିନ ଧରି ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ପରେ ଚୀନ୍ ରାସ୍ତା ନିର୍ମାଣ ଯୋଜନାରୁ ଓହରିଥିଲା।ବେଜିଂ ଓ ଥିମ୍ପୁ ମଧ୍ୟରେ ଥିବା ପ୍ରାୟ ୭୬୪ ବର୍ଗ କିଲୋମିଟରେ, ପଶ୍ଚିମ ଭୁଟାନରେ ୨୬୯ ବର୍ଗ କିଲୋମିଟର ଓ ଉତ୍ତର-କେନ୍ଦ୍ର ଭୁଟାନରେ ୪୯୫ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ କ୍ଷେତ୍ରୀୟ ବିବାଦ ରହିଛି। ଦୁଇ ଦେଶ ଦୀର୍ଘ ବର୍ଷ ଧରି ଏହି ବିବାଦର ସମାଧାନ ପାଇଁ ଆଲୋଚନା କରୁଛନ୍ତି। ୨୦୨୩ରେ ସୀମା ବିବାଦର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ ଦେଶ ତିନି ପର୍ଯ୍ୟାୟ ବିଶିଷ୍ଟ ରାସ୍ତା ନିର୍ଦ୍ଧାରଣ କରିଥିଲେ। ଚଳିତ ଅକ୍ଟୋବର ୧୫ରେ ଥିମ୍ପୁଠାରେ ଦୁଇ ଦେଶର ଅଧିକାରୀମାନେ ୧୬ତମ ପର୍ଯ୍ୟାୟ ବୈଠକ ଶେଷ କରିଛନ୍ତି। ଆଲୋଚନାରେ ଅଗ୍ରଗତି ହୋଇଥିବା ଉଭୟ ପକ୍ଷ କହିଛନ୍ତି। ତେବେ ଚୀନ୍‌ର ଏହି ପଦକ୍ଷେପ ଭାରତର ଆଞ୍ଚଳିକ ସୁରକ୍ଷା ଉପରେ କି ପ୍ରଭାବ ପକାଇବ, ତାହା ଉପରେ ନୂଆଦିଲ୍ଲୀର ନଜର ରହିଛି।ଥିମ୍ପୁ ସହିତ ସୀମା ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ବେଜିଂର ସଦ୍ୟତମ ପ୍ରୟାସ ପ୍ରାୟତଃ ଶାକ୍ସଗାମ୍ ଉପତ୍ୟକାର ଭାରତର ୫,୧୮୦ ବର୍ଗ କିଲୋମିଟର ଅଞ୍ଚଳ ଉପରେ ନିଜର ଦାବିକୁ ଦୃଢ଼ କରିବା ସହିତ ସମାନ ଥିଲା, ଯାହାକୁ ପାକିସ୍ତାନ ୧୯୬୩ ମସିହାରେ ଅବୈଧ ଭାବରେ କବ୍‌ଜା କରି ଚୀନ୍ ?କୁ ହସ୍ତାନ୍ତର କରିଥିଲା ଓ ଭାରତ-ଚୀନ୍ ସୀମାର ସମଗ୍ର ପଶ୍ଚିମ ସେକ୍ଟର ଉପରେ ସାର୍ବଭୌମତ୍ୱର ଦାବି କରିଥିଲା। ବିଦାୟୀ ଭାରତ-ତିବ୍ବତୀୟ ସୀମା ପୁଲିସ ମୁଖ୍ୟ ଶତ୍ରୁଜିତ ସିଂହ କପୁର ନିକଟରେ ପ୍ରକାଶ କରିଥିଲେ ଯେ, ଭାରତୀୟ ସେନା ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଜାରି ରହିଛି।

ସିଇସିଙ୍କ ବିରୋଧରେ ଜନ ଅଭିଯୋଗ ସଭାରେ ଅଧ୍ୟକ୍ଷତା କରିବେ ମୀରା କୁମାର

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ରାଜନୈତିକ ଲଢ଼େଇକୁ ଆହୁରି ତୀବ୍ର କରିବାକୁ ଯାଉଛି ଇଣ୍ଡି ମେଣ୍ଟ। ମେଣ୍ଟ ଆସନ୍ତା ଅକ୍ଟୋବର ୩୦ ତାରିଖରେ ଦିଲ୍ଲୀରେ 'ଜନ ଅଭିଯୋଗ ସଭା'ର ଆୟୋଜନ କରିବାକୁ ଯାଉଥିବାବେଳେ ଏଥିରେ ଅଧ୍ୟକ୍ଷତା କରିବେ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସରକାରୀ ବାସଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ରାଜ୍ୟସଭାରେ ବିରୋଧୀ ଦଳ ନେତା ଖଡ଼ଗେ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରସ୍ତାବ ଆଗତ କରିବେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଲୋଚନାର ଶେଷରେ ନିଜର ମତ ରଖିବେ। ବିଭିନ୍ନ ବିରୋଧୀ ଦଳର ପ୍ରତିନିଧିଙ୍କ ସହ ସାମାଜିକ ସଂଗଠନର ସଦସ୍ୟମାନେ ମଧ୍ୟ ଏଥିରେ ଯୋଗଦେବେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ପ୍ରଭାବିତ ଲୋକମାନେ ନିଜ ଅନୁଭୂତି ଜଣାଇବେ।ପ୍ରଥମେ ଅଶୋକା ହୋଟେଲ ଓ ପରେ ରାମଲୀଳା ମୈଦାନରେ କାର୍ଯ୍ୟକ୍ରମ ପାଇଁ ଅନୁମତି ନମିଳିବାରୁ ଏହାକୁ ଖଡ଼ଗେଙ୍କ ବାସଭବନକୁ ସ୍ଥାନାନ୍ତର କରାଯାଇଛି ବୋଲି କଂଗ୍ରେସ କହିଛି। ତେବେ ନଭେମ୍ବର ୧ରେ ଦିଲ୍ଲୀରେ ଭୋଟ ଚୋରି ଅଭିଯୋଗ ଓ ଏସ୍‌ଆଇଆର୍ ?ବିରୋଧରେ ବିରୋଧୀ ମେଣ୍ଟର ସମାବେଶ ହେବାକୁ ଯାଉଛି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ଏହି ଆନ୍ଦୋଳନ ଜାତୀୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି।

ଆତଙ୍କବାଦ ବିରୋଧୀ ସଂଗ୍ରାମରେ ଅଭିଜ୍ଞତା ବାଣ୍ଟିବାକୁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଏସିଆନର ସଦସ୍ୟ ରାଷ୍ଟ୍ର ଓ ସେମାନଙ୍କର ଅଂଶୀଦାର ଦେଶଗୁଡ଼ିକୁ ଭାରତ ନିଜର ଆତଙ୍କବାଦ ବିରୋଧୀ ଅଭିଜ୍ଞତା ଓ କୌଶଳ ବାଣ୍ଟିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଫିଲିପାଇନ୍ସର ସେବୁ ଠାରେ ଆୟୋଜିତ ଏସିଆନ୍ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀ ପ୍ଲସ୍ (ଏଡିଏମଏମ୍-ପ୍ଲସ୍) କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ମିଳିତ ସାମରିକ ଅଭ୍ୟାସ, କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଏବଂ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ମାଧ୍ୟମରେ ଆତଙ୍କବାଦ ବିରୋଧୀ ମିଳିତ ଲଢ଼େଇକୁ ଆହୁରି ମଜବୁତ୍ କରାଯାଇପାରିବ।ଗତବର୍ଷ ଆରମ୍ଭ ହୋଇଥିବା 'ଅପରେସନ୍ ସିନ୍ଦୂର'ର ଉଦାହରଣ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦୀ ଭିତ୍ତିଭୂମିର ବିନାଶ କରି ଭାରତ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ନିଜର ଦୃଢ଼ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଦଶନ୍ଧି ଦଶନ୍ଧି ଧରି ସୀମାପାର ଆତଙ୍କବାଦର ମୁକାବିଲା କରି ଭାରତ ନିଜର ଆତଙ୍କବାଦ ବିରୋଧୀ କ୍ଷମତାକୁ ଅଧିକ ଶାଣିତ ଓ ଯୁଦ୍ଧ-ପରୀକ୍ଷିତ କରିପାରିଛି।ଏହାସହ ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ସମସ୍ତ ଦେଶର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସାମୁଦ୍ରିକ ବାଣିଜ୍ୟ ପଥ ପ୍ରତି ଥିବା ବିପଦକୁ ନେଇ ଚିନ୍ତା ପ୍ରକାଶ କରି ସେ କହିଛନ୍ତି ଯେ, କେବଳ ବକ୍ତବ୍ୟ ନୁହେଁ, ବରଂ ଜଳପଥ ସୁରକ୍ଷା ପାଇଁ ଆଠୋଟି ପ୍ରତ୍ୟକ୍ଷ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଜରୁରୀ। ଭାରତ ମହାସାଗର ଓ ସମଗ୍ର ଇଣ୍ଡୋ-ପ୍ୟାସିଫିକ୍ ଅଞ୍ଚଳରେ ଭାରତ ସଦାସର୍ବଦା ଜଣେ ବିଶ୍ୱସନୀୟ ନେଟ୍ ସୁରକ୍ଷା ଦାତା ଭାବେ କାର୍ଯ୍ୟ ଜାରି ରଖିବ।ସାମୁଦ୍ରିକ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଆଇନ୍ 'ୟୁଏନ୍‌ସିଏଲ୍‌ଓଏସ୍' ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ଦୋହରାଇ ରାଜନାଥ କହିଛନ୍ତି ଯେ, ଜଳପଥରେ ଅବାଧ ଜାହାଜ ଚଳାଚଳ ଏବଂ ବିମାନ ଉଡ଼ାଣ ସ୍ୱାଧୀନତା ରହିବା ଆବଶ୍ୟକ। ଭାରତର ଏହି ନୀତି କୌଣସି ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ନୁହେଁ, ବରଂ ଆଞ୍ଚଳିକ ସମସ୍ତ ଭାଗିଦାରୀଙ୍କ ମିଳିତ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ। ଦକ୍ଷିଣ ଚୀନ୍ ସାଗରରେ ଚୀନର ବୃଦ୍ଧି ପାଉଥିବା ସାମରିକ ଗତିବିଧିକୁ ନେଇ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ଚିନ୍ତା ବୃଦ୍ଧି ପାଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ସରକାରଙ୍କୁ ନସୀରୁଦ୍ଦୀନ୍ ଶାହଙ୍କ କଡ଼ା ସମାଲୋଚନା

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ସରକାରକୁ ସିଧା ଟାର୍ଗେଟ୍‌ରେ ନେଲେ ବଲିଉଡ଼୍‌ର ବରିଷ୍ଠ ଅଭିନେତା ନସୀରୁଦ୍ଦୀନ୍ ଶାହ । ଗଣତନ୍ତ୍ର, ଶିକ୍ଷାନୁଷ୍ଠାନ ଏବଂ ଛାତ୍ର ଆନ୍ଦୋଳନକୁ ନେଇ ସେ ଉଠାଇଛନ୍ତି ଗମ୍ଭୀର ପ୍ରଶ୍ନ । ଏକ ଭିଡିଓ ବାର୍ତ୍ତାରେ 'ମୁଁ ଗର୍ବର ସହ କହୁଛି, ମୁଁ ଜଣେ ଦିମାଗୀ ନକ୍ସଲ' ବୋଲି କହି ସେ ସରକାରୀ ନୀତିର ସମାଲୋଚକଙ୍କୁ ଦେଶଦ୍ରୋହୀ କହୁଥିବା ଲୋକଙ୍କୁ କଡ଼ା ଜବାବ ଦେଇଛନ୍ତି । ନସୀରୁଦ୍ଦୀନ୍ ଶାହଙ୍କ ଅଭିଯୋଗ, ଦେଶରେ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାଧୀନତା ଏବଂ ଯୁବପିଢ଼ିଙ୍କ ସ୍ୱରକୁ ଦବାଇବାକୁ ଉଦ୍ୟମ ହେଉଛି । ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ସତ୍ୟଜିତ୍ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନଷ୍ଟିଚ୍ୟୁଟ୍ ଏବଂ ଜାମିଆ ମିଲିଆ ଇସଲାମିଆରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସେ ନିଜର ମତ ରଖିଛନ୍ତି ।କେବଳ ସରକାର ନୁହେଁ, ଗଣମାଧ୍ୟମର ଏକ ଗୋଷ୍ଠୀ ଏବଂ ଶାସକ ଦଳର ଆଇଟି ସେଲ୍‌କୁ ମଧ୍ୟ ସମାଲୋଚନା କରିଛନ୍ତି ଅଭିନେତା । ତାଙ୍କ କହିବା ଅନୁଯାୟୀ, ଯେତେ ଚାପ ପ୍ରୟୋଗ କଲେ ମଧ୍ୟ ଯୁବପିଢ଼ିଙ୍କ ମନୋବଳକୁ ଭାଙ୍ଗିବା ସହଜ ନୁହେଁ । ଗଣତନ୍ତ୍ରର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି ।ନିଜ ବାର୍ତ୍ତାରେ ବିପ୍ଳବୀ କବି ବିସମିଲ୍ ଅଜିମାବାଦୀଙ୍କ ପ୍ରସିଦ୍ଧ ପଙ୍କ୍ତି ଆବୃତ୍ତି କରି ଛାତ୍ରମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦେଶ ଭୁଲିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସତ୍ୟଜିତ୍ ରାୟ ଫିଲ୍ମ ଇନଷ୍ଟିଚ୍ୟୁଟ୍‌ରେ ଭିତ୍ତିଭୂମି ଓ ଶିକ୍ଷାଗତ ନୀତିକୁ ନେଇ ଚାଲିଥିବା ଛାତ୍ର ଆନ୍‌ଦୋଳନ ସହ ଜାମିଆରେ ଛାତ୍ର ସଂସଦ ନିର୍ବାଚନ ଦାବିକୁ ମଧ୍ୟ ସେ ସମର୍ଥନ ଜଣାଇଛନ୍ତି । ତେବେ ନସୀରୁଦ୍ଦୀନ୍ ଶାହଙ୍କ ଏହି ବୟାନ ପୁଣି ଥରେ ଦେଶରେ ମତପ୍ରକାଶର ସ୍ୱାଧୀନତା, ଛାତ୍ର ରାଜନୀତି ଏବଂ ସରକାରୀ ନୀତିକୁ ନେଇ ଆଲୋଚନାକୁ ଜୋରଦାର କରିଛି ।



ୟୁକ୍ରେନର ରେଳ ଷ୍ଟେସନରେ ରୁଷର ଡ୍ରୋନ୍ ଆକ୍ରମଣ: ୧୩ ଯାତ୍ରୀ ମୃତ

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ୟୁକ୍ରେନର ଡନିପ୍ରୋ ରେଳ ଷ୍ଟେସନରେ ଗୁରୁବାର ସକାଳେ ରୁଷିଆ ପକ୍ଷରୁ ଏକ ଭୟାବହ ଜେଟ୍-ପାୱାର୍ଡ ଡ୍ରୋନ୍ ଆକ୍ରମଣ କରାଯାଇଛି। ଷ୍ଟେସନର ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ଏକ ଯାତ୍ରୀବାହୀ ଟ୍ରେନ୍ ଉପରେ ଏହି ଡ୍ରୋନ୍ ମାଡ଼ ହେବା ଫଳରେ ୧୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୟୁକ୍ରେନୀୟ ରେଳବାଇ ପକ୍ଷରୁ ଟେଲିଗ୍ରାମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଡନିପ୍ରୋରୁ ଜାପୋରଜିଆ ଯିବାକୁ ଥିବା ନଂ ୮୬୬ ନିୟମିତ ଇଲେକ୍ଟ୍ରିକ୍ ଟ୍ରେନଟି ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ସମୟରେ ରୁଷର କ୍ଷେପଣାସ୍ତ୍ର ସଦୃଶ ଜେଟ୍ ଡ୍ରୋନ୍ ସିଧାସଳଖ ଆସି ପିଟି ହୋଇଥିଲା। ବିପଦପୂର୍ଣ୍ଣ ସାଇରନ୍ ବାଜିବା ସତ୍ତ୍ୱେ ଯାତ୍ରୀମାନେ ପ୍ଲାଟଫର୍ମରେ ଉପସ୍ଥିତ ଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଗଭୀର କ୍ଷୋଭ ପ୍ରକାଶ କରିବା ସହ ଅନ୍ତର୍ଜାତୀୟ ସମୁଦାୟର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ' ରେ ଲେଖି ଜେଲେନସ୍କି ପ୍ରଶ୍ନ କରିଛନ୍ତି ଯେ, କେତେକ ରୁଷୀୟ ଶକ୍ତି କ୍ଷେତ୍ର ଉପରୁ ପ୍ରତିବନ୍ଧକ ହଟାଯିବା ପରଠାରୁ ରୁଷ ନିଜର ଆକ୍ରମଣକାରୀ ମନୋଭାବ କମାଇବା ପରିବର୍ତ୍ତେ ନିରୀହ ଜନସାଧାରଣଙ୍କ ଉପରେ ଆହୁରି କେତେ ଆତଙ୍କବାଦୀ ଆକ୍ରମଣ ଚଳାଇବ । ଅପରପକ୍ଷରେ, ଡନିପ୍ରୋ ମେୟର ବୋରିସ୍ ଫିଲାଟୋଭ୍ ଏହାକୁ ସହର ପାଇଁ ଏକ ବଡ଼ ଟ୍ରାଜେଡ଼ି ବୋଲି କହିଛନ୍ତି।

ପାକିସ୍ତାନରେ ଭୟଙ୍କର ଅଘଟଣ
ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣରେ ୧୦ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଥରପାରକର ଜିଲ୍ଲାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୟଙ୍କର ଦୁର୍ଘଟଣା ଘଟିଛି । ପାର୍କିଂରେ ଥିବା ଏକ ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ହେବା ପରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଜଣେ ଗର୍ଭବତୀଙ୍କ ସମେତ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଉଦ୍ଧାରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ, ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଉନ୍ନତ ଚିକିତ୍ସା ପାଇଁ କରାଚୀର ଏକ ହସ୍ପିଟାଲକୁ ନିଆଯାଉଥିଲା। ତେବେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା ।ସୂଚନା ଅନୁଯାୟୀ, ପିପୁଲ୍ସ ପ୍ରାଇମେରୀ ହେଲଥ୍‌କେୟାର ଇନିସିଏଟିଭ୍ ଦ୍ୱାରା ପରିଚାଳିତ ଏକ ଆମ୍ବୁଲାନ୍ସରେ ଏହି ଦୁର୍ଘଟଣା ଘଟିଛି । ସ୍ୱାସ୍ଥ୍ୟକର୍ମୀ ଏବଂ ଆମ୍ବୁଲାନ୍ସ କର୍ମଚାରୀମାନେ ଗାଡ଼ିରେ ଥିବା ଅକ୍ସିଜେନ୍ ସିଲିଣ୍ଡର ବଦଳାଉଥିବା ସମୟରେ ହଠାତ୍ ସିଲିଣ୍ଡରଟି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପରେ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଫଳରେ ଆମ୍ବୁଲାନ୍ସ ନିକଟରେ ଥିବା କର୍ମଚାରୀ ଓ ଅନ୍ୟ ଲୋକେ ନିଆଁରେ ପୋଡ଼ି ଯାଇଥିଲେ। ଏହି ଅଗ୍ନିକାଣ୍ଡରେ ମୋଟ ୧୦ ଜଣଙ୍କ ଜୀବନ ଯାଇଥିବା ଜଣାପଡ଼ିଛି ।ଘଟଣା ସମ୍ପର୍କରେ ଖବର ପାଇ ଉଦ୍ଧାରକାରୀ ଦଳ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହାପରେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ପ୍ରାଦେଶିକ ହସ୍ପିଟାଲ ଏବଂ କରାଚୀର ଉନ୍ନତ ଚିକିତ୍ସା କେନ୍ଦ୍ରକୁ ପଠାଯାଇଥିଲା । ଏହି ଦୁଃଖଦ ଘଟଣାକୁ ନେଇ ସିନ୍ଧର ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥିସହ ଆମ୍ବୁଲାନ୍ସ ପରିଚାଳନା ଓ ସୁରକ୍ଷା ନିୟମ ପାଳନରେ କୌଣସି ଅବହେଳା ହୋଇଥିଲା କି ନାହିଁ, ତାହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

କାଲିଫର୍ନିଆ ଭୋଟ୍ ବନ୍ଦ କରିବାକୁ ଚେଷ୍ଟା ପାଇଁ ଟ୍ରମ୍ପ ପ୍ରଶାସନକୁ ଭର୍ତ୍ସନା କଲେ ଆମେରିକୀୟ କୋର୍ଟ

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ନ୍ୟାୟ ବିଭାଗକୁ କୋର୍ଟରୁ ଏକ ବଡ଼ ଝଟକା ଲାଗିଛି। ଲସ୍ ଆଞ୍ଜେଲସ୍ ଫେଡେରାଲ୍ ବିଚାରପତି ଡେଭିଡ୍ କାର୍ଟର ୨୦,୦୦୦ ରୁ ଅଧିକ ପଞ୍ଜିକୃତ ଭୋଟରଙ୍କ ଡାକ ବାଲାଟ ଗଣନାକୁ ଅବରୋଧ କରିବା ପାଇଁ ଟ୍ରମ୍ପ ପ୍ରଶାସନର ଅନୁରୋଧକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ପ୍ରଶାସନ ଦାବି କରିଛି ଯେ, ଏହି ଭୋଟରମାନେ ଅଣ-ନାଗରିକ ହୋଇପାରନ୍ତି।ଫେଡେରାଲ୍ ବିଚାରପତି ଡେଭିଡ୍ କାର୍ଟର ତାଙ୍କ ଆଦେଶରେ କଡ଼ା ଟିପ୍ପଣୀ ଦେଇ ଆମେରିକୀୟ ଇତିହାସରେ ଏପରି କେବେ ଘଟିନାହିଁ ଯେ, ନିର୍ବାଚନର ପୂର୍ବ ସନ୍ଧ୍ୟାରେ ସରକାର କୌଣସି ରାଜ୍ୟ ଉପରେ ନିଜର ଇଚ୍ଛା ଲଦିବାକୁ ଚେଷ୍ଟା କରିଛନ୍ତି। ଏଭଳି କହି କୋର୍ଟ ଟ୍ରମ୍ପ ପ୍ରଶାସନକୁ ଭର୍ତ୍ସନା କରିଛନ୍ତି।ଶୁଣାଣି ସମୟରେ ବିଚାରପତି କାର୍ଟର କଠୋର ସ୍ୱରରେ କହିଥିଲେ ଯେ, ଯଦି କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଦୃଢ଼ ପ୍ରମାଣ ବିନା ଭୋଟ୍‌କୁ ପ୍ରତ୍ୟାଖ୍ୟାନ କରାଯାଏ ଏବଂ ଜାରି ରହିଥିବା ନିର୍ବାଚନକୁ ରୋକାଯାଏ ତେବେ ଆମର ଗଣତନ୍ତ୍ର ବିପଦରେ ପଡ଼ିଯିବ।ବିଚାରପତି ଚେତାବନୀ ଦେଇ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ସପକ୍ଷରେ ରାୟ ଦେଲେ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ବାଧା ସୃଷ୍ଟି ହେବ ଏବଂ ହଜାର ହଜାର ବୈଧ ଭୋଟରଙ୍କୁ ସେମାନଙ୍କର ଭୋଟଦାନ ଅଧିକାରରୁ ବଞ୍ଚିତ କରାଯିବ। ଦେଶରେ ଏନେଇ ପିଢ଼ି ପରେ ପିଢ଼ି ଲଢ଼େଇ ଜାରି ରହିଥିଲା।ନ୍ୟାୟ ବିଭାଗ ଯୁକ୍ତି ଦେଇଥିଲା ଯେ, ଅଣ-ନାଗରିକମାନଙ୍କୁ ଭୋଟ୍ ଦେବାରୁ ରୋକିବା ପାଇଁ ଏହି ଜରୁରୀକାଳୀନ ପଦକ୍ଷେପ ଆବଶ୍ୟକ। ନିଷ୍ପତ୍ତି ପରେ ନ୍ୟାୟ ବିଭାଗ ଏହି ନିର୍ଦ୍ଦେଶ ବିରୋଧରେ ୯ତମ ସର୍କିଟ କୋର୍ଟ ଅଫ୍ ଆପିଲ୍ସରେ ଅପିଲ୍ କରିଥିଲା।ଡେମୋକ୍ରାଟିକ୍ ଗଡ଼ କାଲିଫର୍ନିଆ ଏହି ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଅଣ-ନାଗରିକମାନଙ୍କୁ ଭୋଟ୍ ଦେବାରୁ ରୋକିବା ପାଇଁ ରାଜ୍ୟରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା ଅଛି। କାଲିଫର୍ନିଆ ସରକାର କହିଛନ୍ତି, ନ୍ୟାୟ ବିଭାଗର ତଥ୍ୟ ସନ୍ଦେହଜନକ। ସେମାନଙ୍କ ଦାବି ଗ୍ରହଣ କରିବା ଦ୍ୱାରା ପ୍ରକୃତ ଏବଂ ଯୋଗ୍ୟ ନାଗରିକମାନେ ମତଦାନ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ରହିଛି।କାଲିଫର୍ନିଆ ଏକମାତ୍ର ରାଜ୍ୟ ନୁହେଁ ଯେଉଁଠାରେ ଟ୍ରମ୍ପ ପ୍ରଶାସନ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଛି। ପୂର୍ବରୁ ଆଲାସ୍କାରେ, ନ୍ୟାୟ ବିଭାଗ ଏକ ସିନେଟ୍ ଆସନ ପାଇଁ ନିର୍ବାଚନ ଫଳାଫଳର ପ୍ରମାଣପତ୍ରକୁ ଅବରୋଧ କରିବାକୁ ଚେଷ୍ଟା କରିଥିଲା।ୱାସିଂଟନରେ ୪୦୦ ଭୋଟରଙ୍କ ଭୋଟ୍‌କୁ ଅଣନାଗରିକ ବୋଲି ଦାବି କରାଯାଇ ସେମାନଙ୍କ ଭୋଟ୍‌କୁ ଅଣଦେଖା କରିବାକୁ ମଧ୍ୟ କୁହାଯାଇଛି। ନିର୍ବାଚନ ଅଧିକାରୀମାନେ ଏହି ପଦକ୍ଷେପକୁ ନିର୍ବାଚନ ଫଳାଫଳ ଉପରେ ସନ୍ଦେହ ସୃଷ୍ଟି କରିବାର ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

ଫଡ଼ନାଭିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟେଇବାକୁ ଶିବସେନାର ଦାବି

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ବିଧାନ ପରିଷଦ (ଏମ୍‌ଏଲ୍‌ସି) ନିର୍ବାଚନ ଫଳାଫଳ ଘୋଷଣା ପରେ ମହାରାଷ୍ଟ୍ରରେ ଶାସକ ମହାଯୁତି ମେଣ୍ଟ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଛି। ଭାରତୀୟ ଜନତା ପାର୍ଟି (ବିଜେପି) ଶିବସେନା ଉପରେ ଏକାଠି ନିର୍ବାଚନ ଲଢ଼ିବାରେ ବିଫଳ ହୋଇଥିବା ଅଭିଯୋଗ କରିଛି। ଜବାବରେ ଶିବସେନା ନେତାମାନେ ପରୋକ୍ଷରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଦାବି କରୁଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ହଟାଇ ଶିବସେନା ନେତା ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ଦାବି ହେଉଛି। ରାଜ୍ୟରେ ମୋଟ ପାଞ୍ଚଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରୁ ମେଣ୍ଟ ଦୁଇରେ ବିଜୟୀ ହୋଇଥିଲା।ଅନ୍ୟପକ୍ଷରେ ମହାରାଷ୍ଟ୍ରର ନାଗପୁର ବିଧାନ ପରିଷଦ ନିର୍ବାଚନରେ ବିଜୟ ପରେ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଅଭିଜିତ ୱାଞ୍ଜାରୀ ବିଜେପିର ସୁଧାକର କୋହଲେଙ୍କୁ ୩,୨୭୧ ଭୋଟ୍ ?ରେ ପରାସ୍ତ କରିଛନ୍ତି। ଏହାପରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ। ନିର୍ବାଚନର ସମସ୍ତ ଫଳ ପ୍ରକାଶ ପାଇବା ପୂର୍ବରୁ ଫଡନାଭିସ କଂଗ୍ରେସକୁ କଟାକ୍ଷ କରି ଏକ ସାମାଜିକ ଗଣମାଧ୍ୟମରେ ଲେଖା ପ୍ରକାଶ କରିଥିଲେ।

'ବାରାଣସୀରୁ ନାଗପୁର' ମୋଦୀଙ୍କ ନୀତିକୁ ଭୋଟରଙ୍କ ପ୍ରତ୍ୟାଖ୍ୟାନ: କଂଗ୍ରେସ

ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି): ବିଧାନ ପରିଷଦ ନିର୍ବାଚନରେ ସବୁଠୁ ହାଇପ୍ରୋଫାଇଲ ବାରାଣସୀର ଦୁଇଟି ଆସନ ଓ ନାଗପୁର ଆସନରୁ ବିଜେପିର ବଡ଼ ପରାଜୟ ପରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ଆକ୍ରମଣ କରିଛି। ମୋଦୀ ସରକାରଙ୍କ ନୀତିକୁ ଭୋଟର ପ୍ରତ୍ୟାଖ୍ୟାନ କରିଥିବା କଂଗ୍ରେସ ସମାଲୋଚନା କରି କହିଛି।କଂଗ୍ରେସ ନେତା ଜୟରାମ ରମେଶ ଗୁରୁବାର ବେକାରୀ, ମୁଦ୍ରାସ୍ଫୀତି ଓ ଘରୋଇ ନିବେଶ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଭୋଟରମାନେ ମୋଦୀଙ୍କ ନୀତି ବିରୋଧରେ ଅନାସ୍ଥା ପ୍ରକଟ କରିଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟରେ ରମେଶ ବାରାଣସୀ ଓ ନାଗପୁରରେ ବିଜେପିର ନିର୍ବାଚନୀ ପରାଜୟକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସକୁ ଟାର୍ଗେଟ କରି ପ୍ରବଚନ ଦେବା ପରିବର୍ତ୍ତେ ଆତ୍ମସମୀକ୍ଷା କରନ୍ତୁ ବୋଲି କହିଛନ୍ତି। ରମେଶ କହିଛନ୍ତି, କଂଗ୍ରେସର ଆସନ ଗଣନା କରିବା ପୂର୍ବରୁ, ସେ ଏହା ମଧ୍ୟ ଚିନ୍ତା କରନ୍ତୁ ଯେ ତାଙ୍କ ନିଜ ସଂସଦୀୟ କ୍ଷେତ୍ର ବାରାଣସୀରେ ବିଜେପି କାହିଁକି ଦୁଇଟି ଆସନ ହରାଇଲା ଓ କଂଗ୍ରେସ କିପରି ଆର୍‌ଏସ୍‌ଏସ୍‌ର ଗଡ଼ ନାଗପୁରରେ ବିଜେପିକୁ ପରାସ୍ତ କରିପାରିଲା ସେ ଆହୁରି ଲେଖିଛନ୍ତି, ମୋଦୀଜୀ ଟ୍ରୋଲିଂ ବନ୍ଦ କରନ୍ତୁ। କୋଟି କୋଟି ପରିବାର ମୁଦ୍ରାସ୍ଫୀତି ଯୋଗୁଁ ବଡ଼ କଷ୍ଟ ପାଉଛନ୍ତି, ଯୁବକମାନେ ବେକାର ଅଛନ୍ତି ଓ ଘରୋଇ ନିବେଶ ସ୍ଥଗିତ ହୋଇଯାଇଛି। ଅହଂକାର ଛାଡ଼ନ୍ତୁ ଓ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଚିନ୍ତନ କରନ୍ତୁ।ରମେଶ ଦାବି କରିଛନ୍ତି ଯେ, ଅନେକ ସହରର ଭୋଟର ବିଜେପି ନେତୃତ୍ୱାଧୀନ ସରକାରଙ୍କ ନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବାରାଣସୀରୁ ନାଗପୁର, ଲକ୍ଷ୍ନୌ, ପ୍ରୟାଗରାଜ ଓ ପାଟନା ପର୍ଯ୍ୟନ୍ତ, ଲୋକମାନେ ସ୍ପଷ୍ଟ ଭାବରେ ଆପଣଙ୍କ ନୀତି ବିରୋଧରେ ଅନାସ୍ଥା ପ୍ରକଟ କରିଛନ୍ତି ବୋଲି କଂଗ୍ରେସ କହିଛି।



ଜିଓର ବଜାର ପୁଞ୍ଜିକରଣ ୧୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କଲା

ମୁମ୍ବାଇ, ୨୯।୧୦ (ନି.ପ୍ର): ଷ୍ଟକ୍ ବଜାରରେ ତାଲିକାଭୁକ୍ତ ହେବାର ପ୍ରଥମ ଦିନରେ ହିଁ ଜିଓ ପ୍ଲାଟଫର୍ମସ୍ ନିବେଶକମାନଙ୍କୁ ମାଲାମାଲ କରିଛି। ବୁଧବାର ଜିଓର ସେୟାର ମୂଲ୍ୟ ୧,୪୧୯ ଟଙ୍କାରେ ପହଞ୍ଚିଛି, ଯାହା ଏହାର ଆଇପିଓ ଇସ୍ୟୁ ମୂଲ୍ୟ ୧,୧୧୯ ଟଙ୍କାଠାରୁ ୩୦୦ ଟଙ୍କା ଅଧିକ, ଅର୍ଥାତ୍ ୨୬.୮୧ ପ୍ରତିଶତ ବୃଦ୍ଧି। ସେୟାର ମୂଲ୍ୟର ଏହି ବୃଦ୍ଧି ଫଳରେ କମ୍ପାନିର ମୋଟ ସେୟାରର ବଜାର ମୂଲ୍ୟରେ ପ୍ରାୟ ୨.୭୬ ଲକ୍ଷ କୋଟି ଟଙ୍କା ଯୋଡ଼ି ହୋଇଛି। ଏହା ସହିତ ଜିଓ ପ୍ଲାଟଫର୍ମସ୍ ର ବଜାର ପୁିକରଣ ବୃଦ୍ଧି ପାଇ ପ୍ରାୟ ୧୩.୦୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଜିଓର ସେୟାର ବଜାରରେ ମଧ୍ୟ ଚମତ୍କାର ଆରମ୍ଭ କରିଥିଲା। ବୁଧବାର ସକାଳେ ଏହା ୧,୩୫୮ ଟଙ୍କାରେ ତାଲିକାଭୁକ୍ତ ହୋଇଥିଲା, ଯାହା ଇସ୍ୟୁ ମୂଲ୍ୟଠାରୁ ୨୧.୪ ପ୍ରତିଶତ ଅଧିକ ଥିଲା। ଏହାପରେ ସେୟାର ମୂଲ୍ୟ ଆହୁରି ବଢ଼ି ୧,୪୧୯ ଟଙ୍କାରେ ପହଞ୍ଚିଥିଲା। ଅର୍ଥାତ୍ ତାଲିକାଭୁକ୍ତ ହେବା ସମୟର ମୂଲ୍ୟ ତୁଳନାରେ ମଧ୍ୟ ସେୟାର ୬୧ ଟଙ୍କା ବା ୪.୪୯ ପ୍ରତିଶତ ବୃଦ୍ଧି ପାଇଥିଲା। ଦୀପାବଳି ପୂର୍ବରୁ ହିଁ ଜିଓ ନିବେଶକମାନଙ୍କ ପାଇଁ ଦୀପାବଳିର ଖୁସି ଆଣିଦେଇଛି। ଜିଓର ଆଇପିଓ ପରେ ଥିବା ପ୍ରାୟ ୯୨୦.୯୦ କୋଟି

ସେୟାର ଆଧାରରେ, ପ୍ରତି ସେୟାରର ଇସ୍ୟୁ ମୂଲ୍ୟ ୧,୧୧୯ ଟଙ୍କା ହିସାବରେ କମ୍ପାନିର ବଜାର ମୂଲ୍ୟାୟନ ପ୍ରାୟ ୧୦.୩୧ ଲକ୍ଷ କୋଟି ଟଙ୍କା ଥିଲା। ସେୟାର ମୂଲ୍ୟ ୧,୪୧୯ ଟଙ୍କାରେ ପହଞ୍ଚିବା ପରେ ଏହା ବୃଦ୍ଧି ପାଇ ପ୍ରାୟ ୧୩.୦୭ ଲକ୍ଷ କୋଟି ଟଙ୍କା ହୋଇଛି। ଏହିପରି ଭାବେ କମ୍ପାନିର ମୋଟ ବଜାର ମୂଲ୍ୟରେ ପ୍ରାୟ ୨.୭୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଇସ୍ୟୁ ମୂଲ୍ୟ ତୁଳନାରେ କମ୍ପାନିର ମୋଟ ସେୟାରର ବଜାର ମୂଲ୍ୟରେ ହୋଇଥିବା ବୃଦ୍ଧିକୁ ଏହା ଦର୍ଶାଉଛି। ପ୍ରଥମ କାରବାର ଦିନରେ ହିଁ ଜିଓ ପ୍ଲାଟଫର୍ମସ୍ ଦେଶର ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନିର ମାନ୍ୟତା ହାସଲ କରିଛି। ବଜାର ପୁଞ୍ଜିକରଣ ଦୃଷ୍ଟିରୁ ପ୍ରାୟ ୧୫.୬୭ ଲକ୍ଷ କୋଟି ଟଙ୍କା ସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପ୍ରଥମ ସ୍ଥାନରେ ରହିଛି। ୧୩.୦୭ ଲକ୍ଷ କୋଟି ଟଙ୍କା ସହ ଜିଓ ଦ୍ୱିତୀୟ ଏବଂ ପ୍ରାୟ ୧୨.୧୬ ଲକ୍ଷ କୋଟି ଟଙ୍କା ସହ ଭାରତୀ ଏୟାରଟେଲ୍ ତୃତୀୟ ସ୍ଥାନରେ ରହିଛି। ପ୍ରାୟ ୧୦.୫୭ ଲକ୍ଷ କୋଟି ଟଙ୍କାର ବଜାର ପୁିକରଣ ସହ ଏଚଡ଼ିଏଫସି ବ୍ୟାଙ୍କ ଚତୁର୍ଥ ଏବଂ ପ୍ରାୟ ୯.୮୯ ଲକ୍ଷ କୋଟି ଟଙ୍କା ସହ ଆଇସିଆଇସିଆଇ ବ୍ୟାଙ୍କ ପଞ୍ଚମ ସ୍ଥାନରେ ରହିଛି। ଜିଓର ବଜାର ପ୍ରବେଶ ସହିତ ଟାଟା ସମୂହର ପ୍ରମୁଖ ଆଇଟି କମ୍ପାନି ଟିସିଏସ ଶୀର୍ଷ ୫ଟି ତାଲିକାଭୁକ୍ତ କମ୍ପାନିର ତାଲିକାରୁ ବାଦ୍ ପଡ଼ିଛି।

ଆକ୍ସିସ୍ ବ୍ୟାଙ୍କ ଓ ଆଇଆଇଏମ୍ ବାଙ୍ଗାଲୋର ର ନୂତନ ଅଣ୍ଡରଗ୍ରାଜୁଏଟ୍ କ୍ୟାମ୍ପସରେ 'ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ' ପ୍ରତିଷ୍ଠା ପାଇଁ ସହଭାଗିତା

ଭୁବନେଶ୍ୱର, ୨୯।୧୦ (ନି.ପ୍ର) : ଭାରତର ଅନ୍ୟତମ ବୃହତ୍ତମ ବେସରକାରୀ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବାଙ୍ଗାଲୋର ବେଙ୍ଗାଲୁରୁର ଜିଗଣିଠାରେ ଅବସ୍ଥିତ ପ୍ରତିଷ୍ଠାନର ନୂତନ 'ଆଇଆଇଏମବି – ଦୋରାବଜୀ ଟାଟା ସ୍କୁଲ ଅଫ୍ ଅଣ୍ଡରଗ୍ରାଜୁଏଟ୍ ଷ୍ଟଡିଜ୍' କ୍ୟାମ୍ପସରେ 'ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ' ପ୍ରତିଷ୍ଠା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ମୁମ୍ବାଇର ୱର୍ଲିସ୍ଥିତ ଆକ୍ସିସ୍ ହାଉସ୍ ?ରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଆଇଏମ୍ ବାଙ୍ଗାଲୋରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଚେୟାରପର୍ସନ୍ ଡ. ଦେବୀ ପ୍ରସାଦ ସେଟ୍ଟୀ, ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଶ୍ରୀ ଅମିତାଭ ଚୌଧୁରୀ, ଆଇଆଇଏମ୍ ବାଙ୍ଗାଲୋରର ଡାଇରେକ୍ଟର-ଇନ୍-ଚାର୍ଜ ପ୍ରଫେସର ୟୁ. ଦିନେଶ କୁମାର ଏବଂ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ହେଡ୍ – ହୋଲସେଲ୍ ବ୍ୟାଙ୍କ କଭରେଜ୍, କର୍ପୋରେଟ୍ ସାଲାରୀ, ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ଶ୍ରୀ ବିଜୟ ମୁଲବାଗଲଙ୍କ ସମେତ ଉଭୟ ଅନୁଷ୍ଠାନର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ସହଯୋଗିତାର ଅଂଶ ସ୍ୱରୂପ, ଆକ୍ସିସ୍ ବ୍ୟାଙ୍କ ନୂତନ କ୍ୟାମ୍ପସର ପ୍ରଥମ ପର୍ଯ୍ୟାୟରେ ଇଣ୍ଟିଗ୍ରେଟେଡ୍ ଏକାଡେମିକ୍ ଏବଂ ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍‌ରେ 'ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ'ର ନିର୍ମାଣ ଏବଂ କାର ?ୟକ୍ଷମତାରେ ସାହାଯ୍ୟ କରିବ, ଯାହା ସମଗ୍ର ସ୍କୁଲ୍ ପାଇଁ ଏକ ପ୍ରମୁଖ ଶିକ୍ଷାଗତ ଏବଂ ଗବେଷଣା କେନ୍ଦ୍ର ଭାବରେ କାର ?ୟ କରିବ। ଏହି ପ୍ରତିଶ୍ରୁତିରେ ଫ୍ୟାକଲ୍ଟି ବିକାଶ, ଗବେଷଣା ଏବଂ ମେଧାବୀ ଓ ଆବଶ୍ୟକତା ଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପ୍ରଦାନ ମଧ୍ୟ ଅନ୍ତର୍ଭୁକ୍ତ। 'ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ' ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁଯାୟୀ ଏକ ପାଠ୍ୟକ୍ରମ ଗ୍ରହଣ କରିବ, ଯାହା ଆରମ୍ଭରୁ ଗାଣିତିକ ଏବଂ କମ୍ପ୍ୟୁଟେସନାଲ୍ ଶିକ୍ଷା ସହିତ ବିଷୟଗତ ଗଭୀରତାକୁ ଯୋଡ଼ିବ। ଏହା ସହିତ ପ୍ରକୃତ ଆର୍ଥିକ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ଡାଟା, ଗାଣିତିକ ପଦ୍ଧତି ଏବଂ ବ୍ୟାବହାରିକ ବିଶ୍ଳେଷଣର ବ୍ୟବହାରକୁ ପ୍ରୋତ୍ସାହିତ କରିବ। ଶିକ୍ଷାଗତ ଶ୍ରେଷ୍ଠତା, ଆନ୍ତଃ-ବିଷୟକ ଶିକ୍ଷା ଏବଂ ସମସାମୟିକ ଗବେଷଣା ପାଇଁ ଜଣାଶୁଣା ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ହେବାର ସ୍କୁଲ୍ ?ର ଦୂରଦୃଷ୍ଟି ପାଇଁ ଏହି କେନ୍ଦ୍ରଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଅବସରରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ହେଡ୍ – ହୋଲସେଲ୍ ବ୍ୟାଙ୍କ କଭରେଜ୍, କର୍ପୋରେଟ୍

ସାଲାରୀ, ସଷ୍ଟେନେବିଲିଟି ଓ ସିଏସ୍ ?ଆର୍ ବିଜୟ ମୁଲବାଗଲ କହିଛନ୍ତି; "ଜଟିଳ ହୋଇଚାଲିଥିବା ଆର୍ଥିକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଭାରତକୁ ଆବଶ୍ୟକ ହେଉଥିବା ଜ୍ଞାନ, ଦକ୍ଷତା ଏବଂ ସାମର୍ଥ୍ୟ ଗଢ଼ିତୋଳିବାରେ ବହୁ-ବିଷୟକ ଶିକ୍ଷା ଏବଂ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଇଆଇଏମ୍ ବାଙ୍ଗାଲୋର ସହିତ ମିଶି ଆକ୍ସିସ୍ ବ୍ୟାଙ୍କ ଅଣ୍ଡରଗ୍ରାଜୁଏଟ୍ ଶିକ୍ଷାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ବିଶ୍ୱସ୍ତରୀୟ ମାନଦଣ୍ଡ ସହ ସମାନ ହେବ ଏବଂ ଗଭୀର ଗବେଷଣା ସହିତ ଅର୍ଥପୂର୍ଣ୍ଣ ଶିକ୍ଷାଦାନକୁ ଯୋଡ଼ିବ। ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ ଭାରତର ଦୀର୍ଘମିଆଦୀ, ସମାବେଶୀ ଏବଂ ସ୍ଥାୟୀ ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ ଆଇଆଇଏମ୍‌ବି ର ଡାଇରେକ୍ଟର-ଇନ୍-ଚାର୍ଜ ପ୍ରଫେସର ୟୁ. ଦିନେଶ କୁମାର କହିଛନ୍ତି; "ଆଇଆଇଏମ୍ ?ବି – ଦୋରାବଜୀ ଟାଟା ସ୍କୁଲ୍ ଅଫ୍ ଅଣ୍ଡରଗ୍ରାଜୁଏଟ୍ ଷ୍ଟଡିଜ୍ ?ରେ 'ଆକ୍ସିସ୍ ବ୍ୟାଙ୍କ ସେଣ୍ଟର ଅଫ୍ ଇକୋନୋମିକ୍ସ' ପାଇଁ ଆମର ଦୂରଦୃଷ୍ଟିକୁ ସମର୍ଥନ କରିଥିବାରୁ ଆମେ ଆକ୍ସିସ୍ ବ୍ୟାଙ୍କ ନିକଟରେ କୃତଜ୍ଞ। ବ୍ୟବସାୟ, ବଜାର ଏବଂ ସମାଜକୁ ପ୍ରଭାବିତ କରୁଥିବା ଶକ୍ତିଗୁଡ଼ିକୁ ବୁଝିବା ପାଇଁ ଅର୍ଥଶାସ୍ତ୍ର (ଇକୋନୋମିକ୍ସ) ମୁଖ୍ୟ ଅଟେ, ଏବଂ ଆଜି ଏହାର ଅଧ୍ୟୟନ ପାଇଁ ଗାଣିତିକ ଓ ଗୁଣାତ୍ମକ ପଦ୍ଧତି, ଡାଟା-ଆଧାରିତ ପ୍ରୟୋଗ ଏବଂ ଆନ୍ତଃ-ବିଷୟକ ଚିନ୍ତାଧାରାର ସୁଦୃଢ଼ ଭିତ୍ତିଭୂମି ଆବଶ୍ୟକ। ଏହି କେନ୍ଦ୍ର ଏପରି ଏକ ପରିବେଶ ସୃଷ୍ଟି କରିବାରେ ଯୋଗଦାନ ଦେବ ଯେଉଁଠାରେ ଛାତ୍ରଛାତ୍ରୀ ଏବଂ ଫ୍ୟାକଲ୍ଟି ବିଶ୍ୱ ଓ ଜାତୀୟ ବିକାଶର ନିର୍ଦ୍ଧାରକଗୁଡ଼ିକ ସହିତ ଗଭୀର ଭାବରେ ଯୋଡ଼ିହୋଇପାରିବେ। ଆକ୍ସିସ୍ ବ୍ୟାଙ୍କର ସହଯୋଗ ଆମକୁ ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଏବଂ ଏକ ବିଶ୍ୱସ୍ତରୀୟ ଅଣ୍ଡରଗ୍ରାଜୁଏଟ୍ ଅନୁଷ୍ଠାନ ଗଢ଼ିବାର ସ୍କୁଲ୍ ?ର ଲକ୍ଷ୍ୟକୁ ଆଗକୁ ନେବା ପାଇଁ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଆଇଆଇଏମ୍‌ବି – ଦୋରାବଜୀ ଟାଟା ସ୍କୁଲ୍ ଅଫ୍ ଅଣ୍ଡରଗ୍ରାଜୁଏଟ୍ ଷ୍ଟଡିଜ୍ ଅଗଷ୍ଟ ୨୦୨୬ ରେ ଏହାର ପ୍ରଥମ ପାଠ୍ୟକ୍ରମ ବ୍ୟାଚ୍‌କୁ ସ୍ୱାଗତ କରିଥିଲା। ଡାଟା ସାଇନ୍ସ ଏବଂ ଇକୋନୋମିକ୍ସରେ ବ୍ୟାଚଲର ଅଫ୍ ସାଇନ୍ସ (ଅନର୍ସ) ପ୍ରୋଗ୍ରାମ୍ ପାଇଁ ପ୍ରାୟ ୧୨,୦୦୦ ଆବେଦନକାରୀଙ୍କ ମଧ୍ୟରୁ ଏକ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ୮୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା।

ଚିନ୍ମୟ ମିଶନ ଦ୍ୱାରା ତିନି ଦିନିଆ ବିଶ୍ୱ ସମ୍ମେଳନ ସମାପ୍ତ ଏହି ଆନ୍ଦୋଳନର ୭୫ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ଚିନ୍ମୟ ମିଶନ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ତିନି ଦିନିଆ 'ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମେଳନ'ର ସମାପନ କରିଛି। ଏହା ସହିତ 'ଚିନ୍ମୟ ଆନ୍ଦୋଳନ'ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ଚାଲିଥିବା ଉତ୍ସବର ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭାରତ ତଥା ବିଦେଶରୁ ୯,୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିବା ଏହି ସମ୍ମେଳନରେ ପୂଜ୍ୟ ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦଙ୍କ ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରାଯାଇଥିଲା। ଏଥିରେ ଆଧ୍ୟାତ୍ମିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପିଢ଼ିର ଲୋକଙ୍କ ମଧ୍ୟରେ ପାରସ୍ପରିକ ସଂଯୋଗ ଏବଂ ବିଭିନ୍ନ ଅନୁଭୂତିମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମିଶନର ଦାର୍ଶନିକ ଭିତ୍ତିଭୂମିକୁ ଆଧୁନିକ ଜୀବନଶୈଳୀ ସହ ଯୋଡ଼ିବାକୁ ପ୍ରୟାସ କରାଯାଇଥିଲା। ଅକ୍ଟୋବର ୨୩ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମେଳନର ଉଦ୍‌ଘାଟନ କରିଥିଲେ। ସେ ଗୁରୁଦେବଙ୍କ ଶିକ୍ଷାକୁ ଯୁବ ପିଢ଼ି ନିକଟରେ ପହଂଚାଇବା ପାଇଁ ମିଶନ୍‌ର ପ୍ରୟାସକୁ ପ୍ରଶଂସା କରିବା ସହ ରାଷ୍ଟ୍ର ନିର୍ମାଣରେ 'ଯୁବ ଶକ୍ତି'ର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି ସମ୍ମେଳନର ଉଦ୍‌ଯାପନୀ ଦିବସରେ ମାନ୍ୟବର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଭାରତରେ ମିଳିତ ଜାତିସଂଘର ଆବାସିକ ସମନ୍ୱୟକାରୀ ଷ୍ଟେଫାନ୍ ପ୍ରିସ୍ନର୍ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ, ପ୍ରାୟ ୮୦ ଜଣ ରାଷ୍ଟ୍ରଦୂତଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ପ୍ରତିନିଧି ଦଳ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ଏହା ସମ୍ମେଳନର ଆ'ର୍ଜାତୀୟ ବ୍ୟାପ୍ତିକୁ ଦର୍ଶାଇବା ସହ, ବିଭିନ୍ନ ସମ୍ପ୍ରଦାୟ ଓ ରାଷ୍ଟ୍ର ମଧ୍ୟରେ ଆଲୋଚନା ତଥା ପାରସ୍ପରିକ ବୁଝାମଣା ସୃଷ୍ଟି କରିବାରେ ବେଦାନ୍ତ ଦର୍ଶନର ପ୍ରାସଙ୍ଗିକତାକୁ ପ୍ରତିପାଦିତ କରିଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ 'ଚିନ୍ମୟ ଅମୃତ ଯାତ୍ରା'ର ଅନନ୍ୟ ଯାତ୍ରାକୁ ମଧ୍ୟ ପାଳନ କରାଯାଇଥିଲା। ଏହା ଏକ ୩୦୦ ଦିନବ୍ୟାପୀ ଆଧ୍ୟାତ୍ମିକ ଯାତ୍ରା ଥିଲା, ଯାହା ଭାରତ, ନେପାଳ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରାୟ ୪୦,୦୦୦ କିଲୋମିଟର ପଥ ଅତିକ୍ରମ କରି ଗୁରୁଦେବଙ୍କ ଶିକ୍ଷାକୁ ବିଭିନ୍ନ ଅଞ୍ଚଳର ଜନସମୁଦାୟ ନିକଟରେ ପହଂଚାଇଥିଲା। ୨୦୨୫ ମସିହା ଡିସେମ୍ବର ୩୧ ତାରିଖରେ ପୁଣେସ୍ଥିତ 'ଚିନ୍ମୟ ବିଭୂତି'ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା, ନିଜ ପଥରେ ପଡୁଥିବା ବିଭିନ୍ନ ସମ୍ପ୍ରଦାୟ ନିକଟକୁ ଗୁରୁଦେବଙ୍କ ଶିକ୍ଷା, ପବିତ୍ର ବସ୍ତୁସମୂହ ଏବଂ ଐତିହାସିକ ସାମଗ୍ରୀ (ଆର୍କାଇଭାଲ୍ ସାମଗ୍ରୀ) ନେଇ ଯାଇଥିଲା; ଯାହା ପ୍ରାର୍ଥନା, ଶିକ୍ଷା ଏବଂ ସେବା ମାଧ୍ୟମରେ ଲୋକମାନଙ୍କୁ ଏକତ୍ରିତ କରିଥିଲା। ସଭାରେ ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଲେ, 'ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ଭାରତ ତଥା ବିଶ୍ୱର ବିଭିନ୍ନ ପ୍ରା'ରୁ ଏତେ ସଂଖ୍ୟକ ଲୋକ ଏକତ୍ରିତ ହେବା, ନିଜେ ଏକତା ଭାବନାର ଏକ ଶକ୍ତିଶାଳୀ ପ୍ରତିଫଳନ ଅଟେ। ବିଭିନ୍ନ ପିଢ଼ି ଏବଂ ଭୌଗୋଳିକ ସ୍ଥାନର ଲୋକଙ୍କୁ ଯେଉଁ ବିଷୟଟି ଏକତ୍ରିତ କରେ, ତାହା ହେଉଛି ବ୍ୟକ୍ତିଗତ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ଥିବା କୌଣସି ଏକ ବୃହତର ଲକ୍ଷ୍ୟ ପ୍ରତି ଥିବା ସାମୂହିକ ବିଶ୍ୱାସ। ଏହା 'ଅଦ୍ୱୈତବାଦ' ର ମୂଳମନ୍ତ୍ର, ଯାହା ଆମକୁ ମନେ କରାଇଦିଏ ଯେ ସତ୍ତା ଅବିଭାଜ୍ୟ ଏବଂ ଆମର କଲ୍ୟାଣ ପରସ୍ପର ସହ ଗଭୀର ଭାବରେ ଜଡ଼ିତ। ରାଷ୍ଟ୍ରମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ନୀତି ସମାନ ଭାବରେ ପ୍ରଯୁଜ୍ୟ। ପରସ୍ପର ସହ ଜଡ଼ିତ ଏହି ବିଶ୍ୱରେ, ଶାନ୍ତି ଏବଂ ସମୃଦ୍ଧିକୁ କେବଳ ନିଜ ସ୍ତରରେ ହାସଲ କରାଯାଇପାରିବ ନାହିଁ; ଏଥିପାଇଁ ସହଯୋଗ, ସାମୂହିକ ଦାୟିତ୍ୱବୋଧ ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାର ଇଚ୍ଛାଶକ୍ତି ଆବଶ୍ୟକ। ଭାରତୀୟ ଦର୍ଶନ 'ବସୁଧୈବ କୁଟୁମ୍ବକମ୍'-ଅର୍ଥାତ୍ ସମଗ୍ର ବିଶ୍ୱ ଏକ ପରିବାର-ଏହି ଭାବନାକୁ ହିଁ ପ୍ରତିପାଦିତ କରେ।

ଓଡ଼ିଶାରେ ପ୍ରଥମଥର ହୋପ୍ ୩୬୦ରେ ଆଧୁନିକ ହାଡ଼, ଗଣ୍ଠି ଓ ମେରୁଦଣ୍ଡର ଚିକିତ୍ସା

କଟକ, ୨୯।୧୦ (ନି.ପ୍ର) : ହାଡ଼, ଗଣ୍ଠି, ମେରୁଦଣ୍ଡ ଓ ମାଂସପେଶୀଜନିତ ସମସ୍ୟାର ଚିକିତ୍ସା କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିର ଉପଯୋଗକୁ ଗୁରୁତ୍ୱ ଦେଇ କଟକର ହୋପ୍ ୩୬୦ ଏକୀକୃତ ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ର ପକ୍ଷରୁ ଏକ ନୂତନ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ କେନ୍ଦ୍ର ପକ୍ଷରୁ କ୍ରିଉ ଆର୍ ?ଏସ୍ ?ଟି ରିଜେନେଭା ନାମକ ଏକ ଆଧୁନିକ ଚିକିତ୍ସା ପ୍ରଯୁକ୍ତି ଉପସ୍ଥାପନ କରାଯାଉଛି। ଏହା ମାଧ୍ୟମରେ ହାଡ଼, ଗଣ୍ଠି ଓ ମାଂସପେଶୀଜନିତ ସମସ୍ୟାରେ ପୀଡ଼ିତ ରୋଗୀଙ୍କୁ ଉପଲବ୍ଧ ଚିକିତ୍ସା ପଦ୍ଧତି ଓ ପୁନର୍ବାସ ସେବା ସମ୍ପର୍କରେ ସଚେତନ କରାଯିବା ସହ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଷ୍ଟିଓଆର୍ଥ୍ରାଇଟିସ୍, ମେରୁଦଣ୍ଡଜନିତ ସମସ୍ୟା, ଲିଗାମେଣ୍ଟ ଆଘାତ, ଟେଣ୍ଡିନାଇଟିସ୍ ? ଏବଂ ଦୀର୍ଘକାଳୀନ ଗଣ୍ଠି ଓ ମାଂସପେଶୀ ଯନ୍ତ୍ରଣା ଯୋଗୁଁ ଅନେକ ଲୋକଙ୍କ ନୈନ୍ଦିନ ଜୀବନ ଓ ଚଳପ୍ରଚଳ କ୍ଷମତା ପ୍ରଭାବିତ ହୋଇଥାଏ। ଏଭଳି ସମସ୍ୟାର ଉପଯୁକ୍ତ ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ, ଉଚିତ ଚିକିତ୍ସା ପଦ୍ଧତି ଓ ନିୟମିତ ପୁନର୍ବାସ ଗୁରୁତ୍ୱପୂର୍ଣ୍ଣ। ଏହି ଦିଗକୁ ଧ୍ୟାନରେ ରଖି ହୋପ୍ ୩୬୦ ପକ୍ଷରୁ ଆଧୁନିକ ଚିକିତ୍ସା ପ୍ରଯୁକ୍ତି ସହ ରୋଗୀକୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ପକ୍ଷରୁ ଉପସ୍ଥାପିତ ରିଜେନେଭା ପ୍ରଯୁକ୍ତି ଏକ ଅଣ-ଆକ୍ରମଣାତ୍ମକ, ମ୍ୟାଗ୍ନେଟିକ୍ ରେଜୋନାନ୍ସ ଆଧାରିତ ଚିକିତ୍ସା ପଦ୍ଧତି। ଏହା ଶରୀରର ତନ୍ତୁଗୁଡ଼ିକର ମରାମତି ଓ ପୁନର୍ଜନନ ପ୍ରକ୍ରିୟାକୁ ସହାୟତା କରିବା ଉଦ୍ଦେଶ୍ୟରେ ବିକଶିତ ହୋଇଛି। ରୋଗୀଙ୍କ ଶାରୀରିକ ଅବସ୍ଥା ଓ ଚିକିତ୍ସାଗତ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଚିକିତ୍ସା ବିକଳ୍ପ ସମ୍ପର୍କରେ ଏଠାରେ ପରାମର୍ଶ ଓ ମାର୍ଗଦର୍ଶନ ଦିଆଯିବ। କେବଳ ଯନ୍ତ୍ରଣା ହ୍ରାସ ନୁହେଁ, ବରଂ ରୋଗୀଙ୍କ ଚଳପ୍ରଚଳ କ୍ଷମତା, ଦୈନନ୍ଦିନ କାର୍ଯ୍ୟକ୍ଷମତା ଓ ଜୀବନଧାରଣର ମାନରେ ଉନ୍ନତି ଆଣିବା ମଧ୍ୟ ଏହି ପଦକ୍ଷେପର ଲକ୍ଷ୍ୟ। ଏହି ଅବସରରେ ଆସନ୍ତା ନଭେମ୍ବର ୨ ତାରିଖ ସୋମବାର ଦିନ କଟକ ସିଡିଏ ସେକ୍ଟର-୮ନଂ ସ୍ଥିତ ହୋପ୍ ୩୬୦ କେନ୍ଦ୍ର ପରିଦର୍ଶନ କରିବାକୁ ସାଧାରଣ ଜନତା, ରୋଗୀ, ସେମାନଙ୍କ ପରିବାର ଓ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରାଯାଇଛି। ପରିଦର୍ଶନ ସମୟରେ ରିଜେନେଭା ପ୍ରଯୁକ୍ତି, ଏହାର କାର୍ଯ୍ୟପ୍ରଣାଳୀ ଏବଂ ହାଡ଼, ଗଣ୍ଠି ଓ ମାଂସପେଶୀଜନିତ ସମସ୍ୟାର ଚିକିତ୍ସା ଓ ପୁନର୍ବାସ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାର ସୁଯୋଗ ମିଳିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ନିର୍ଦ୍ଦିଷ୍ଟ ମଡେଲର ମୂଲ୍ୟ ବୃଦ୍ଧି କରିଛି ଏଆଇ+ ସ୍ମାର୍ଟଫୋନ

ଭୁବନେଶ୍ୱର, ୨୮।୧୦ (ନି.ପ୍ର) : ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ଏହାର ସ୍ମାର୍ଟଫୋନ ପୋର୍ଟଫୋଲିଓରେ କିଛି ନିର୍ଦ୍ଦିଷ୍ଟ ମଡେଲ ଉପରେ ମୂଲ୍ୟ ବୃଦ୍ଧି କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟ ଆସ'। ନଭେମ୍ବର ୧୫ ତାରିଖ ୨୦୨୬ରୁ ଲାଗୁ ହେବ। ବିଶେଷ କରି ମୂଲ୍ୟ-ସମ୍ବେଦନଶୀଳ ବର୍ଗରେ ଖର୍ଚ୍ଚ ବୃଦ୍ଧି ଜାରି ରହିଥିବାରୁ ଏଆଇ+ ସ୍ମାର୍ଟଫୋନ ଏହାର ପ୍ରଭାବକୁ ମୂଲ୍ୟାଙ୍କନ କରିବା ସହ ଉପଭୋକ୍ତାଙ୍କ ପାଇଁ ସୁଲଭତା ବଜାୟ ରଖିବା ପାଇଁ କାର୍ଯ୍ୟ କରୁଛି। ତେବେ ଇନ୍‌ପୁଟ କଷ୍ଟ ବୃଦ୍ଧି ପାଉଥିବାରୁ କମ୍ପାନୀ ସୁଲଭତା ଓ ଉତ୍ପାଦ ଅନୁଭୂତି ମଧ୍ୟରେ ଏକ ସ୍ଥାୟୀ ସ'ୁଳନ ବଜାୟ ରଖିବା ପାଇଁ ମୂଲ୍ୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛି। କିଛି ନିର୍ଦ୍ଦିଷ୍ଟ ମଡେଲଗୁଡିକ ଉପରେ ୩୦୦୦ ଟଙ୍କା ପର୍ଯ୍ୟ' ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ସଂଶୋଧିତ ଦର ଲାଗୁ ହେବା ପୂର୍ବରୁ ଉପଭୋକ୍ତାଙ୍କ ପାଇଁ ନିଜ ପସନ୍ଦର ଏଆଇ+ ସ୍ମାର୍ଟଫୋନ କ୍ରୟ କରିବା ଲାଗି ବର୍ତ୍ତମାନ ହେଉଛି



ଉପଯୁକ୍ତ ସମୟ।

ସଂଶୋଧିତ ମୂଲ୍ୟ ଅଧିନରେ ଏଆଇ+ ସ୍ମାର୍ଟଫୋନର ନିର୍ଦ୍ଦିଷ୍ଟ ଭାରିଆଂଟ ଯେପରିକି ଏଆଇ+ ପଲସ ୨ ଏଫଇ, ପଲ୍‌ସ ୨, ନୋଭା ୨ ୫ଜି, ନୋଭା ୨ ନିଓ ୫ଜି, ନୋଭା ୨ ପାୱାର ୫ଜି, ନୋଭା ୨ ପ୍ରୋ ୫ଜି ଓ ନୋଭା ୨ ଅଲ୍‌ଟ୍ରା ୫ଜିରେ ୧୦୦୦ ଟଙ୍କାରୁ ୩୦୦୦ ଟଙ୍କା ମଧ୍ୟରେ ମୂଲ୍ୟ ବୃଦ୍ଧି ହେବ। ଏଆଇ+ ନୋଭା ଫ୍ଲିପ ୫ଜି ମଡେଲର ମୂଲ୍ୟ ୪୯,୯୯୯ ଟଙ୍କାରେ ଅପରିବର୍ତ୍ତିତ ରହିବ। ବର୍ତ୍ତମାନର ଶିଳ୍ପ ଆହ୍ୱାନ ସତ୍ତ୍ୱେ ଏଆଇ+ ସ୍ମାର୍ଟଫୋନ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ମଜବୁତ ମୂଲ୍ୟ ଆଧାରରେ ଉନ୍ନତ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। କମ୍ପାନୀ ସୁଲଭ ଟେକ୍ନୋଲୋଜି, ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଓ ଦୀର୍ଘକାଳିନ ଉପଭୋକ୍ତା ମୂଲ୍ୟ ଉପରେ ଗୁରୁତ୍ୱ ବଜାୟ ରଖିବା ସହ କମ୍ପୋନେଂଟ ଖର୍ଚ୍ଚ ଓ ବଜାର ଗତିବିଧିକୁ ତଦାରଖ କରିବ। ସଂଶୋଧତ ଦର ଅନୁଯାୟୀ ଏବେ ଏଆଇ+ ପଲ୍‌ସ ୨ ଏଫଇ ୧୦,୯୯୯ ଟଙ୍କା, ପଲ୍‌ସ ୨ ୪ଜିବି+୬୪ଜିବି ପାଇଁ ୧୦,୯୯୯ ଟଙ୍କା, ୪ଜିବି+୧୨୯ଜିବି ପାଇଁ ୧୧,୯୯୯ ଟଙ୍କା, ୬ଜିବି+୧୨୮ଜିବି ପାଇଁ ୧୨,୯୯୯ ଟଙ୍କାରେ ଉପଲବ୍ଧ ହେବ। ସେହିପରି ନୋଭା ୨ ୫ଜିର ୪ଜିବି+୬୪ଜିବି ଭାରିଆଂଟ ୧୩,୯୯୯ ଟଙ୍କା, ୪ଜିବି+୧୨୮ଜିବି ଭାରିଆଂଟ ୧୪,୯୯୯ ଟଙ୍କା ଓ ୬ଜିବି+୧୨୮ଜିବି ଭାରିଆଂଟ ୧୫,୯୯୯ ଟଙ୍କାରେ ମିଳିବ। ନୋଭା ୨ ନିଓ ୫ଜିର ୪ଜିବି+୬୪ଜିବି ଭାରିଆଂଟ ୧୪,୯୯୯ ଟଙ୍କା, ୪ଜିବି+୧୨୮ଜିବିର ମୂଲ୍ୟ ୧୫,୯୯୯ ଟଙ୍କା ଓ ୬ଜିବି+୧୨୮ଜିବିର ମୂଲ୍ୟ ୧୬୯୯୯ ଟଙ୍କାକୁ ବୃଦ୍ଧି ପାଇଛି। ନୋଭା ୨ ପାୱାର ୫ଜିର ୬ଜିବି+୧୨୮ଜିବି ୧୭,୯୯୯ ଟଙ୍କାକୁ, ୮ଜିବି+୧୨୮ଜିବି ଭାରିଆଂଟ ୧୯,୯୯୯ ଟଙ୍କାକୁ ବୃଦ୍ଧି ପାଇଛି। ନୋଭା ୨ ପ୍ରୋ ୫ଜିର ୬ଜିବି+୧୨୮ଜିବି ଭାରିଆଂଟ ୧୭,୯୯୯ ଟଙ୍କାକୁ ଓ ୮ଜିବି+୧୨୮ଜିବି ଭାରିଆଂଟ ୧୯,୯୯୯ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ନୋଭା ୨ ଅଲ୍‌ଟ୍ରା ୫ଜିର ୬ଜିବି+୧୨୮ଜିବି ଭାରିଆଂଟ ୨୦୯୯୯ ଟଙ୍କାକୁ ଓ ୮ଜିବି+୧୨୮ଜିବି ଭାରିଆଂଟ ୨୨,୯୯୯ ଟଙ୍କାକୁ ବୃଦ୍ଧି ପାଇଛି।

ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ 'ଦୀୱାଲି ଏଡିସନ'ର ଶୁଭାରମ୍ଭ

ଭୁବନେଶ୍ୱର, ୨୯।୧୦ (ନି.ପ୍ର) : ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲର ଦୀୱାଲି ଏଡିସନ ଅକ୍ଟୋବର ୨୮ ତାରିଖ ୨୦୨୬ରୁ ଆରମ୍ଭ ହୋଇଛି ଯାହା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଡିଲ, ଅତିରିକ୍ତ ସଂଚୟ ଓ ଆମାଜନର ଦ୍ରୁତ ଡେଲିଭରି ସୁବିଧା ଆଣିଛି। ଏହି ଅଫର ସମୟରେ ଗ୍ରାହକମାନେ ସ୍ମାର୍ଟଫୋନଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ, ଫ୍ୟାଶନ, ହୋମ ଏସେନ୍ସିଆଲ ଓ ଦୈନନ୍ଦିନ ସାମଗ୍ରୀ ଭଳି ପ୍ରତ୍ୟେକ ବର୍ଗରେ ଶୀର୍ଷ ବ୍ରାଣ୍ଡଗୁଡିକରୁ ଉନ୍ନତ ଅଫର ପାଇପାରିବେ। ଏହି ଦୀୱାଲି ଏଡିସନରେ ପ୍ରତ୍ୟେକ ବର୍ଗରେ ଶୀର୍ଷ ବ୍ରାଣ୍ଡଗୁଡିକ ବ୍ଲକବଷ୍ଟର ଡିଲ ପ୍ରଦାନ କରୁଛନ୍ତି। ଏହାବ୍ୟତୀତ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ କାର୍ଡ ଓ କ୍ରେଡିଟ କାର୍ଡ ଇଏମଆଇ ଟ୍ରାନ୍ସକ୍ସନ ଉପରେ ୧୦% ତତ୍କାଳ ରିହାତି ଉପଲବ୍ଧ ହେଉଥିବା ବେଳେ ପ୍ରାଇମ ସଦସ୍ୟମାନେ ନିର୍ଦ୍ଦିଷ୍ଟ ଉତ୍ପାଦଗୁଡିକ ଉପରେ ୨୫୦ ଟଙ୍କାର ଅତିରିକ୍ତ କ୍ୟାଶବ୍ୟାକ ମିଳିବ। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଦୀୱାଲି ଏଡିସନ ସମୟରେ ୧୨ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ସହିତ ମୋବାଇଲ ଓ ଆକ୍‌ସେସରିଜ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ ଆପଲ, କ୍ୟାନନ, ସୋନି ଓ ଅନ୍ୟ ଶୀର୍ଷ ବ୍ରାଣ୍ଡର କ୍ୟୁମର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟରେ ୮୦% ପର୍ଯ୍ୟନ୍ତ ରିହାତି ମିଳିବ।

ଦୀୱାଲି ଏଡିସନ ସେଲ୍ ସମୟରେ ଫ୍ୟାଶନ ଓ ବିୟୁଟି ବର୍ଗରେ ମୋକୋବାରା, କ୍ରକ୍‌ସ, ସ୍କେଚର୍ସ, ଲାକ୍‌ମି, ବିବା ଓ ଗ୍ୟାପ୍ ଭଳି ଟପ୍ ବ୍ରାଣ୍ଡ ଉପରେ ୮୦% ପର୍ଯ୍ୟନ୍ତ ରିହାତି ମିଳୁଥିବା ବେଳେ ଦୈନନ୍ଦିନ ସାମଗ୍ରୀ ଉପରେ ୭୦% ପର୍ଯ୍ୟନ୍ତ ରିହାତି ମିଳୁଛି। ନି, ସେଂଚୁରୀ, ହିରୋ ମୋଟୋକର୍ପ ଓ ବଶ୍ ଭଳି ବ୍ରାଣ୍ଡଗୁଡିକର ଏକ ଲକ୍ଷରର ଅଧିକ ହୋମ୍, କିଚେନ ଓ ଆଉଟଡୋର୍ ପ୍ରଡକ୍ଟ ଉପରେ ଫ୍ଲାଟ୍ ୫୦% ରିହାତି ଉପଲବ୍ଧ ରହିଥିବା ବେଳେ ଏକୋ ଓ ଫାୟର ଟିଭି ଡିଭାଇସଗୁଡିକରେ ଆକର୍ଷଣୀୟ ଡିଲ୍ ରହିଛି। ଏହାଛଡା ଦୀପାବଳି ଓ ଧନ୍‌ତେରାସ ପୂର୍ବରୁ ଆମାଜନ ପେ' ପକ୍ଷରୁ ଏକ ନୂଆ ଫାଇନାନ୍ସିଙ୍ଗ ବତକଳ୍ପ ସପିଂ ଲୋନ୍ ଆରମ୍ଭ କରାଯାଇଛି। ଯୋଗ୍ୟ ଗ୍ରାହକମାନେ ୫୦,୦୦୦ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ସପିଂ କରି ଏକ ବର୍ଷ ପାଇଁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଲାଭ ପାଇପାରିବେ ଯାହାକୁ ସେମାନେ ୨୪ ମାସ ମଧ୍ୟରେ ପରିଶୋଧ କରିପାରିବେ। ଏହି ସେଲ୍ ସମୟରେ ଗ୍ରାହକମାନେ ଫ୍ଲାଇଟ୍ ବୁକିଂରେ ୨୨% ପର୍ଯ୍ୟନ୍ତ, ହୋଟେଲ ବୁକିଂରେ ୭୫% ପର୍ଯ୍ୟନ୍ତ ଓ ବସ୍ ବୁକିଂରେ ୧୭% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଗ୍ରାହକମାନେ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଯୋଗ୍ୟ ବିଲ୍ ପେଠ, ରିଚାର୍ଜ, ଡିଜିଟାଲ ଗୋଲ୍ଡ କ୍ରୟ ଉପରେ ୫୦୦ ଟଙ୍କା ମୂଲ୍ୟର ରିୱାର୍ଡ ମଧ୍ୟ ପାଇପାରିବେ। ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡର ଗ୍ରାହକମାନେ କ୍ରୟ ଉପରେ ଅତିରିକ୍ତ ୫% କ୍ୟାଶବ୍ୟାକ ପାଇବା ସହିତ ପ୍ରାଇମ ସଦସ୍ୟମାନେ ୫% କ୍ୟାଶବ୍ୟାକ ଓ ଅଣ ପ୍ରାଇମ ସଦସ୍ୟମାନେ ୩% କ୍ୟାଶବ୍ୟାକ୍ ପାଇପାରିବେ।

ବେନେଲି ଇଣ୍ଡିଆ ପକ୍ଷରୁ ଟିଆରକେ ୫୫୨ ଓ ଟିଆରକେ ୫୫୨ଏକ୍ସ ଉନ୍ମୋଚିତ

ଭୁବନେଶ୍ୱର, ୨୯।୧୦ (ନି.ପ୍ର) : ଭାରତର ଅନ୍ୟତମ ଅଗ୍ରଣୀ ସୁପରବାଇକ୍ ନିର୍ମାତା ବେନେଲି ଇଣ୍ଡିଆ ପକ୍ଷରୁ ଆଜି ଟିଆରକେ ୫୫୨ ଓ ଟିଆରକେ ୫୫୨ଏକ୍ସର ଶୁଭାରମ୍ଭ କରାଯାଇଛି। ବେନେଲି ଟିଆରକେ ୫୫୨ ଓ ଟିଆରକେ ୫୫୨ଏକ୍ସ ଅକ୍ଟୋବର ୨୨ ତାରିଖ ୨୦୨୬ରୁ ଭାରତବ୍ୟାପୀ ଅଥୋରାଇଜ୍‌ଡ ବେନେଲି କୀୱେ ଡିଲରସିପ ଗୁଡ଼ିକରେ ଉପଲବ୍ଧ ହେବ। ଟିଆରକେ ୫୫୨ର ମୂଲ୍ୟ ୭୨୨,୦୦୦ ଟଙ୍କା ରହିଥିବା ବେଳେ ଟିଆରକେ ୫୫୨ଏକ୍ସର ମୂଲ୍ୟ ୭୭୪,୦୦୦ ଟଙ୍କା ରହିଛି। ସେହିପରି ଟିଆରକେ ୫୫୨ଏକ୍ସ ଲିମିଟେଡ ଏଡିସନର ମୂଲ୍ୟ ୭୯୦,୦୦୦ ଟଙ୍କା (ଏକ୍ସଶୋ'ରୁମ୍, ଭାରତ) ରହିଛି। ଏହି ସୁପରବାଇକ୍‌ଗୁଡିକ ପାଇଁ ବୁକିଂ ଅକ୍ଟୋବର ୨୨ ତାରିଖ ୨୦୨୬ରୁ ଅଥୋରାଇଜ୍‌ଡ ବେନେଲି କୀୱେ ଡିଲରସିପ୍‌ଗୁଡିକ ମାଧ୍ୟମରେ ଆରମ୍ଭ ହୋଇଛି। ଏହି ଦୁଇଟି



ମୋଟରସାଇକେଲକୁ ଭିନ୍ନ ଭିନ୍ନ ଚାଳନା ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। ୨୦୨୬ ବେନେଲି ଟିଆର୍‌କେ ରେରେ ୫୨ ବିଏଚପି ଓ ୪୯ ଏନଏମ ଟର୍କ ଉତ୍ପନ୍ନ କରୁଥିବା ୫୫୪ ସିସି ପାରାଲାଲ ଟ୍ୱିନ ଇନ ଏବଂ ୬ ସ୍ପିଡ ଗିୟରବକ୍ସ ଓ ସ୍ଲିପର କ୍ଲଚ ରହିଛି।

ଏହି ଶୁଭାରମ୍ଭ ଅବସରରେ ବେନେଲି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝାବକ କହିଛନ୍ତି, 'ଟିଆର୍‌କେ ନାମ ଭ୍ରମଣ ଓ ଅନୁସନ୍ଧାନର ଭାବନା ସହ ସାର୍ଥକ ହୋଇଛି। ନୂଆ ଟିଆରକେ ୫୫୨ ଓ ଟିଆରକେ ୫୫୨ଏକ୍ସ ସେହି ଦର୍ଶନକୁ ଏକ ନୂତନ ପିଢିକୁ ନେଇଛନ୍ତି। ଲମ୍ବା ଯାତ୍ରା କରୁଥିବା ରାଇଡରଙ୍କ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଥିବା କାର୍ଯ୍ୟଦକ୍ଷତା, ଆରାମ, ନିୟନ୍ତ୍ରଣ, ଟେକ୍ନୋଲୋଜି ଓ ବିବିଧତା ଭଳି ଦିଗ ଉପରେ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଇଛୁ। ନୂଆ ୫୫୪ସିସି ଇଞ୍ଜିନ, ଅପ୍‌ଗ୍ରେଡ ହୋଇଥିବା ଚେସିସ୍ ଉପାଦାନ, କନେକ୍ଟେଡ ଫିଚର ଓ ଉନ୍ନତ ଟୁରିଂ ଉପକରଣ ସହିତ ନୂଆ ଟିଆରକେ ୫୫୨ ସିରିଜକୁ ରାଇଡରଙ୍କୁ ଆହୁରି ଦୂରକୁ ଯାତ୍ରା କରିବାର ସ୍ୱାଧୀନତା ଦେବା ପାଇଁ ଡିଜାଇନ କରାଯାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଷ୍ଟାର୍ ହେଲ୍‌ଥର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, ୨୯।୧୦ (ନି.ପ୍ର) : ଭାରତର ସର୍ବବୃହତ ସ୍ୱାଧୀନ ସ୍ୱାସ୍ଥ୍ୟ ବୀମା କମ୍ପାନୀ, ଷ୍ଟାର୍ ହେଲ୍‌ଥ ଆଣ୍ଡ ଆଲାଏଡ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ("ଷ୍ଟାର୍ ହେଲ୍‌ଥ") ୩୦ ସେପ୍ଟେମ୍ବର, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ପାଇଁ ନିଜର ଆର୍ଥିକ ଫଳାଫଳ ଘୋଷଣା କରିଛି। କମ୍ପାନୀର ସାମାନ୍ୟୀକୃତ କର ପଶ୍ଚାତ୍ ଲାଭ ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ଗତ ବର୍ଷର ସମାନ ଅବଧି ତୁଳନାରେ ୭୦ ପ୍ରତିଶତ ବୃଦ୍ଧି ପାଇ ୩୧୦ କୋଟି ଟଙ୍କାରେ ପହଞ୍ଚିଛି। ଅଣ୍ଡରରାଇଟିଂ କ୍ଷେତ୍ରରେ କ୍ରମାଗତ ପଞ୍ଚମ ତ୍ରୈମାସିକ ପାଇଁ ଉନ୍ନତି ପରିଲକ୍ଷିତ ହୋଇଛି ଏବଂ କମ୍ପାନୀ କମ୍ପାନୀ ଗତ ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୪୦ କୋଟି ଟଙ୍କାର କ୍ଷତିରୁ ବାହାରି ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୈମାସିକରେ ୯୯ କୋଟି ଟଙ୍କାର ଲାଭଜନକ ସ୍ଥିତିକୁ ଆସିଛି। ଆର୍ଥିକ ବର୍ଷ ୨୦୨୭ର ଦ୍ୱିତୀୟ ତ୍ରୈମାସିକ ପ୍ରଦର୍ଶନର ମୁଖ୍ୟ ବିନ୍ଦୁଗୁଡ଼ିକ ମଧ୍ୟରେ, ବ୍ୟବସାୟିକ ଦୃଷ୍ଟିରୁ ଜିଡବ୍ଲ୍ୟୁପି ୧୯ ପ୍ରତିଶତ ବୃଦ୍ଧି ପାଇ ୫,୨୭୫ କୋଟି ଟଙ୍କା ଏବଂ ରିଟେଲ୍ ହେଲ୍‌ଥ ଫ୍ରେସ୍ ଜିଡବ୍ଲ୍ୟୁପି ୩୫ ପ୍ରତିଶତ ବୃଦ୍ଧି ପାଇଛି। ଆର୍ଥିକ ଦୃଷ୍ଟିରୁ, କମ୍ପାନୀର ମୋଟ କର ପଶ୍ଚାତ୍ ଲାଭ (ପାଟ) ୨୩୩ ପ୍ରତିଶତ ବୃଦ୍ଧି ସହ ୨୬୫ କୋଟି ଟଙ୍କା (ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକ: ୮୦ କୋଟି ଟଙ୍କା ତୁଳନାରେ) ଏବଂ କମ୍ବାଇଣ୍ଡ ଇନସ୍ୟୁରାନ୍ସ ସର୍ଭିସ୍ ରସିଓ (ସିଆଇଏସଆର) ୯୮.୦ ପ୍ରତିଶତ କୁ ସୁଧୁରିଛି (ଆର୍ଥିକ ବର୍ଷ ୨୦୨୫-୨୬ର ଦ୍ୱିତୀୟ ତ୍ରୈମାସିକର ୧୦୦.୯ ପ୍ରତିଶତ ତୁଳନାରେ ୨.୯ ପ୍ରତିଶତ ସୁଧାର)। ଚଳିତ ଆର୍ଥିକ ବର୍ଷ ୨୦୨୭ର ଅର୍ଦ୍ଧବାର୍ଷିକରେ କମ୍ପାନୀର ଅଣ୍ଡରରାଇଟିଂ ଲାଭ ୨୧୦ କୋଟି ଟଙ୍କା ରହିଛି (ଆର୍ଥିକ ବର୍ଷ ୨୦୨୫-୨୬ର ଅର୍ଦ୍ଧବାର୍ଷିକରେ ୨୪ କୋଟି ଟଙ୍କା କ୍ଷତି ତୁଳନାରେ), ଯାହା ଆର୍ଥିକ ବର୍ଷ ୨୦୨୬ର ସମଗ୍ର ବର୍ଷର ୧୯୮ କୋଟି ଟଙ୍କାର ଅଣ୍ଡରରାଇଟିଂ ଲାଭକୁ ମଧ୍ୟ ଅତିକ୍ରମ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୭ର ଅର୍ଦ୍ଧବାର୍ଷିକ ପାଇଁ ମୋଟ ଜିଡବ୍ଲ୍ୟୁପି ୧୯ ପ୍ରତିଶତ ବୃଦ୍ଧି ସହ ୯,୫୬୨ କୋଟି, ରିଟେଲ୍ ହେଲ୍‌ଥ ଫ୍ରେସ୍ ଜିଡବ୍ଲ୍ୟୁପି ୩୬ ପ୍ରତିଶତ ବୃଦ୍ଧି, ମୋଟ କର ପଶ୍ଚାତ୍ ଲାଭ (PAT) ୫୭ ପ୍ରତିଶତ ବୃଦ୍ଧି ସହ ୮୧୫ କୋଟି ଟଙ୍କା (ଆର୍ଥିକ ବର୍ଷ ୨୦୨୬ର ଅର୍ଦ୍ଧବାର୍ଷିକ: ୫୧୮ କୋଟି ଟଙ୍କା ତୁଳନାରେ) ଏବଂ ସିଆଇଏସଆର ୯୭.୯ ପ୍ରତିଶତ (ଆର୍ଥିକ ବର୍ଷ ୨୦୨୬ର ଅର୍ଦ୍ଧବାର୍ଷିକର ୧୦୦.୩



ପ୍ରତିଶତ ତୁଳନାରେ ୨.୪ ପ୍ରତିଶତ ସୁଧାର) ରହିଛି। କମ୍ପାନୀ ନିଜର ପ୍ରକୃତ ବ୍ୟାବସାୟିକ ଲାଭ ଆକଳନ ପାଇଁ 'ନର୍ମାଲାଇଜଡ୍ ପାଟ୍' ଫ୍ରେମୱାର୍କ ବ୍ୟବହାର କରିଥାଏ, ଯାହାକି ବଜାରର ସ୍ୱଳ୍ପକାଳୀନ ମାର୍କ-ଟୁ-ମାର୍କେଟ୍ ଉତ୍ଥାନ-ପତନରୁ ମୁକ୍ତ ରହି ୮ ପ୍ରତିଶତ ର ବାର୍ଷିକ ନିବେଶ ରିଟର୍ଣ୍ଣ ଉପରେ ଆଧାରିତ। ଏହି ଆଧାରରେ ଆର୍ଥିକ ବର୍ଷ ୨୦୨୭ର ଅର୍ଦ୍ଧବାର୍ଷିକ ପାଇଁ ନର୍ମାଲାଇଜଡ୍ ପାଟ୍ ୫୬ ପ୍ରତିଶତ ବୃଦ୍ଧି ପାଇ ୭୭୫ କୋଟି ଟଙ୍କା ହୋଇଛି। ଦାବି ନିଷ୍ପତ୍ତିରେ ଉତ୍କର୍ଷତା ଏବଂ ଗ୍ରାହକଙ୍କ ଆସ୍ଥା କ୍ଷେତ୍ରରେ ମଧ୍ୟ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି; ଆର୍ଥିକ ବର୍ଷ ୨୦୨୭ର ଅର୍ଦ୍ଧବାର୍ଷିକରେ ୨୨.୫ ଲକ୍ଷ କ୍ଲେମ୍ ନିଷ୍ପତ୍ତି କରାଯାଇଥିବାବେଳେ ରିଟେଲ୍ କ୍ଲେମ୍ ସେଟେଲମେଣ୍ଟ ରେସିଓ ୧.୪ ପ୍ରତିଶତ ସୁଧୁରି ୯୨.୪ ପ୍ରତିଶତ ହୋଇଛି, ପରସିଷ୍ଟେନ୍ସି ୪ ପ୍ରତିଶତ ସୁଧୁରି ୧୦୨ ପ୍ରତିଶତ କୁ ବୃଦ୍ଧି ପାଇଛି ଏବଂ ନେଟ୍ ପ୍ରମୋଟର ସ୍କୋର (ଏନପିଏସ୍) ୪ ଅଙ୍କ ବୃଦ୍ଧି ପାଇ ୬୫ ରେ ପହଞ୍ଚିଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ/ଏମଏଲ୍) ଆଧାରିତ ଆନାଲିଟିକ୍ସ, ନେଟୱାର୍କ ପରିଚାଳନା, ୱେଲନେସ୍ ସମ୍ବନ୍ଧୀୟ ପଦକ୍ଷେପ, ଟେଲିକନ୍‌ସଲ୍‌ଟେସନ୍ ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କମ୍ପାନୀ ଦାବି ପ୍ରକ୍ରିୟାକରଣକୁ ଅଧିକ ସଠିକ୍ ଓ ଦକ୍ଷ କରିପାରିଛି। ଡିଜିଟାଲ୍ ବିକାଶ ଏବଂ ବଣ୍ଟନ ପ୍ରଣାଳୀ କ୍ଷେତ୍ରରେ କମ୍ପାନୀ ବିପୁଳ ପ୍ରଗତି ହାସଲ କରିଛି।

ସପ୍ତମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ

କଟକ,୨୯।୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସପ୍ତମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସାଂସଦ,କଟକ ଶ୍ରୀ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପୂର୍ବ ଦିଶା ବୈଠକର ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସଂମ୍ପର୍କରେ ଜନପ୍ରତିନିଧି ମାନଙ୍କୁ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା ।

ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ରେଳ ପ୍ରକଳ୍ପ, ଡ୍ରେନେଜ ବ୍ୟବସ୍ଥା,ନୂତନ ସେତୁ ନିର୍ମାଣ , ନୂତନ ସଡ଼କ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନଙ୍କୁ ଯଥା ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ମନ୍ଦିର ଗୁଡିକର ଉନ୍ନତିକରଣ ସହିତ ସେଠାକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଏବଂ ଆବଶ୍ୟକସ୍ଥଳେ ନୂତନ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ସାଂସଦ ଶ୍ରୀ ମହତାବ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଅଗ୍ରଗତି ସମୀକ୍ଷା କରି କହିଥିଲେ , ସଡ଼କ ହେଉଛି ଗ୍ରାମୀଣ ଜୀବନକୁ ସହର ସହିତ ଯୋଡ଼ିବାର ଏକ ପ୍ରମୁଖ ମାଧ୍ୟମ । ଆବଶ୍ୟକଥିବା

ପ୍ରତ୍ୟେକ ଗ୍ରାମକୁ ଉପଯୁକ୍ତ ସଡ଼କ ସଂଯୋଗୀକରଣ ସୁନିଶ୍ଚିତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର (PMEGP) ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସୁଫଳ ଯଥାଶୀଘ୍ର ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସମଗ୍ର ଜିଲ୍ଲାରେ ସାର ଯୋଗାଣ ସ୍ଥିତି ଓ ଚାଷୀମାନଙ୍କ ଚାହିଦା ପୂରଣ ସୁନିଶ୍ଚିତ କରିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । କୃଷି ଉତ୍ପାଦନ ବୃଦ୍ଧି କରି ଅଧିକ ପରିମାଣର ଓ ଉନ୍ନତମାନର ଆଳୁ ଉତ୍ପାଦନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ କହିଥିଲେ ।

ଏଥିସହିତ, ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ଉନ୍ନତମାନର ଦେଶୀ ଗାଈ ପାଳନକୁ ପ୍ରୋତ୍ସାହନ ଦେବା ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା । ବୈଜ୍ଞାନିକ ପଦ୍ଧତିରେ ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଦିଗରେ ଚାଷୀଙ୍କ ଦକ୍ଷତା ବିକାଶ ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯିବା ସହ ମୃତ୍ତିକା ଚୟନ ଓ ସଂଗ୍ରହ ତଥା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ (Soil Health Card) ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଆଜିର ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ , ନିଆଳି ଶ୍ରୀ ଛବି ମଲ୍ଲିକ, ମେୟର ଶ୍ରୀ ସୁବାଷ ଚନ୍ଦ୍ର ସିଂ, ବିଧାୟକ ଆଠଗଡ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ବିଧାୟକ, ସାଲେପୁର ଶ୍ରୀ ପ୍ରଶାନ୍ତ ବେହେରା , ବିଧାୟକ ବାଙ୍କୀ, ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ , ବିଧାୟକ, କଟକ-ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ବଡମ୍ବା ଶ୍ରୀ ବିଜୟ କୁମାର ଦଳବେହେରା, ବିଧାୟକ ମାହଙ୍ଗା ଶ୍ରୀ ସାରଦା ପ୍ରସାଦ ପ୍ରଧାନ , ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଶ୍ରୀ ବନ୍ଧୁ ଚରଣ ସାହୁ ଏବଂ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ତଥା ବରିଷ୍ଠ ସଦସ୍ୟ ଶ୍ରୀ ରାମନାରାୟଣ ମହାନ୍ତି, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ଅନିମେଶ ପ୍ରଧାନ,କଟକ ସଦର ଉପଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ,ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଆଶିଷ କୁମାର ସାହୁ ଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ, ବିଭିନ୍ନ ବ୍ଲକର ଅଧକ୍ଷ/ଅଧକ୍ଷା/ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ, ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

ଭିଜିଲାନ୍ସ ଜାଲରେ ଫୁଲନଖରା ରେଞ୍ଜର ଡେପୁଟି ରେଞ୍ଜର ମୌସୁମୀ

ଭୁବନେଶ୍ୱର, ୨୯।୧୦ (ନି.ପ୍ର) : ଫୁଲନଖରା ରେଞ୍ଜର ଡେପୁଟି ରେଞ୍ଜର ମୌସୁମୀ ବେହେରା ଓଡ଼ିଶା ଭିଜିଲାନ୍ସ ଜାଲରେ ଫସିଗଲେ । ମାଡାମ ବିଲ୍ ମଞ୍ଜୁର ପାଇଁ ନେଉଥିଲେ ୧ ଲକ୍ଷ ଟଙ୍କା ଲାଞ୍ଚ । ଶୁଣିଲେ ଆଶ୍ଚର୍ଯ୍ୟ ହେବେ ମୌସୁମୀ ବେହେରା ନିଜ ରେଞ୍ଜ ର ଜଣେ କର୍ମଚାରୀଙ୍କଠାରୁ ବିନା ଦ୍ୱିଧାରେ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସିଲା । ଶ୍ରୀମତୀ ବେହେରା ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ ଅଧୀନ ଫୁଲନଖରା ରେଞ୍ଜରେ କାର୍ଯ୍ୟରତ ଅଫିସର । ସୂଚନା ଅନୁଯାୟୀ, ୨୦୨୬ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ତିନୋଟି ବୃକ୍ଷରୋପଣ ସ୍ଥଳର ରକ୍ଷଣାବେକ୍ଷଣ, ଜଗାରଖା, ଜଳସେଚନ ଓ ସାର ପ୍ରୟୋଗ ଆଦି କାର୍ଯ୍ୟ ବାବଦ ବିଲ୍ ମଞ୍ଜୁର କରିବା ପାଇଁ ଡେପୁଟି ରେଞ୍ଜର ମୌସୁମୀ ବେହେରା ସମ୍ପୃକ୍ତ କର୍ମଚାରୀଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ଏପରିକି ଲାଞ୍ଚ ଟଙ୍କା ନଦେଲେ ଆଗାମୀ ମାସଗୁଡ଼ିକର ବିଲ୍ ମଞ୍ଜୁର କରିବେ ନାହିଁ ବୋଲି ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି । ଲାଞ୍ଚ ଦାବିରେ ଅତିଷ୍ଠ ହୋଇ ସମ୍ପୃକ୍ତ କର୍ମଚାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଏକଯୁଟ କରି ଯୋଜନାବଦ୍ଧ ଭାବେ ଚଢ଼ାଉ କରି ମୌସୁମୀ ବେହେରା ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଧରିଥିଲା ଭିଜିଲାନ୍ସ ଦଳ । ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ୧ ଲକ୍ଷ ଟଙ୍କା ଲାଞ୍ଚ ଅର୍ଥ ଜବତ କରାଯାଇଛି । ପରେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତିର ଠାବକରି ଚଢ଼ାଉ ଜାରି ରହିଛି । ଲାଞ୍ଚ ଧରାପଡ଼ିବା ପରେ ଡେପୁଟି ରେଞ୍ଜର ମୌସୁମୀ ବେହେରାଙ୍କ ଆୟ ବହିର୍ଭୂତ ସମ୍ପୃକ୍ତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ମୌସୁମୀ ବେହେରାଙ୍କ ବିରୋଧରେ ତଦନ୍ତ ଜାରି ରହିଛି ।

ଏମ୍ପାୟର୍ସ ପକ୍ଷରୁ ଦୀପାବଳୀ ଉପଲକ୍ଷେ ସ୍ୱତନ୍ତ୍ର ସମ୍ଭାର

ଅନ୍‌ଲାଇନ୍ ବ୍ୟବସ୍ଥାରେ ମିଳିବ ଗ୍ରାହକଙ୍କୁ ସୁବିଧା

ପାରାଦୀପ,୨୯।୧୦ (ନି.ପ୍ର): ଦୀପାବଳୀକୁ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଏମ୍ପାୟାର୍ସ ପାରାଦୀପ ପକ୍ଷରୁ ସ୍ୱତନ୍ତ୍ର ସମ୍ଭାର ଆୟୋଜିତ ହେଉଛି । ପାରାଦୀପ ଅଂଚଳବାସୀଙ୍କ ନିମନ୍ତେ ଡ୍ରାଏ ଫୁଡ୍, ମିଠାର ସ୍ୱତନ୍ତ୍ର ପ୍ୟାକେଟ୍ ପ୍ରସ୍ତୁତ କରାଯାଇଛି । ଦୀପାବଳୀର ଅଭିନନ୍ଦନ ଜଣାଇବା ପାଇଁ ଏମ୍ପାୟାର୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି । ପାରାଦୀପ ଅଂଚଳର ବିଭିନ୍ନ ଜନସାଧାରଣ ଏବଂ ବିଭିନ୍ନ କମ୍ପାନୀମାନେ ଏହି ସୁବିଧା ନେବା ପାଇଁ ଏମ୍ପାୟାର୍ସର ସାଧାରଣ ପରିଚାଳକ ସନ୍ତୋଷ ମିଶ୍ର ନିବେଦନ କରିଛନ୍ତି । ପାରାଦୀପର ବିଭିନ୍ନ କମ୍ପାନୀମାନେ ଦୀପାବଳୀର ଅଭିନନ୍ଦନ ଜଣାଇବା ପାଇଁ କଟକ, ଭୁବନେଶ୍ୱର, କୋଲକାତା ଆଦି ସ୍ଥାନରୁ ଏହି ସାମଗ୍ରୀ ଆଣି ଦେଇଥାନ୍ତି । ଏହା ଅତ୍ୟଧିକ ବ୍ୟୟ ଓ ସମୟ ନଷ୍ଟ ହୋଇଥାଏ ଏହାକୁ ଦୃଷ୍ଟିରେ ରଖି ଏମ୍ପାୟାର୍ସ ପାରାଦୀପ ପକ୍ଷରୁ ଦୀର୍ଘ ୫ ବର୍ଷ ଧରି ଏହି ଯୋଜନା ଆରମ୍ଭ କରାଯାଇଥିଲା । ଏମ୍ପାୟାର୍ସର ଏହି ଅଭିଯାନକୁ ପାରାଦୀପବାସୀ, ବିଭିନ୍ନ କମ୍ପାନୀମାନେ ଗ୍ରହଣ କରିଛନ୍ତି । ଚଳିତ ବର୍ଷ ମଧ୍ୟ ଏହି ସୁବିଧା ହାତ ପାଖରେ ମିଳୁଥିବାରୁ

ଏହି ଦୀପାବଳୀର ସମ୍ଭାର ନେବା ପାଇଁ ଏମ୍ପାୟାର୍ସ ପାରାଦୀପର ବାଣିଜ୍ୟ ପରିଚାଳକ ଏମ୍.ଏମ୍.ଖାନ୍ ନିବେଦନ କରିଛନ୍ତି । ଲୋକଙ୍କ ଅଧିକ ନିକଟତର ହେବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅନ୍‌ଲାଇନ୍‌ରେ ଏହି ସୁବିଧା ଉପଲବ୍ଧ ହେଉଥିବା ସାଧାରଣ ପରିଚାଳକ ଶ୍ରୀ ମିଶ୍ର କହିଛନ୍ତି ।

ଗୋଟିଏ ରାତିରେ ଦୁଇ ଜାଗାରୁ ଚୋରୀ

ବଲାଙ୍ଗୀ, ୨୯।୧୦ (ନି.ପ୍ର): ବୁଧବାର ରାତିରେ ବଲାଙ୍ଗୀ ଥାନା ଅନ୍ତର୍ଗତ ବ୍ରାହ୍ମଣଚାନ୍ଦ ପୁର ଓ କାଳିଆ ପଦା ଗ୍ରାମରୁ ୨ ଜଣ ବ୍ୟକ୍ତିଙ୍କ ଟେଣ୍ଟ ହାଉସ ସାମଗ୍ରୀ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଲାଙ୍ଗୀ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଜାରି ରହିଛି। ସୂଚନା ମୁତାବକ ବ୍ରାହ୍ମଣଚାନ୍ଦ ପୁର ଗ୍ରାମର ଟିଟୁ ଭୋଇଙ୍କର ଟେଣ୍ଟ ହାଉସ ଥିଲା ବେଳେ ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭଡ଼ା ନେଇ ସେଥିରେ ସମସ୍ତ ଟେଣ୍ଟ ସାମଗ୍ରୀ ରଖିଥାଆନ୍ତି । ଗତକାଲି ରାତିରେ ଉକ୍ତ ଘରେ ଟିଟୁଙ୍କ ସାନ ଭାଇଙ୍କ ସହିତ ଅନ୍ୟ ଜଣେ ପିଲା ଶୋଇଥିଲେ। ଆଜି ଭୋର ସମୟରେ ଉଠିଲା ବେଳକୁ ଉକ୍ତ ଘର କବାଟ ଖୋଲା ଥିବା ସହିତ ଲକ୍ଷାଧିକ ଟଙ୍କା ମୂଲ୍ୟର ୩ଟି ମାଇକ ମେସିନ ସହ ସାନ ଭାଇର ମୋବାଇଲ ନଥିବା ଦେଖିଥିଲେ। ବହୁତ ଖୋଜା ଖୋଜି କରି ନିରାଶ ହେବା ପରେ ଟିଟୁ ବଲାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ । ସେହିଭଳି କାଳିଆ ପଦା ଗ୍ରାମର ସିବ ପ୍ରସାଦ ଲେଙ୍କାଙ୍କ ଟେଣ୍ଟ ହାଉସ ସାମଗ୍ରୀ ରହୁଥିବା ଘର କବାଟ ତାଡ଼ି ଦୁର୍ବୃତ୍ତ ମାନେ ଦାମୀ ଲାଇଟ୍ ସହିତ ଅନ୍ୟାନ୍ୟ ଆସବାବ ପତ୍ର ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ମାଲକାନଗିରିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ବାତ୍ୟା ପରବର୍ତ୍ତୀ ସ୍ଥିତି ଓ ବିକାଶମୂଳକ କାର୍ଯ୍ୟର ତଦାରଖ

ମାଲକାନଗିରି,୨୯/୧୦ (ନି.ପ୍ର) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉଚ୍ଚସ୍ତରୀୟ ବୈଠକରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍.ଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ , ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତି ଏବଂ ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି ।

ପ୍ରଶାସନର ସଠିକ୍ ପୂର୍ବ ପ୍ରସ୍ତୁତି ଓ ସତର୍କତା ଯୋଗୁଁ ଜିଲ୍ଲାରେ ବାତ୍ୟା ଦ୍ୱାରା କୌଣସି ଧନଜୀବନ ହାନି ହୋଇନଥିବା ମନ୍ତ୍ରୀ ପ୍ରକାଶ କରିବା ସହ ସ୍ଥାନୀୟ ସମସ୍ୟାଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ତ୍ୱରିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ସମୀକ୍ଷା ସମୟରେ ମନ୍ତ୍ରୀ ଶ୍ରୀ ଗଣ୍ଡ ସାମାଜିକ ସୁରକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ପେନସନ ଯୋଜନା ଏବଂଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ବିଶେଷ ସଚେତନତା ଶିବିର ଆୟୋଜନ କରିବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅନୁସୂଚିତ ଜାତି/ଜନଜାତି ହଷ୍ଟେଲଗୁଡ଼ିକର ସୁଚାରୁ ପରିଚାଳନା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ଯେପରି ଉତ୍ତମ ହେବ ଏବଂ ଶିକ୍ଷାଦାନରେ କୌଣସି ପ୍ରକାର ବ୍ୟାଘାତ ସୃଷ୍ଟି ନ ହେବ, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସହ ମିଳିତ ଭାବେ କାର୍ଯ୍ୟ କରି ସ୍କୁଲର ସୌନ୍ଦର୍ଯ୍ୟକରଣ, ପ୍ରାଚୀର ନିର୍ମାଣ ଓ ମରାମତି ଏବଂ ରୋଷେଇ ଗୃହର ନବୀକରଣ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଏହି ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ସହୀଦଙ୍କ ଭବନ ଜବରଦଖଲ ଅଭିଯୋଗ; ନ୍ୟାୟ ଅପେକ୍ଷାରେ ପରିବାର

ଯୋଡ଼ା, ୨୯/୧୦ (ନି.ପ୍ର) : ଦେଶର ସୁରକ୍ଷା ପାଇଁ ନିଜର ଜୀବନକୁ ବଳିଦାନ ଦେଇଥିବା ଜଣେ ବୀର ଯବାନଙ୍କ ସ୍ମୃତି ଓ ତାଙ୍କ ପରିବାରର ଅଧିକାରକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ । କେନ୍ଦୁଝର ଜିଲ୍ଲା ବଡ଼ବିଲ ସହରର କଳିଙ୍ଗନଗରସ୍ଥିତ ଦାମୁହାଟିଂ ଅଞ୍ଚଳରେ ଥିବା ସହୀଦ ବିଶ୍ୱମ୍ଭର ପ୍ରଧାନଙ୍କ ଭବନକୁ ଜବରଦଖଲ କରି ରଖାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ପରିବାର ପକ୍ଷରୁ ନ୍ୟାୟ ଦାବି ଉଠୁଥିବା ବେଳେ ପୂର୍ବରୁ ଥାନାରେ ହୋଇଥିବା ଆପୋଷ ବୁଝାମଣାର ପ୍ରତିଶ୍ରୁତି କାହିଁକି ପାଳନ ହୋଇନାହିଁ, ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

ଅଭିଯୋଗ ଅନୁଯାୟୀ, ବଡ଼ବିଲ ପୌରାଞ୍ଚଳର କଳିଙ୍ଗନଗରସ୍ଥିତ ଦାମୁହାଟିଂ ୱାର୍ଡ ନଂ-୧୫ର ଖାତା ନଂ-୩୦, ଖସଡ଼ା ନଂ-୪୫୬/୫୫ରେ ଥିବା ସହୀଦ ବିଶ୍ୱମ୍ଭର ପ୍ରଧାନଙ୍କ ଭବନକୁ ଆରଟିଓ କାର୍ଯ୍ୟାଳୟରେ ଦଲାଲି କାମ କରୁଥିବା ପ୍ରମୋଦ କୁମାର ଗିରି ଓ ତାଙ୍କ ପତ୍ନୀ ମନୋଜ ମଞ୍ଜରୀ ଗିରି ନିଜ ଅଧୀନରେ ରଖିଛନ୍ତି । ପରିବାର ପକ୍ଷରୁ ଦାବି କରାଯାଇଛି ଯେ, ଉକ୍ତ ଭବନଟି ସହୀଦ ବିଶ୍ୱମ୍ଭର ପ୍ରଧାନଙ୍କ ସହ ଜଡ଼ିତ ଥିବା ସତ୍ତ୍ୱେ ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇପାରୁନାହିଁ । ଫଳରେ ସହୀଦଙ୍କ ପରିବାର ନିଜ ଅଧିକାରରୁ ବଞ୍ଚିତ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିବାଦକୁ ନେଇ ଗତ ୨୫ ଅଗଷ୍ଟ ୨୦୨୨ରେ ବଡ଼ବିଲ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହୋଇଥିବା ଅଭିଯୋଗକାରୀଙ୍କ ପକ୍ଷରୁ କୁହାଯାଇଛି । ଉକ୍ତ ବୁଝାମଣା ସମୟରେ ପ୍ରମୋଦ କୁମାର ଗିରି ସେହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିବା ଦାବି କରାଯାଇଛି । ତେବେ ଅଭିଯୋଗ ଅନୁସାରେ, ଲିଖିତ ପ୍ରତିଶ୍ରୁତି ସତ୍ତ୍ୱେ ଦମ୍ପତିଙ୍କ ଦ୍ୱାରା ସମ୍ପୃକ୍ତ ସ୍ଥାନ ଖାଲି କରାଯାଇନାହିଁ । ଏହା ବଦଳରେ ସେମାନେ ସେଠାରେ ରହି ସହୀଦଙ୍କ ପରିବାରକୁ ମାନସିକ ଚାପ ଦେବାସହ ଧମକଚମକ ଦେଉଥିବାର ସଙ୍ଗୀନ ଅଭିଯୋଗ ହୋଇଛି । ଅପରପକ୍ଷେ, ପ୍ରମୋଦ କୁମାର ଗିରି ଓ

ମନୋଜ ମଞ୍ଜରୀ ଗିରିଙ୍କ ନାମରେ ମାଟକାମବେଡ଼ା ଅଞ୍ଚଳର ୱାର୍ଡ ନଂ-୧୧ରେ ଖତିୟାନ ନଂ-୩୭/୧୩୪, କେସ୍ ନଂ-୬୮୬/୨୦୧୦ ଓ ଭଦ୍ରାସାହିସ୍ଥିତ ସିଏଟ୍ ଟାୟାର ଦୋକାନ ନିକଟରେ ସେମାନଙ୍କର ପଟ୍ଟାଭୁକ୍ତ ଜମି ରହିଛି । ଏହି ତଥ୍ୟ ଆଧାରରେ ସହୀଦଙ୍କ ଭବନକୁ ନେଇ ରହିଥିବା ବିବାଦର ଉଚିତ ତଦନ୍ତ କରିବା ସହ ଜମିର ପ୍ରକୃତ ମାଲିକାନା, ଦଖଲର ଆଇନଗତ ସ୍ଥିତି ଏବଂ ପୂର୍ବ ଆପୋଷ ବୁଝାମଣାର ସର୍ତ୍ତାବଳୀ ଯାଞ୍ଚ କରିବାକୁ ଦାବି ଉଠିଛି । ସୂଚନା ଅନୁଯାୟୀ, ସହୀଦ ବିଶ୍ୱମ୍ଭର ପ୍ରଧାନ ୧୯୯୦ ମସିହାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ରେ ଯୋଗଦେଇଥିଲେ । ଦେଶର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା ସମୟରେ ୧୯୯୧ ମସିହା ସେପ୍ଟେମ୍ବର ୨୩ ତାରିଖରେ ପଞ୍ଜାବର ଫିରୋଜପୁରଠାରେ ଘଟିଥିବା ଏକ ଆତଙ୍କବାଦୀ ଆକ୍ରମଣରେ ସେ ସହୀଦ ହୋଇଥିବା କୁହାଯାଇଛି । ଦେଶର ସୁରକ୍ଷା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିବା ଏହି ବୀର ଯବାନଙ୍କ ପରିବାରକୁ ନେଇ ଏପରି ବିବାଦ ସୃଷ୍ଟି ହେବା ଘଟଣାଟିକୁ ଅଧିକ ସମ୍ବେଦନଶୀଳ କରିଛି । ସହୀଦଙ୍କ ବଳିଦାନକୁ ସମ୍ମାନ ଜଣାଇବା ସହ ତାଙ୍କ ପରିବାରର ଅଧିକାର ସମ୍ପର୍କିତ ପ୍ରଶ୍ନର ଆଇନସମ୍ମତ ସମାଧାନ ହେବା ଆବଶ୍ୟକ ବୋଲି ଦାବି ଉଠୁଛି । ଏହି ଘଟଣାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ୨୦୨୨ ମସିହାରେ ଥାନାରେ ଆପୋଷ ବୁଝାମଣା ହୋଇଥିବା ସତ୍ତ୍ୱେ ବିବାଦର ସମାଧାନ କାହିଁକି ହୋଇପାରିନାହିଁ ? ସହୀଦଙ୍କ ଭବନର ମାଲିକାନା ଓ ଦଖଲ ସମ୍ପର୍କରେ ପ୍ରକୃତ ସ୍ଥିତି କ'ଣ ? ପୂର୍ବରୁ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତିର ବର୍ତ୍ତମାନ ସ୍ଥିତି କ'ଣ ? ଏହି ସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ମିଳିବା ଆବଶ୍ୟକ । ଦେଶ ପାଇଁ ପ୍ରାଣବଳି ଦେଇଥିବା ଜଣେ ସହୀଦଙ୍କ ପରିବାର ନିଜର ଅଧିକାରକୁ ନେଇ ଦୀର୍ଘଦିନ ଧରି ବିବାଦର ସମ୍ମୁଖୀନ ହେଉଥିବା ଅଭିଯୋଗ ନିଶ୍ଚିତ ଭାବେ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ । ଏହି ମାମଲାରେ ତଥ୍ୟଭିତ୍ତିକ ତଦନ୍ତ ଓ ଆଇନସମ୍ମତ ପଦକ୍ଷେପ ମାଧ୍ୟମରେ ସତ୍ୟ ସାମ୍ନାକୁ ଆସିବା ସହ ସମ୍ପୃକ୍ତ ପରିବାରକୁ ଉଚିତ ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି ।

ବକେୟାଭତ୍ତା ସହ ୭ ଦଫା ଦାବିରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା/ସହାୟିକା ସଙ୍ଘ ପକ୍ଷରୁ କଲେକ୍ଟର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

କଟକ,୨୯।୧୦ (ନି.ପ୍ର) : ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା/ସହାୟିକା ସଙ୍ଘ ପକ୍ଷରୁ ଆଜି ଗୁରୁବାର ଦିନ ପାଚିକା ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦାବିକରି ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟକୁ ଘେରାଓ କରାଯାଇଥିଲା ।କଟକ ଜିଲ୍ଲା ର ସବୁ ପାଚିକା ଓ ସହାୟିକା ମାନେ ୭ ଦଫା ଦାବିରେ ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାଚିକା ମାନଙ୍କର ଗ ତ ଚାରି ମାସର ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ କରିବା, ସର୍ବନିମ୍ନ ଦୈନିକ ମଜୁରୀ ୪୬୭ ଟଙ୍କା ହିସାବରେ ମାସିକ ୧୩,୮୬୦/- ଦେବା, ପାଚିକା ମାନଙ୍କୁ ସରକାରୀ ମାନ୍ୟତା ଦେବା, ଅବସର ବୟସ ସୀମା ୬୦ରୁ୬୫ ବର୍ଷ କରାଯିବା ସହ ଅବସର କାଳୀନ ପେନସନ ଦିଆଯିବା

ସହ ପ୍ରତି ମାସର ପ୍ରଥମ ସପ୍ତାହରେ ଭତ୍ତା ଓ ମଜୁରୀ ପ୍ରଦାନ, ଏମାନଙ୍କୁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସହ ବୀମା, ଚିକିତ୍ସା ସହାୟତା ପାଇଁ ପରିଚୟ ପତ୍ର ପ୍ରଦାନ କରିବା ଏବଂ ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଏକ ଲକ୍ଷ ଟଙ୍କା ମୃତ୍ୟୁ କାଳୀନ ସହାୟତା ଦେବା ସହ ବେଆଇନ ଛଟେଇ ପାଚିକା ସହାୟିକାଙ୍କୁ ପୁନର୍ନିଯୁକ୍ତି କରିବା ପାଇଁ ଦାବି କରାଯାଇଛି । ଅମରେନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱରେ ପାଚିକା ଓ ସହାୟିକା ମାନେ ବିକ୍ଷୋଭ ପ୍ରଦର୍ଶନ ସହ ଦାବି ପୂରଣ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଞ୍ଜୁଲତା ସାହୁ, ସୁକାନ୍ତି ସାହୁ, ସସ୍ମିତା ବେହେରା, କୁନି ବସ୍ତିଆ, ଗୌରୀ ବେହେରା, କଳ୍ପନା ବେହେରା, ଏଆଇ ଟି ୟୁ ସି ଜିଲ୍ଲା କର୍ମକର୍ତ୍ତା ଉଦୟ ବର୍ମା, ପ୍ରସନ୍ନ ମହାପାତ୍ର, ରଶ୍ମି ରଞ୍ଜନ ତ୍ରିପାଠୀ, ଜୟ ସିଂହ ଙ୍କ ସମେତ ବହୁ ସଂଖ୍ୟାରେ ପାଚିକା ଓ ସହାୟିକା ମାନେ ଯୋଗଦେଇ ଥିଲେ ।

କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜା ମେଢ଼ ଓ ମଣ୍ଡପ ପ୍ରତିଯୋଗିତା

ନଭେମ୍ବର ୧ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନଲାଇନ ଭୋଟିଂ

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର) : କେନ୍ଦ୍ରାପଡ଼ାର ଐତିହାସିକ ଗଜଲକ୍ଷ୍ମୀ ପୂଜାର ଭବ୍ୟତା, ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ସମୃଦ୍ଧ କରିବା ସହ ପୂଜା କମିଟିଗୁଡ଼ିକର ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ମେଢ଼ ଓ ମଣ୍ଡପ ପ୍ରତିଯୋଗିତା-୨୦୨୬ ଆୟୋଜନ କରାଯାଇଛି । ଏହି ପ୍ରତିଯୋଗିତାରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ କ୍ୟୁଆର କୋଡ୍ ମାଧ୍ୟମରେ ଅନଲାଇନ୍ ଭୋଟିଂର ବ୍ୟବସ୍ଥା କରାଯାଇଛି । ପ୍ରତିଯୋଗିତାରେ ତିନୋଟି ବିଭାଗରେ ମୂଲ୍ୟାୟନ କରାଯିବ । ପ୍ରଥମ ବିଭାଗରେ ମେଢ଼ର ସୌନ୍ଦର୍ଯ୍ୟ ଓ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତିର ଆକର୍ଷଣୀୟତା, ଦ୍ୱିତୀୟ ବିଭାଗରେ ମଣ୍ଡପର ସାଜସଜ୍ଜା, ସୁଚାରୁ ପରିଚାଳନା, ଦର୍ଶନାର୍ଥୀଙ୍କ ସୁବିଧା ଓ ଶୃଙ୍ଖଳା ଏବଂ ତୃତୀୟ ବିଭାଗରେ ବାହ୍ୟ ଆଲୋକସଜ୍ଜା, ଆକର୍ଷଣୀୟ ତୋରଣ ଓ ସୁନ୍ଦର ପ୍ରବେଶ ପଥକୁ ବିଚାରକୁ ନିଆଯିବ । ମେଢ଼ ଓ ମଣ୍ଡପ ପ୍ରତିଯୋଗିତା ପାଇଁ ଅନଲାଇନ୍ ଭୋଟିଂ ୧ ନଭେମ୍ବର ୨୦୨୬ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି ସମୟସୀମା ମଧ୍ୟରେ ଜନସାଧାରଣ ନିଜ ପସନ୍ଦର ମେଢ଼ ଓ ମଣ୍ଡପକୁ ଭୋଟ୍ ଦେଇପାରିବେ । ଭୋଟ୍ ଦେବା ପାଇଁ ଜନସାଧାରଣ ସମ୍ପୃକ୍ତ ପୂଜା ମଣ୍ଡପରେ ଉପଲବ୍ଧ କ୍ୟୁଆର କୋଡ୍ ସ୍କାନ୍ କରିପାରିବେ । ଏହା ସହିତ ଜିଲ୍ଲା ପ୍ରଶାସନର ଅଫିସିଆଲ୍ (ପୂର୍ବତନ ଟୁଇଟର), ଫେସବୁକ ଓ ଇନଷ୍ଟାଗ୍ରାମ ପୃଷ୍ଠା ପରିଦର୍ଶନ କରି ମଧ୍ୟ କ୍ୟୁଆର କୋଡ୍ ପାଇପାରିବେ । କ୍ୟୁଆର କୋଡ୍ ସ୍କାନ୍ କରି ଅନଲାଇନ୍ ଫର୍ମ ଖୋଲିବା ପରେ ନିଜ ପସନ୍ଦର ମେଢ଼ ଓ ମଣ୍ଡପକୁ ଚୟନ କରି ଭୋଟ୍ ଦାଖଲ କରିପାରିବେ । ମେଢ଼ ଓ ମଣ୍ଡପ ପ୍ରତିଯୋଗିତାର ଭୋଟିଂ ସମୟସୀମା ଶେଷ ହେବା ପରେ ଭସାଣି ମେଲଣ ପାଇଁ ଭୋଟିଂ ବ୍ୟବସ୍ଥା ଖୋଲା ରହିବ । ଏହି ପର୍ଯ୍ୟାୟରେ ମଧ୍ୟ ଜନସାଧାରଣ ନିର୍ଦ୍ଧାରିତ କ୍ୟୁଆର କୋଡ୍ ସ୍କାନ୍ କରି ନିଜର ମତ ପ୍ରଦାନ କରିପାରିବେ । ଭସାଣି ମେଲଣ ସମୟରେ ମେଢ଼ଗୁଡ଼ିକର ପ୍ରଦର୍ଶନକୁ ମଧ୍ୟ ବିଚାରକୁ ନିଆଯିବ । ଜଣେ ବ୍ୟକ୍ତି ମେଢ଼ ଓ ମଣ୍ଡପ ପ୍ରତିଯୋଗିତାରେ କେବଳ ଥରେ ଭୋଟ୍ ଦେଇପାରିବେ । ଜନସାଧାରଣଙ୍କୁ ନିରପେକ୍ଷ ଓ ସଚ୍ଚୋଟ ଭାବେ ନିଜର ମୂଲ୍ୟବାନ ମତ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ଏହି ପ୍ରତିଯୋଗିତା ମାଧ୍ୟମରେ ପୂଜା କମିଟିଗୁଡ଼ିକର କଳାତ୍ମକ ଦକ୍ଷତା, ସୃଜନଶୀଳତା ଓ ସାମୂହିକ ଉଦ୍ୟମକୁ ସ୍ୱୀକୃତି ଦେବା ସହ କେନ୍ଦ୍ରାପଡ଼ାର ଗୌରବମୟ ଗଜଲକ୍ଷ୍ମୀ ପୂଜା ପରମ୍ପରାକୁ ଆହୁରି ଆକର୍ଷଣୀୟ କରିବା ଲକ୍ଷ୍ୟ ରହିଛି । ଏଣୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ କ୍ୟୁଆର କୋଡ୍ ସ୍କାନ୍ କରି ଭୋଟ୍ ଦେବା ସହ ଏହି ଅଭିନବ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

AFFIDAVIT

By virtue of an affidavit sworn before the Notary Public, Kataka, dated- 26.10.2026, I Gourav Mohapatra, aged about 26 years, S/o- Sri Goutam Mohapatra, residing at Sikharpur, P.S- Chauliaganj, Kataka do hereby notified that my original B-Tech certificate, Roll No : 1801206073 issued by ABIT, KATAKA under (BPUT) IN 2022 has been completely eaten by white-ants. FIR has been lodged at Chauliganj Police Station for issuing duplicate copy of my certificate.

Deponent

ମାଲକାନଗିରିରେ ବାତ୍ୟା ପ୍ରସ୍ତୁତିକୁ ଜିଲ୍ଲାପାଳଙ୍କ ପ୍ରଶଂସା

ନବରଙ୍ଗପୁର,୨୯।୧୦(ନି.ପ.): ବାତ୍ୟା "ଅର୍ଣ୍ଣବ"ର ପ୍ରଭାବ ହ୍ରାସ ପାଇବା ପରେ ମଧ ଜନସାଧାରଣଙ୍କ ସୁରକ୍ଷା ଏବଂ ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇଦେବା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ସତର୍କ ନଜର ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ବାତ୍ୟା ପରବର୍ତ୍ତୀ ପରିସ୍ଥିତି ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ମୁକାବିଲା ଓ ରିଲିଫ୍ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।

ସୂଚନା ଅନୁଯାଇ, ବାତ୍ୟା ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ସ୍ୱରୂପ ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ସହରାଞ୍ଚଳର ୩୮ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୭୮ଟି ଗ୍ରାମରୁ ମୋଟ ୧୦,୫୩୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ପ୍ରଭାବିତ ଲୋକଙ୍କ ରହିବା ଓ ଖାଦ୍ୟ ବ୍ୟବସ୍ଥା ପାଇଁ ମୋଟ ୫୩ଟି ଆଶ୍ରୟସ୍ଥଳୀରେ ନିଃଶୁଳ୍କ ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଥିଲା।ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ବରିଷ୍ଠ ଅଧିକାରୀ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଡ଼ ମହେଶ୍ୱର ମହାନ୍ତି ବିପଦପ୍ରବଣ ଅଞ୍ଚଳ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିବା ସହ ସଠିକ ମାର୍ଗ ଦର୍ଶନ କରିଥିଲେ। ମାନ୍ୟବର ମନ୍ତ୍ରୀ ଜିଲ୍ଲାର ପ୍ରସ୍ତୁତି ଓ ଆଶ୍ରୟସ୍ଥଳୀଗୁଡ଼ିକରେ ଯୋଗାଇ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତାକୁ ପ୍ରଶଂସା କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଓ ଆଶ୍ରୟସ୍ଥଳୀଗୁଡ଼ିକର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ବ୍ୟବସ୍ଥାଗୁଡ଼ିକର ତଦାରଖ କରିଥିଲେ।

ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟସେବାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା। ମୋଟ ୩୩୯ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟାନୁଷ୍ଠାନ ଓ ଆଶ୍ରୟସ୍ଥଳୀରେ ରଖିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଏହି ତିନି ଦିନ ମଧ୍ୟରେ

୭୦ ଜଣ ମହିଳାଙ୍କ ପ୍ରସବ ହୋଇଥିବା ରେକର୍ଡ କରାଯାଇଛି। ଗର୍ଭବତୀ ମହିଳାମାନଙ୍କୁ ଆବଶ୍ୟକ ଚିକିତ୍ସା ଓ ସ୍ୱତନ୍ତ୍ର ଯତ୍ନ ଯୋଗାଇ ଦିଆଯାଇଥିଲା।

ଜରୁରୀକାଳୀନ ମୁକାବିଲା ପାଇଁ ୩ଟି ଓଡ୍ରାଫ୍ ଟିମ୍, ୧୧ଟି ଅଗ୍ନିଶମ ସେବା ଟିମ୍ ଏବଂ ୨୫୧ଟି ଯାନ ପ୍ରସ୍ତୁତ ରଖାଯାଇଥିଲା। ବିପଦପ୍ରବଣ ବ୍ଲକଗୁଡ଼ିକର ତଦାରଖ ପାଇଁ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ପାଇଁ ଉଦ୍ଧାରକାରୀ ଡଙ୍ଗା ସହ ଆବଶ୍ୟକ ଉପକରଣ ମଧ ପ୍ରସ୍ତୁତ ରଖାଯାଇଥିଲା। ଜିଲ୍ଲା, ବ୍ଲକ୍, ତହସିଲ୍ ଓ ସହରାଞ୍ଚଳ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହି ଉଦ୍ଧାର, ରିଲିଫ୍ ଓ ଜରୁରୀକାଳୀନ କାର୍ଯ୍ୟର ସମନ୍ୱୟ କରୁଥିଲା।

ଜିଲ୍ଲାର ରାଇଘର ଓ ଡାବୁଗାଁ ବ୍ଲକ୍‌ରେ ୩୦ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ମିଳିଛି। ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ସୁରକ୍ଷା ଯୋଗାଇଦେବା ପାଇଁ ସମସ୍ତଙ୍କୁ ପଲିଥିନ୍ ସିଟ୍ ପ୍ରଦାନ କରାଯାଇଥିଲା। ରାଇଘର, ତେନ୍ତୁଳିଖୁଣ୍ଟି ଓ ଉମରକୋଟ ବ୍ଲକ୍‌ରେ ଗଛ ପଡ଼ିବାର ୪ଟି ଘଟଣା ରିପୋର୍ଟ ହୋଇଥିଲା। ଅଗ୍ନିଶମ ସେବା ବିଭାଗ ପକ୍ଷରୁ ତୁରନ୍ତ ଗଛଗୁଡ଼ିକୁ ହଟାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା।ରାଜ୍ୟ ସରକାରଙ୍କ ପକ୍ଷରୁ ରିଲିଫ୍ ଓ ମୁକାବିଲା ବ୍ୟବସ୍ଥା ପାଇଁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସେଥିମଧ୍ୟରୁ ୧.୦୪ କୋଟି ଟଙ୍କା ବ୍ଲକ୍ ଓ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ପ୍ରଦାନ କରାଯାଇଥିଲା। ଏହା ସହିତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ୨,୦୩୦ଟି ପଲିଥିନ୍ ସିଟ୍ ଓ ଉଦ୍ଧାରକାରୀ ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା। ଗତକାଲି ଜିଲ୍ଲାରେ ହାରାହାରି ୪୧.୪୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୨୯ ଅକ୍ଟୋବର ସକାଳ ୮ଟା ସୁଦ୍ଧା ଉପର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସଂରକ୍ଷଣ କ୍ଷମତାର ୭୮.୦୬ ପ୍ରତିଶତ ଜଳ ରହିଥିଲା। ନଦୀ, ଜଳଭଣ୍ଡାର ଓ ଅନ୍ୟାନ୍ୟ ବିପଦପ୍ରବଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖାଯାଇଥିଲା।

ବାତ୍ୟାର ପ୍ରଭାବ ହ୍ରାସ ପାଇଥିଲେ ମଧ ଜିଲ୍ଲାରେ ସତର୍କତା ଅବଲମ୍ବନ କରାଯାଉଛି। ସଦ୍ୟତମ ସୂଚନା ଅନୁଯାୟୀ, ରାଇଘର ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୩ଟି ନିଃଶୁଳ୍କ ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ୩ଟି ଆଶ୍ରୟସ୍ଥଳୀରେ ୫୨ ଜଣ ରହୁଛନ୍ତି। ସେହିପରି, ୨୪୬ ଜଣ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ଚିକିତ୍ସା ଓ ଯତ୍ନ ପାଉଛନ୍ତି। ୨୯ ଅକ୍ଟୋବର ଦିନ ୧୪ଟି ପ୍ରସବ ରେକର୍ଡ କରାଯାଇଛି।ଜିଲ୍ଲା ପ୍ରଶାସନ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛି। ଅତ୍ୟାବଶ୍ୟକ ସେବା ଅବ୍ୟାହତ ରଖିବା ସହ ଯେକୌଣସି ଜରୁରୀ ଆବଶ୍ୟକତାର ତୁରନ୍ତ ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି।ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ବାତ୍ୟା ମୁକାବିଲା, ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ରିଲିଫ୍ କାର୍ଯ୍ୟରେ ସମସ୍ତ ବିଭାଗ, ଜରୁରୀକାଳୀନ ପ୍ରତିକ୍ରିୟା ଦଳ, ଜନପ୍ରତିନିଧି ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଜନସାଧାରଣଙ୍କ ଜୀବନର ସୁରକ୍ଷା, ଆବଶ୍ୟକ ସମୟରେ ସହାୟତା ପ୍ରଦାନ ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ଜିଲ୍ଲା ପ୍ରଶାସନ ପ୍ରତିବଦ୍ଧ ବୋଲି ସେ ପୁନର୍ବାର ସ୍ପଷ୍ଟ କରିଥିଲେ।

ଅଟକାଇ ପାରିଲାନି 'ଅର୍ଣ୍ଣବ'

ରୋଗୀଙ୍କୁ ମିଳିଲା ଜୀବନଦାନ

ବଲାଙ୍ଗୀର,୨୯।୧୦: ପ୍ରକୃତିର କରାଳ ରୂପ ଏବଂ ପ୍ରଚଣ୍ଡ ବାତ୍ୟା 'ଅନ୍ନଭ'ର ଭୟାବହତା ମଧ୍ୟରେ ମାନବିକତାର ଏକ ଅନନ୍ୟ ଏବଂ ପ୍ରେରଣାଦାୟୀ ଦୃଶ୍ୟ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲାରେ। ବାତ୍ୟା ଓ ପ୍ରବଳ ବର୍ଷାକୁ ଖାତିର ନକରି, ଦେଗାଁ ବ୍ଲକ ସାଲେପାଲି ଗ୍ରାମର ୫୮ ବର୍ଷୀୟ ରୋଗୀ ସୁଦେଶନା ସାମଲଙ୍କ ଜୀବନ ବଞ୍ଚାଇବା ପାଇଁ ଆଗେଇ ଆସିଛନ୍ତି ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜର ଯୁବକମାନେ।

ସୂଚନା ଅନୁଯାୟୀ, ରୋଗୀ ସୁଦେସ୍ନଷ ସାମଲଙ୍କୁ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ବେଳେ ଜରୁରୀକାଳୀନ ପରିସ୍ଥିତିରେ ରକ୍ତ ଆବଶ୍ୟକ ହେବାରୁ ତାଙ୍କ ଝିଅ ମହତା ସାମଲ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜର ସଭାପତି ଅସିମ କୁମାର ଭୋଇଙ୍କୁ ଫୋନ୍ କରି ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ।ଖବର ପାଇବାକ୍ଷଣି ସଭାପତି ଅସିମ ଭୋଇ ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରିଥିଲେ। ସମାଜର ସଦସ୍ୟ ବିଶ୍ୱନାଥ ବିଶ୍ୱାଳ ତୁରନ୍ତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚି ରକ୍ତଦାନ କରିଥିଲେ। ତାଙ୍କର ଏହି ସମୟୋଚିତ ପଦକ୍ଷେପ ଯୋଗୁଁ ରୋଗୀଙ୍କ ଜୀବନ ରକ୍ଷା ହୋଇପାରିଛି। ରକ୍ତଦାନ ସମୟରେ ସନ୍ତୋଷ ପ୍ରଧାନ ଓ ଆଶିଷ ପ୍ରଧାନ ମଧ ଉପସ୍ଥିତ ଥିଲେ। ରକ୍ତଦାନ ପରେ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ସଙ୍ଗଠନ ଯୁବ କୁଳୁତା ସମାଜ ତରଫରୁ ରକ୍ତଦାତାଙ୍କୁ ଚାରା ଗଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

କଣ୍ଟେନର ଉତ୍ପାଦନ ପ୍ରୋତ୍ସାହନ ଯୋଜନା ଘରୋଇ କ୍ଷମତାକୁ ଦଶ ଗୁଣ ବୃଦ୍ଧି କରି ୭.୫ ଲକ୍ଷ ଟିଇୟୁ କରିବ

ନୂଆଦିଲ୍ଲୀ,୨୯।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି କଣ୍ଟେନର ଉତ୍ପାଦନ ପ୍ରୋତ୍ସାହନ ଯୋଜନା (ସିଏମପିଏସ) (ଉଗଚଝ)କୁ ଅନୁମୋଦନ କରିଛନ୍ତି ଝ ଯାହା ଭାରତରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କଣ୍ଟେନର ଉତ୍ପାଦନ ଇକୋସିଷ୍ଟମ ଗଠନ ଦିଗରେ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଘୋଷଣା କରାଯାଇଥିବା ୧୦,୦୦୦ କୋଟି ଟଙ୍କାର ଏକ କାର୍ଯ୍ୟକ୍ରମ। ଏହି ଯୋଜନା ୨୦୨୭-୨୮ ଆର୍ଥିକ ବର୍ଷରୁ ୨୦୩୯-୪୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବାକୁ ଥିଲାବେଳେ ଯେଉଁଥିରେ ତିନି ବର୍ଷ ଏବଂ ଦଶ ବର୍ଷ ଉତ୍ପାଦନ ସହାୟତା ରହିବ। ଏହି ଯୋଜନା ନୂତନ କାରଖାନାଗୁଡ଼ିକୁ ସମର୍ଥନ କରିବ ଏବଂ ବିଦ୍ୟମାନ ୟୁନିଟଗୁଡ଼ିକର ସମ୍ପ୍ରସାରଣକୁ ମଧ ସମର୍ଥନ କରିବ। ଏହା ଭାରତର ବାର୍ଷିକ କଣ୍ଟେନର ଉତ୍ପାଦନ କ୍ଷମତାକୁ ପ୍ରାୟ ଦଶ ଗୁଣ ବୃଦ୍ଧି କରି ୭. ୫ ଲକ୍ଷ ଟିୟୁଇ ଝରଟ କରିବାକୁ ଲକ୍ଷ୍ୟ ରଖିଛି । ଯାହା ଆଜି ପ୍ରାୟ ୭୦,୦୦୦ ଟିଇୟୁ ଅଟେ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ (ଗକ୍ଟଚଝଡ), ସର୍ବାନନ୍ଦ ସୋନୋୱାଲ ଦେଶରେ କଣ୍ଟେନର ଉତ୍ପାଦନରେ ମେକ୍ ଇନ୍ ଇଣ୍ଡିଆକୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି।

'ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପାଇଁ ସେ ତାଙ୍କ ପ୍ରତି ହୃଦୟର ସହ କୃତଜ୍ଞତା ମଧ ପ୍ରକାଶ କରିଛନ୍ତି। ତାଙ୍କର ମେକ୍ ଇନ୍ ଇଣ୍ଡିଆ ପ୍ରୟାସ ଆମର କଣ୍ଟେନର ନିର୍ମାତାମାନଙ୍କୁ ବ୍ୟାପକ ପରିମାଣରେ ନିର୍ମାଣ କରିବା ପାଇଁ ଆତ୍ମବିଶ୍ୱାସ ବୃଦ୍ଧି ହେବାସହ ଏହି ଯୋଜନା ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ଦୃଢ଼ ପଦକ୍ଷେପ, ବୋଲି ଶ୍ରୀ ସର୍ବାନନ୍ଦ ସନୋୱାଲ କହିଛନ୍ତି। ଭାରତର ବାଣିଜ୍ୟ କଣ୍ଟେନର ଉପରେ ଏହା ନିର୍ଭର କରେ, କିନ୍ତୁ ପ୍ରାୟ ସମସ୍ତ କଣ୍ଟେନର ବିଦେଶରେ ତିଆରି ହୁଏ। ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣ ଅଧୀନରେ ଭାରତର କଣ୍ଟେନର ଟ୍ରାଫିକ ୨୦୨୪ ରେ ପ୍ରାୟ ୨୪ ନିୟୁତ ଟିଇୟୁଏସ ରୁ ୨୦୪୭ ସୁଦ୍ଧା ୧୭୫ ନିୟୁତ ଟିଇୟୁଏସ TEUs କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଯାହା ଘରୋଇ ଉତ୍ପାଦନ କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ସୁଧ ସବଭେନସନ ସହାୟତା (୮୫୯ କୋଟି ଟଙ୍କା): ବାର୍ଷିକ ଅତି କମରେ ୧,୦୦,୦୦୦ ଟିଇୟୁ ଗ୍ରୀନଫିଲ୍ଡ ପ୍ଲାଣ୍ଟ ଏବଂ ବାର୍ଷିକ ଅତି କମରେ ୨୫,୦୦୦ ଟିଇୟୁ ବ୍ରାଉନଫିଲ୍ଡ ବିସ୍ତାର ପାଇଁ ଯୋଗ୍ୟ ମିଆଦୀ ଋଣ ଉପରେ ବାର୍ଷିକ ୩ ପ୍ରତିଶତ ପ୍ରଦାନ କରିବ । ପରିଚାଳନାଗତ ବ୍ୟୟ ୮,୮୯୧ କୋଟି ଟଙ୍କା ସହାୟତାରେ ବିଶ୍ୱ ପରିବହନ ନିର୍ମିତ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ନିର୍ମାତାଙ୍କ ଦ୍ୱାରା ବିକ୍ରୟ କରାଯାଇଥିବା ପ୍ରତ୍ୟେକ କଣ୍ଟେନର ପାଇଁ ସହାୟତା ପ୍ରଦାନ ପୂର୍ବକ ୨୦ ଫୁଟ ଲମ୍ବ ପାଇଁ ୪୯,୫୦୦ ଟଙ୍କା ଏବଂ ୪୦ ଫୁଟ ଲମ୍ବ କଣ୍ଟେନର ପାଇଁ ୮୬,୬୨୫ ଟଙ୍କା, ଆମଦାନୀ ସହିତ ଖର୍ଚ୍ଚ ବ୍ୟବଧାନ ପୂରଣ କରିବ। ଘରୋଇ ସାମଗ୍ରୀ କ୍ଷେତ୍ରରେ ୭୦ ପ୍ରତିଶତରୁ ୯୦ ପ୍ରତିଶତକୁ ବୃଦ୍ଧି ପାଇବ । ପରୀକ୍ଷଣ ଏବଂ ପ୍ରମାଣପତ୍ର (୧୫୦ କୋଟି ଟଙ୍କା): ସାଧାରଣ ସୁବିଧା, ଯେପରିକି ଗତିଶୀଳ ଲମ୍ୱୋଣ୍ଡିଟାଲ୍ ଇମ୍ପାକ୍ଟ ପରୀକ୍ଷଣ, ବିଦେଶ ପରୀକ୍ଷଣ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ। ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ-ମନ୍ତ୍ରାଳୟ ପରିଚାଳନା କମିଟି ନିର୍ଦ୍ଦେଶାବଳୀକୁ ଅନୁମୋଦନ କରିବେ ଏବଂ ସହାୟତା ମଞ୍ଜୁର କରିବ। ଏହି ଯୋଜନା ଇସ୍ପାତ, ଉତ୍ପାଦାନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ପ୍ରାୟ ୩,୦୦୦ ରୁ ପଚାଶ ହଜାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହା କର୍ଣ୍ଣର କାଷ୍ଟିଂ, ସ୍ୱତନ୍ତ୍ର ଇସ୍ପାତ, କାଠ ଫ୍ରେମ୍ ଏବଂ ରଙ୍ଗ ଭଳି ସହାୟକ ଶିଳ୍ପଗୁଡ଼ିକୁ ମଧ ସମର୍ଥନ କରିବ। ସରକାର ଆକଳନ କରିଛନ୍ତି ଯେ ଏହା ୨୦୩୯ରୁ ୨୦୪୦ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୭୫,୦୦ କୋଟି ଟଙ୍କାର ଆର୍ଥିକ ଉତ୍ପାଦନ ସୃଷ୍ଟି କରିବ, ଯାହା ପ୍ରଦାନ କରାଯାଇଥିବା ସମର୍ଥନର ସାତ ଗୁଣରୁ ଅଧିକ ବୋଲି ଆଶା ରଖା ଯାଇଛି । ବିଶ୍ୱବ୍ୟାପୀ ନୌବାହିନୀ, ଭାରତ କଣ୍ଟେନର ସିପିଂ ଲାଇନ୍ ଏବଂ ବଧବନ ଏବଂ ଗାଲାଥିଆ ବେ ଭଳି ନୂତନ ମେଗା ବନ୍ଦରଗୁଡ଼ିକର ବଦଳାଯିବାରୁ ଚାହିଦା ଆଶା କରାଯାଇଛି ଝ କଣ୍ଟେନରଗୁଡ଼ିକ ଆମ ବାଣିଜ୍ୟର ମେରୁଦଣ୍ଡ। ଭାରତରେ ସେଗୁଡ଼ିକୁ ତିଆରି କରି, ଆମେ ସାମୁଦ୍ରିକ ଲଜିଷ୍ଟିକ୍ସ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବାସହ ଆମର ବନ୍ଦର, ଆମର ରପ୍ତାନିକାରୀ ଏବଂ ଆମର ଜାହାଜ ଚଳାଚଳ ଲାଇନ୍ ନିର୍ଭର କରେ ଏବଂ ଆମେ ଏକ ଆତ୍ମନିର୍ଭରଶୀଳ ଭାରତ ଏବଂ ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣରୁ ୨୦୪୭ ର ଲକ୍ଷ୍ୟ ଦିଗରେ ଆଉ ଏକ ପଦକ୍ଷେପ ନେଉଛୁ ବୋଲି ଶ୍ରୀ ସୋନୋୱାଲ କହିଛନ୍ତି।

ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଲେ ଅତିରିକ୍ତ ଜିଲ୍ଲାପାଳ

ଖୋର୍ଦ୍ଧା, ୨୬।୧୦: ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିବା ସହ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ।

ଚଳିତ ବର୍ଷ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ସପ୍ତାହର ପ୍ରଥମ ଦିନରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ।

ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ , ତହସିଲ , ଜିଲ୍ଲାସ୍ତରୀୟ ସରକାରୀ କାର୍ଯ୍ୟାଳୟ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିବେଦିତା ପରିଡ଼ା, ସଂଗ୍ରାମ କେଶରୀ ଜେନା, ଆର୍ତ୍ତତ୍ରାଣ ମଲ୍ଲିକ, ସୌମ୍ୟା ସାଗରିକା ସ୍ୱାଇଁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ମଞ୍ଚାସୀନ ଥିଲେ।ଏଥିରେ ଡେପୁଟି କଲେକ୍ଟର ସାରା ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ଇପ୍ସିତା ସାହୁ ଓ ଋଷଭ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ମାନସ କୁମାର ବ୍ରହ୍ମାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସେକ୍ସନ ଅଫିସର, ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ ଏବଂ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ଶପଥ ଗ୍ରହଣ କରିଥିଲେ।କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଭୋଟର ତାଲିକାକୁ ନେଇ କଂଗ୍ରେସର ରଣହୁଙ୍କାର, ଜ୍ଞାନେଶ ଇସ୍ତଫା ଦାବି

ଖୋରଧା, ୨୯।୧୦: ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀକୁ ନେଇ ଖୋରଧାରେ ବର୍ଷିଛି କଂଗ୍ରେସ। ଭୋଟର ତାଲିକା ସଂଶୋଧନ ଓ ସ୍ୱତନ୍ତ୍ର ସଘନ ସଂଶୋଧନ

(ଏସ୍‌ଆଇଆର୍) ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି ଦଳ। ଏଆଇସିସି ପର୍ଯ୍ୟବେକ୍ଷକ ନିଲାଂଶୁ ଚତୁର୍ବେଦୀ ଏହି ଅଭିଯୋଗ ଆଣିବା ସହ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖୋରଧା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚତୁର୍ବେଦୀ କହିଥିଲେ ଯେ, ନିର୍ବାଚନ ଆୟୋଗର କାର୍ଯ୍ୟଧାରା ଉପରେ ଜନସାଧାରଣଙ୍କ ଆସ୍ଥା ବଜାୟ ରହିବା ଆବଶ୍ୟକ। ଭୋଟର ତାଲିକାରୁ ଯୋଗ୍ୟ ନାଗରିକଙ୍କ ନାମ ବାଦ୍ ପଡ଼ିବା ଏବଂ ତାଲିକାରେ ନାମ ଥିବା ନେଇ ଅନିଶ୍ଚିତତା ସୃଷ୍ଟି ହେବା ଚିନ୍ତାର ବିଷୟ। ଏସ୍‌ଆଇଆର୍ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବା ସହ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ନାମ ପୁନଃ ଯୋଡ଼ାଯିବା ଦରକାର ବୋଲି ସେ ଦାବି କରିଥିଲେ। ନିର୍ବାଚନ ଆୟୋଗର ସ୍ୱାଧୀନତା ଓ ସ୍ୱାୟତ୍ତତା ଅକ୍ଷୁଣ୍ଣ ରଖିବା, ନିର୍ବାଚନ କମିଶନଙ୍କ ନିଯୁକ୍ତି ସମ୍ପର୍କିତ ଆଇନର ପୁନର୍ବିଚାର, ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ ଏବଂ ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରଭାବ ରୋକିବାକୁ କଂଗ୍ରେସ ଦାବି କରିଛି। ଏଥିସହ ଦେଶରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ ପାଇଁ ମଧ ଦଳ ପକ୍ଷରୁ ମତ ରଖାଯାଇଛି। ସାମ୍ବାଦିକ ସମ୍ମିଳନୀ ପରେ ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପିସିସି ସାଧାରଣ ସମ୍ପାଦକ ତଥା ଜିଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୋନାଲି ସାହୁ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ନିଳମଣି ଯୋଷୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବଲାଙ୍ଗିର, ୨୯।୧୦:ଇଚ୍ଛାପଡା ଶବରୀ ନାରାୟଣ ମନ୍ଦିର ନିକଟରେ ସୂଚନାକର୍ମୀ ତଥା ସମାଜସେବୀ ସ୍ୱର୍ଗତ ନିଳମଣି ଯୋଷୀଙ୍କର ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ଶୋକାକୂଳ ପରିବେଶ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ସୂଚନା ଅଧିକାରୀ କର୍ମୀ ସମାଜସେବୀ ଓ ବିଭିନ୍ନ ସଂଗଠନର ପ୍ରତିନିଧି ଯୋଗଦାନ ଦେଇ ଦିବଗଂତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ସମେତ କମିଟିର ସଦସ୍ୟ ସଦସ୍ୟ। କେଦାରନାଥ ସାହୁ, ବିଭୁଦ□ ମିଶ୍ର, ଜ୍ୟୋତି

ପ୍ରଧାନ, ସୁଶାନ୍ତ, ସଚି ପଧାନ, ସତ୍ୟ ବନଛୋର, ଗୋପବନ୍ଧୁ ଛତ୍ରିଆ, ଶୁକ୍ରୁ ବିଶ୍ୱାଲ, ଅନଙ୍ଗ ଉଦୟ ଠାକୁର, ବିରେନ୍ଦ୍ର ଝାଙ୍କର, ଆଶିଷ ପାଣ୍ଡେ, ସରୋଜ କୁମାର ମେଶ୍ୱା ଯୋଗ ଦେଇଥିଲେ । ସଭାରେ ସ୍ୱର୍ଗତ ଯୋଷୀଙ୍କର ସୂଚନା ଅଧିକାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମସ୍ତ ବକ୍ତା ମତାମତ ରଖିଥିଲେ। ଏହା ଓଡିଶାର ସୂଚନା ଅଧିକାର କ୍ଷେତ୍ରରେ ବିରାଟ ସୁନ୍ୟସ୍ଥାନ ଏବଂ ଏହା କେହି ପୁରଣ କରି ପାରିବେ ନାହିଁ ବୋଲି ସମସ୍ତ ବକ୍ତା ମତାମତ ଦେଇଥିଲେ। ଏକ ବୈଦିକ ପରଂପରା ଏବଂ ମନ୍ତ୍ରପାଠ ସହ ସଭା ସମାପନ ହୋଇଥିଲା।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ସତର୍କତା ସଚେତନତା ସପ୍ତାହ

ଖୋର୍ଦ୍ଧା,୨୯।୧୦(ନି.ପ୍ର.): ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର କାର୍ମିକ ବିଭାଗ ପକ୍ଷରୁ ଖୋର୍ଦ୍ଧା ରୋଡ୍‌ସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ବୈଠକ କକ୍ଷରେ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ଆଲୋଚନାଚକ୍ରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଘଓଝରଜ)ର ମାନବିକୀ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଶ୍ରୀ ଅମରେନ୍ଦ୍ର ଦାସ ଉଦ୍‌ବୋଧନ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀମାନେ ସର୍ବୋଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା ସହ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ମନୋବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତ୍ତାର ଉଦାହରଣ ଦେଇ ସରକାରୀ କାର୍ଯ୍ୟରେ ନୈତିକ ନିଷ୍ପତ୍ତି ଗ୍ରହଣ ଓ ଦାୟିତ୍ୱପୂର୍ଣ୍ଣ ଆଚରଣର ଗୁରୁତ୍ୱ ବୁଝାଇଥିଲେ। ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଅଧିକାରୀ, ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସେମାନେ ସଂଗଠନର କାର୍ଯ୍ୟଧାରାରେ ସତର୍କତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।୨୦୨୬ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁକୁ ନେଇ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି, ସୁଶାସନକୁ ସୁଦୃଢ଼ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ଏହି ବିଷୟବସ୍ତୁ ପ୍ରତିଫଳିତ କରୁଛି। ରେଳ କର୍ମଚାରୀଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ନିଜ କର୍ତ୍ତବ୍ୟକୁ ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ ସମ୍ପାଦନ କରିବାକୁ ଉତ୍ସାହିତ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।ଏହି କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୧ ଶ୍ରୀ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଯୋଜିତ ହୋଇଥିଲା। ଶେଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୨ ଶ୍ରୀ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଓଲାର ଅଧକ୍ଷ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ବିୟୋଗରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଶୋକସଭା

ଅନୁଗୋଳ ତା ୨୯.୧୦(ମନ୍ଥନ) : ନିଖିଳ ଓଡିଶା ଆଇନଜୀବୀ ସଂଘ (ଓଲା) ର ଅଧକ୍ଷ ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ବିୟୋଗରେ ଅନୁଗୋଳ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି।

ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ସଂଘର ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ, ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ସାହୁ, ପ୍ରଦୀପ ଦେବତା, ଦିଲ୍ଲୀପ ଦାସ, ବିପିନ ସାହୁ, ତପନ ଦେହୁରୀ, ଶତ୍ରୁଘ୍ନ ସାହୁ, ସଞ୍ଜୟ ଦେହୁରୀ, ଅରବିନ୍ଦ ସାହୁ, ଅଶୋକ ପଟ୍ଟନାୟକ, ହେମନ୍ତ ସାହୁ, ବୈଷ୍ଣବ ପାତ୍ର, ଆଶିଷ ସାହୁ, ପାର୍ଥସାରଥୀ ପ୍ରଧାନ, ଶିବରାମ ସାହୁ, ମମତା ପଟ୍ଟନାୟକ ପ୍ରମୁଖ ଆଇନଜୀବୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକ ସଭାରେ ସ୍ୱର୍ଗତ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ବିୟୋଗରେ ଅନୁଗୋଳ ଓକିଲ ସଂଘ ବିଶେଷ ଭାବେ ଦୁଃଖିତ ଓ ମର୍ମାହତ। ତାଙ୍କର ବିୟୋଗ ଓକିଲ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି, ତାଙ୍କର ବ୍ୟକ୍ତିତ୍ୱ, ଓକିଲ ମାନଙ୍କ ପାଇଁ ଅବଦାନ ସର୍ବଦା ଆମ ହୃଦୟରେ ରହିବ ବୋଲି ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, କର୍ମକର୍ତ୍ତା, ଆଇନଜୀବୀ ମାନେ ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ